

ରୋନାଲ୍ଡୋଙ୍କୁ ବର୍ଷକୁ ୨ହଜାର କୋଟି


▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-4 ◆BHUBANESWAR ◆SATURDAY ◆28 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪ ◆ଭୁବନେଶ୍ୱର ◆ଶନିବାର ◆୨୮ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ପାହୁଣ୍ଡେ ଗଡ଼ି ଅଟକିଲା ନନ୍ଦିଘୋଷ

## ବଳଗଣ୍ଡିଠାରେ ବଳଭଦ୍ର, ମରୀଚିକୋଟରେ ସୁଭଦ୍ରା, ସିଂହଦ୍ୱାର ନିକଟରେ ଅଟକିଲା ଶ୍ରୀଜଗନ୍ନାଥଙ୍କ ରଥ



■ **ପୁରୀ, ୨୭।୬ (ସମିସ):** ନୀଳକନ୍ଦର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇ-ଭଉଣୀଙ୍କୁ ସାଥିରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ପର୍ଶରେ ରଥ-ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦାରୁଦିଅଁଙ୍କ ଦିବ୍ୟଦର୍ଶନ ପାଇ ଭାବରେ ଭିଜିଛନ୍ତି ଲକ୍ଷଲକ୍ଷ ଭକ୍ତ। ଧାର୍ଯ୍ୟ ସମୟରେ ରଥଟଣା ସତ୍ତ୍ୱେ ଶରଧାବାଲି ଛୁଇଁପାରିନି ଗୋଟିଏ ବି ରଥ। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି (ମାଜଣା ଜାଗା ନିକଟ) ଠାରେ ଅଟକି ଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମରୀଚିକୋଟ ଛକରେ ଅଟକିଛି। ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥକୁ ପାହୁଣ୍ଡେ ମାତ୍ର ଟଣାଯିବା ପରେ ସିଂହଦ୍ୱାର ନିକଟରେ ଅଟକିରହିଛି।

### ଶନିବାର ସକାଳ ୯ .୩୦ରେ ପୁଣି ରଥଟଣା

### ପୁରୀରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

### ସିଂହଦ୍ୱାରରେ ଠେଲାପେଲା, ଶତାଧିକ ଆହତ

ପରମ୍ପରା ମୁତାବକ, ପୁଣି ଶନିବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥକୁ ଟାଣି ନିଆଯିବ ଶରଧାବାଲି। ରାତିରେ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇ ରବିବାର ଆଡ଼ପମଣ୍ଡପ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ତେବେ ମହାପ୍ରଭୁଙ୍କ ଏହି ନବଦିନାତ୍ମକ ଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପ୍ରାୟ ୧୦ଲକ୍ଷରୁ ଅଧିକ ଭକ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିଛନ୍ତି। ପବିତ୍ର ଘୋଷଯାତ୍ରା ଅବସରରେ ଶୁକ୍ରବାର ନୀତିକାନ୍ତି ଆରମ୍ଭରୁ ବିଳମ୍ବ ହୋଇଥିଲା। ଫଳରେ ପହଣ୍ଡି ବିଳମ୍ବରେ ଆରମ୍ଭ ହୋଇଥିଲେ ହେଁ ରଥଟଣା ବେଳକୁ ନୀତିକାନ୍ତି ପ୍ରାୟ ▶ପୃଷ୍ଠା-୭

# ଭାଙ୍ଗିଲା ୩୦ ବର୍ଷର ପରମ୍ପରା

■ **ପୁରୀ, ୨୭।୬ (ସମିସ):** ଗତ ୩ ଦଶନ୍ଧି ମଧ୍ୟରେ ଯାହା ଘଟି ନ ଥିଲା, ତାହା ଏବେ ଘଟିଲା। ଶରଧାବାଲିରେ ଗୋଟିଏ ବି ରଥ ପହଞ୍ଚି ପାରିଲା ନାହିଁ । ରାତି ହେବା ପୂର୍ବରୁ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇ ପାରିଲା ନାହିଁ, ଶେଷରେ ରାତିରେ ଆଲୁଅ ଲଗାଇ ନନ୍ଦିଘୋଷ ରଥକୁ କେଇ ହାତ ଟଣାଯାଇ ବିଧି ରକ୍ଷା କରାଗଲା। ଯାହାକୁ ନେଇ ଭକ୍ତଙ୍କ ମନରେ ତୀବ୍ର ଅସନ୍ତୋଷ, ସେବାୟତମାନଙ୍କ ମନରେ କ୍ଷୋଭ। କାହିଁକି ଏପରି ଅବ୍ୟବସ୍ଥା ହେଲା ଓ ଏହା ପଛରେ କିଏ ଦାୟୀ ତାହାକୁ ଖୋଜିବା ପରିବର୍ତ୍ତେ ଆଇନମନ୍ତ୍ରୀ ଏହାକୁ ସାଧାରଣ କଥା ବୋଲି କହି ଏହାକୁ ଘୋଡ଼ାଇ ଦେବାକୁ ପ୍ରୟାସ କଲେ। ସବୁବର୍ଷ ଏପରି ହୁଏ ବୋଲି କହି ଘଟଣାକୁ ଗୁରୁତ୍ୱହୀନ କରିବାକୁ ଉଦ୍ୟମ କଲେ; ଯାହାକୁ ବିଭିନ୍ନ ମହଲରେ ଏବେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

ରଥଯାତ୍ରା ପ୍ରାରମ୍ଭରେ ନୀତିକାନ୍ତି ବିଳମ୍ବ ହୋଇଥିଲେ ହେଁ ପରେ ଏହା ସ୍ୱାଭାବିକ ହୋଇଯାଇଥିଲା। ଅର୍ଥାତ୍ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ଘଣ୍ଟ ସମୟରେ ଚାଲିଥିଲା ରଥଯାତ୍ରାର ନୀତିକାନ୍ତି। ଏହାସତ୍ତ୍ୱେ ଗୋଟିଏ ବି ରଥ ଶରଧାବାଲିରେ ପହଞ୍ଚି ପାରିଲା ନାହିଁ, ଯାହାକି ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ଛିଡା କରିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ବି ହେଉଛି। ନିକଟ ଅତୀତରେ ମହାପ୍ରଭୁଙ୍କ ପ୍ରତି ଯେଉଁଭଳି ଆଚରଣ ପ୍ରଦର୍ଶନ କରାଯାଉଛି ଏହା ତା'ର ପ୍ରତିଫଳନ କି? ଠାକୁର ରାଗିଛନ୍ତି କି ବୋଲି ପ୍ରଶ୍ନ ଶ୍ରଦ୍ଧାଳୁଙ୍କ ମହଲରେ ଜୋର ଧରିଛି ।

ଶୃଙ୍ଖଳିତ ଏବ ସୁରକ୍ଷିତ ରଥଯାତ୍ରା ପାଇଁ ଏ ବର୍ଷ ପୂର୍ବବର୍ଷ ତୁଳନାରେ ଅଧିକଥର ବୈଠକ ବସିଛି। ଶ୍ରୀମନ୍ଦିର ପରିଚାଳନା କମିଟି ଦୀର୍ଘ କାଳ ଧରି ଗଠନ ହୋଇ ନ ଥିବାରୁ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ବାରମ୍ବାର ମାନସମନ୍ଵନ ହୋଇଛି। ମନ୍ତ୍ରୀସ୍ତରୀୟ କମିଟି ବି ଗଠନ କରାଯାଇଛି ଓ ମନ୍ତ୍ରୀମାନେ ବାରମ୍ବାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ତ୍ରୁଟି ଶୂନ୍ୟ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସବୁ ବ୍ୟବସ୍ଥା, ତାଗିଦ୍ ଓ ନିର୍ଦ୍ଦେଶ ଶେଷରେ ଫେଲ୍ ମାରିଛି। ନିର୍ଘଣ୍ଟ ସମୟରେ ନୀତିକାନ୍ତି ସତ୍ତ୍ୱେ ଗୋଟିଏ ରଥ ଶରଧାବାଲି ତ ଦୂରର ▶ପୃଷ୍ଠା-୭

# ପାସ୍ ବଣ୍ଟନରୁ ମହାବିଭ୍ରାଟ

## ନିଜ ଲୋକଙ୍କୁ ଦୁଇ ମନ୍ତ୍ରୀ ବାଣ୍ଟିଛନ୍ତି ୬ ହଜାର ପାସ୍

■ **ଭୁବନେଶ୍ୱର, ୨୭ ।୬ (ସମିସ):** ଚଳିତବର୍ଷ ପୁରୀ ରଥଯାତ୍ରାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ନନ୍ଦିଘୋଷ ରଥ ମାତ୍ର ଦୁଇ ପାହୁଣ୍ଡ ଆଗକୁ ଗଡ଼ି ସିଂହଦୁଆର ସାମ୍ନାରେ ଛିଡ଼ା ହୋଇଛି। ରଥ ଚାରିପଟେ କଡର୍ନ ଭିତରେ ମାତ୍ରାଧିକ ଭିଆଇପି ଓ ଭିଭିଆଇପି ପାସ୍‌ଧାରୀଙ୍କ ଭିଡ଼ ଯୋଗୁଁ ଏଭଳି ବିଭ୍ରାଟ ଘଟିଥିବା ଅଭିଯୋଗ ହେଉଛି। ସୁରକ୍ଷା କଡ଼ନ୍ ଭିତରେ ଏତେ ମାତ୍ରାରେ ଭିଡ଼ ଯୋଗୁଁ ରଥ ଟାଣିବା ସମ୍ଭବ ହୋଇ ନ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଭିଡ଼ ହ୍ରାସ ପାଇଁ ଚେଷ୍ଟା କରାଯାଇଥିଲେ ବି ସମ୍ଭବ ହୋଇନଥିଲା। କଡ଼ନ୍ ଭିତରୁ ଯେତିକି ଲୋକଙ୍କୁ ଖାଲି କରାଯାଉଥିଲା। ପୁଣି କିଛି ସମୟ ଭିତରେ ସେତିକି ଭିଡ଼ ହୋଇଯାଉଥିଲା। ସମସ୍ତେ ପାସ୍ ଧରି କର୍ଡନ୍ ଭିତରକୁ ପ୍ରବେଶ କରୁଥିବାରୁ ପୁଲିସ କାହାକୁ ଅଟକାଇ ପାରୁନଥିଲା। ଶେଷରେ ଏଭଳି ଅସୁବିଧାର ସାମ୍ନା କରିବାକୁ ପଡ଼ିଥିଲା। ଏଥିସହ କିଛି ଯୁବକମାନେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ଫଟୋ ସମ୍ବଳିତ ସ୍ୱେଚ୍ଛାସେବୀ ଆଇଡି କାର୍ଡ ପକାଇ କଡର୍ନ ଭିତରେ ଭିଡ଼

### ଭିଆଇପି- ଭିଭିଆଇପି ପାସ୍‌ଧାରୀଙ୍କ ଯୋଗୁ ବିଶୃଙ୍ଖଳା

### ସରକାରଙ୍କୁ କଟୁ ସମାଲୋଚନା କଲେ ଭକ୍ତ ଓ ଶ୍ରଦ୍ଧାଳୁ

ଜମାଇଥିଲେ। ରଥଯାତ୍ରାରେ ଏଭଳି ବିଭ୍ରାଟ ବିଗତ ୫୦ ବର୍ଷ ଭିତରେ କେବେ ହୋଇ ନ ଥିଲା ବୋଲି ଜଗନ୍ନାଥ ପ୍ରେମୀ କ୍ଷୋଭର ସହ କହିଛନ୍ତି।

ଅପରାହ୍ଣ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ମାତ୍ର କର୍ଡନ ଭିତରେ ପାସଧାରୀଙ୍କ ଭିଡ଼ ଯୋଗୁଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିଭଳି ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଛକ ଯାଏ ଯାଇ ପାରିଥିଲା। ମାତ୍ର ସନ୍ଧ୍ୟା ୭ଟା ସୁଦ୍ଧା ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବିଲ୍‌କୁଲ୍ ବି ଟଣା ହୋଇ ପାରିନଥିଲା। କର୍ଡନ ଭିତରୁ ପୁଲିସ ପାସ୍‌ଧାରୀମାନଙ୍କୁ ହଟାଇବାକୁ ବହୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା। ରଥ ଟଣା ହୋଇ ନ ପାରିବା ଯୋଗୁଁ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବହୁ ବିଳମ୍ବ ହୋଇଯାଇଥିବାରୁ ଶେଷରେ ନନ୍ଦିଘୋଷ ରଥ କେବଳ ଗୋଟିଏ ପାହୁଣ୍ଡ ଆଗକୁ ଗଡ଼ିଥିଲା। ▶ପୃଷ୍ଠା-୭

# ଆସୁଛି ଲଘୁଚାପ; ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୨୭।୬ (ସମିସ):** ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ସ୍ଥିତି ଜାରି ରହିଥିବାବେଳେ ପୁଣି ଏକ ଲଘୁଚାପ ଓଡ଼ିଶାରେ ଅଧିକ ବର୍ଷା କରାଇବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ୨୯ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି ଓ ବିଶେଷ କରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ ବୋଲି ଆକଳନ କରାଯାଉଛି।

ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବାର ସମ୍ଭାବନା ଥିବାବେଳେ ପୁଣି ୪ କିମ୍ବା ୫ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ତେଣୁ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ଏସ୍ଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଶନିବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୨୯ରୁ ବର୍ଷାର ପ୍ରଭାବ ବଢ଼ିବା ସହ ୩୦ରେ ଅନେକ ସ୍ଥାନରେ ପ୍ରବଳ ହେବ।

# ରଥ ଚକାତଳେ ଯୁବକଙ୍କ ପ୍ରାଣଗଲା

■ **ବ୍ରହ୍ମପୁର, ୨୭।୬ (ସମିସ):** ଚାରିଆଡ଼େ ଧୁମ୍‌ଧାମ୍‌ରେ ଘୋଷଯାତ୍ରା ପାଳିତ ହେଉଥିବାବେଳେ ପୁରୁଷୋତ୍ତମପୁର ଶିକୁଳା ଗ୍ରାମରେ ରଥଟଣା ବେଳେ ଅଘଟଣ ଘଟିଛି। ରଥ ଚକା ଚଢ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଶିବରାମ ବେହେରା। ରଥ ମୋଡ଼ ନେବାରୁ ଶିବରାମଙ୍କ ଉପରେ ଚକ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘୋଷଯାତ୍ରାରେ ଏଭଳି ଅଘଟଣ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ଏପରି ଅଘଟଣ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଗଛରେ ପିଟିହେଲା କାର୍; ୩ ଭାଇ ମୃତ



■ **ଝରିଗାଁ, ୨୭ ।୬(ସମିସ):** ନବରଙ୍ଗପୁର ଜିଲ୍ଲା, ଝରିଗାଁ ଥାନା ଅନ୍ତର୍ଗତ ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାର ଡାଇନିଗୁଡ଼ା ଗ୍ରାମ ନିକଟରେ ଏକ ଦୁର୍ଘଟଣା ୩ ଭାଇଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ଝରିଗାଁ ସିରାଗୁନା ସାହିର ଚମ୍ପକ ଲାଲ ଜୈନଙ୍କ ପୁଅ ସାଗର ଜୈନ (୨୦), ସ୍ୱର୍ଗତ ମହାବୀର ଜୈନଙ୍କ ପୁଅ ଅଙ୍କୁର ଜୈନ (୩୦) ଏବଂ ମନମୋହନ ଜୈନଙ୍କ ପୁଅ କ୍ରିସ ଜୈନ (୧୮) । ୩ଜଣ ଯାକ ସଂପର୍କୀୟ ଭାଇ।

ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୩ଜଣଯାକ ଏକ କାର୍‌ରେ ଫୁପୁଗାଁ ଯାଉଥିଲେ। ଡାଇନିଗୁଡ଼ା ଗାଁ ନିକଟରେ ସେମାନଙ୍କ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ତେନ୍ତୁଳି ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ସାଗର ଏବଂ ଅଙ୍କୁରଙ୍କ ମୃତ୍ୟୁ ହୋଇଯାଇଥିଲା। କ୍ରିସ୍ ଗୁରୁତର ଆହତ ହୋଇଥିଲେ। ଝରିଗାଁ ପୁଲିସ୍ ଘଟଣାସ୍ଥଳରେ ▶ପୃଷ୍ଠା-୭




# ଦିବ୍ୟ ଦର୍ଶନ

## ଭାବ-ଭକ୍ତିରେ ଭିଜିଲା ଶ୍ରୀକ୍ଷେତ୍ର

# ଭକ୍ତ-ଭଗବାନ ଏକାକାର





























ଫଟୋ- ଅନୀଲ

# ଟୋକନ ଅବଧି ତିନି ଦିନ, ମଣ୍ଡିରୁ ଉଠୁନି ଧାନ




ମିଲରଙ୍କ ମନମାନୀ; ସରକାର ନିରବ, ବର୍ଷାରେ ଗଜା ହେଲାଣି ଧାନ

ଭୁବନେଶ୍ୱର, ୨୭।୬(ସମିସ): ରବି ଧାନ ବିକ୍ରି ଅବଧି ଆଉ ମାତ୍ର ୩ ଦିନ । ହେଲେ ଅଧାରୁ ଅଧିକ ଜିଲ୍ଲାରେ ଏପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିନି। ଅଧିକାଂଶ ଜିଲ୍ଲାରେ ଖୋଲା ଆକାଶ ତଳେ ଧାନ ପଡ଼ି ବର୍ଷାରେ ଗଜା ହେଲାଣି। ଏହାକୁ ନେଇ ରାଜ୍ୟବ୍ୟାପୀ ଚାଷୀଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ମାତ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ମିଲର୍‌ମାନେ ଧାନ କିଣାରେ ମନମାନି କରୁଛନ୍ତି। ଟୋକନ୍ ତାରିଖ ଥିଲେ ବି ଧାନ ଉଠାଉନାହାନ୍ତି। ବିଶେଷକରି ଯେଉଁମାନେ କଟ୍‌ନୀଛଟ୍‌ନୀରେ ରାଜି ହେଉଛନ୍ତି, ତାଙ୍କ ଧାନ ଉଠୁଛି। ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କ ଧାନ ଦିନ ଦିନ ଧରି ପଡ଼ି ରହୁଛି। ଖରିଫ୍ ଧାନ କିଣାବେଳେ ଏଭଳି ସମସ୍ୟା ଉପୁଜିଥିଲା। ରବିରେ ଏହି ସମସ୍ୟାର ପୁନରାବୃତ୍ତି ହେବନି ବୋଲି ସରକାର କହିଥିଲେ। ମାତ୍ର ସରକାରଙ୍କ କୋହଳ ପଣ ଓ ଅଧିକାରୀଙ୍କ ଖାମ୍‌ଖିଆଲ୍ ଗୁଣ ଯୋଗୁଁ ବିଚରା ଚାଷୀ ନିଜ ଉତ୍ପାଦିତ ଧାନ ବିକ୍ରି କରି ନ ପାରି ଦହଗଞ୍ଜ ହେଉଛି।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିରେ ଚାଷୀକୂଳ ଯେତିକି ଖୁସି ହୋଇଥିଲା। ଧାନ ବିକ୍ରି କରି ନ ପାରି ସେତିକି ଦହଗଞ୍ଜ ହେଉଛି। ମଣ୍ଡିରେ ପଡ଼ି ଏବେ ଧାନ ନଷ୍ଟ ହୋଇଯାଇଥିବାରୁ ତାକୁ ବେପାରୀ ନେବାକୁ ବି ରାଜି ହେଉନାହାନ୍ତି। କେତେକ ସମବାୟରେ ଚାଷୀଙ୍କ ଠାରୁ ମିଲର୍‌ମାନେ ଧାନ ଉଠାଇଛନ୍ତି। ସେଠାରେ ବହୁ ଚାଷୀଙ୍କୁ ଧାନ ବାବଦ ଟଙ୍କା ଦିଆଯାଇନାହିଁ। ରବି ଋତୁ ସରି ଖରିଫଋତୁ ଆସିଯାଇଥିବାବେଳେ ରବି ଋତୁର ଧାନବିକା ପଇସା ମିଳିପାରିନି। ଏହି ସମସ୍ୟାକୁ ବିଭିନ୍ନ ଚାଷୀ ସଂଗଠନମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବାରୁ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। କୋରାପୁଟ, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର ଜିଲ୍ଲାରେ ଦିନ ଦିନ ଧରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ସେମାନେ ଟୋକନ ପାଇ ମଣ୍ଡିରୁ ଆଣିଥିବା ଧାନ ତୁରନ୍ତ ସରକାରୀ ବ୍ୟବସ୍ଥାରେ ଖରିଦ କରିବା, ଗଜା ହୋଇଥିବା ଧାନକୁ ବି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା, ଚାଷୀମାନଙ୍କୁ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବି କରିଛନ୍ତି ଚାଷୀ ସଂଗଠନ।

ସେହିଭଳି ଦେବଗଡ, ବରଗଡ, କଳାହାଣ୍ଡି, ନୂଆପଡା ଆଦି ଜିଲ୍ଲାରୁ ଧାନ ସଂଗ୍ରହରେ ଅବ୍ୟବସ୍ଥା ପିଛା ଛାଡୁନି। ରାଜ୍ୟର ଉପକୂଳବର୍ତ୍ତୀ ଓ ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡିକରେ ବି ଅନୁରୂପ ସମସ୍ୟା ଲାଗି ରହିଛି। ମିଲରମାନେ ଧାନ ଉଠାଇବା ଓ ଉଠାଉଥିବା ଧାନର ଦାମ୍ ତୁରନ୍ତ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଯୋଗାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ବହୁ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏମିତିକି ରାଜଧାନୀରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କ ସମସ୍ୟା ଘେନି ଧାରଣା ଦେବାକୁ ନୋଟିସ୍ ଦିଆଯାଇଥିବାବେଳେ ଚାଷୀ ନେତାମାନଙ୍କୁ ଧାରଣା ଦେବାପାଇଁ ପ୍ରଶାସନ ଅନୁମତି ଦେଇନଥିବା ଜଣାପଡିଛି। ଚାଷୀମାନେ ହନ୍ତସନ୍ତ ହେଉଥିବା ପରିସ୍ଥିତିରୁ ଫାଇଦା ଉଠାଇ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ ଢେର କମ୍ ଦରରେ ଟ୍ରକ ଟ୍ରକ ଧାନ ବୁହାଇ ନେଉଛନ୍ତି। ପରିବାରର ଖର୍ଚ୍ଚ ଓ ଚାଷପାଇଁ ବାଧହୋଇ ଚାଷୀମାନେ କମ୍ ଦରରେ ଧାନ ବିକୁଛନ୍ତି। ଏ ପ୍ରସଙ୍ଗରେ କୃଷକ ସଂଗଠନଗୁଡିକ ପକ୍ଷରୁ ଆପତ୍ତି ଉଠୁଥିବାବେଳେ ଉଭୟ ଶାସକ ଓ ବିରୋଧିଦଳର କୃଷକ ଶାଖାଗୁଡିକ କିନ୍ତୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ସମାଧାନ ଲାଗି ସେଭଳି କିଛି ପଦକ୍ଷେପ ନେଉନାହାନ୍ତି।

# ଡାକ୍ତରଖାନାରୁ ଟିଭିରେ ରଥଯାତ୍ରା ଦେଖିଲେ ନବୀନ




ଭୁବନେଶ୍ୱର, ୨୭।୬(ସମିସ): ପ୍ରତିବର୍ଷ ରଥଯାତ୍ରାରେ ପୁରୀରେ ରଥାରୁଢ଼ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ସହ ରଥ ଟାଣୁଥିଲେ ବିଜେଡି ସୁପ୍ରିମୋ ଓ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତବର୍ଷ ମଧ୍ୟ ସେ ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ମାତ୍ର ଚଳିତ ବର୍ଷ ମୁମ୍ବାଇରେ ଚିକିତ୍ସାଧୀନ ଥିବାରୁ ସେ ପୁରୀ ଯାଇ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରି ପାରି ନାହାନ୍ତି। ଏହା ସତ୍ତ୍ୱେ ଡ଼ାକ୍ତରଖାନାରେ ଆଜି ଟିଭିରେ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥଯାତ୍ରାର ସିଧା ପ୍ରସାରଣ ଦେଖିଛନ୍ତି। ଡାକ୍ତରଖାନା ଶଯ୍ୟାରେ ସେ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଛନ୍ତି। ଯାହାର ଭିଡିଓ ନବୀନ ନିଜ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି।ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ "ସେ ଦିବ୍ୟ, ସର୍ବବିଦ୍ୟ, ସେ ସାରା ଜଗତର ନାଥ। ଦୂରରେ ରହିଲେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପାଇଲି। ଜୟ ଜଗନ୍ନାଥ"। ନବୀନଙ୍କ ସଫଳ ଅସ୍ତ୍ରୋପଚାର ପରେ ଏବେ ତାଙ୍କର ଫିଜିଓଥେରାପି ଚାଲିଛି। ରଥଯାତ୍ରା ଅବସରରେ ବିଜେଡି ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜ ପ୍ରିୟ ନେତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସେ ଓଡ଼ିଶା ଫେରିଆସିବେ ବୋଲି ଦଳୀୟ ନେତାମାନେ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ନବଜାତ ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗିଦେଲେ

## ବାପା-ମା' ଅଟକ, ଶବ ପାଉନି ପୁଲିସ

ଜଳେଶ୍ୱର ବ୍ଲକ, ୨୭।୬ (ସମିସ): ନବଜାତ ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗି ହତ୍ୟା କରିବା ପରେ ମାଟି ଖୋଳି ପୋତିଦେଲେ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଓଲମରା ପଞ୍ଚାୟତ ରାଜନଗର ଗ୍ରାମରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଗତ ୧୯ ତାରିଖରୁ ଏହି ଘଟଣା ଘଟିଥିବା ବେଳେ ଜଳେଶ୍ୱର ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ବାପା-ମା'ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ, ଗ୍ରାମର ଦେବୁ ନାୟକ ଓ ତାଙ୍କ ପତ୍ନୀ ସୁଭଦ୍ରା। କିନ୍ତୁ ପୁଲିସ୍ ନବଜାତ ଶିଶୁକନ୍ୟାର ଶବ ପାଉନାହିଁ। ଯେଉଁ ସ୍ଥାନରେ ଶବ ପୋତାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ, ସେଠାରେ ଖୋଳାଖୋଳି କରି ପୁଲିସ୍ ନିରାଶ ହୋଇଛି।

ସୂଚନାନୁଯାୟୀ, ଶିଶୁକନ୍ୟାଟି ଜନ୍ମ ହେବାର ୩ ଦିନ ପରେ, ଗତ ୧୯ ତାରିଖ ଦିନ ଏହି ଦମ୍ପତି ନବଜାତ ଶିଶୁକନ୍ୟାକୁ ପଡ଼ୋଶୀ କାଳିଆ ନାୟକଙ୍କ ବାଡ଼ିରେ ଥିବା ଗଡ଼ିଆକୁ ଫିଙ୍ଗି ଦେଇଥିଲେ। ପରେ ଶବକୁ ନେଇ ନିଜ ବାଡ଼ିରେ ପୋତି ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ୨୫ ତାରିଖରେ ଗାଁର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଦେବୁ ଓଲଟି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଦିଲ୍ଲୀପ ଦାସ ନାମକ ଜଣେ ଗ୍ରାମବାସୀ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# 'ଖାକି'ରେ ଦୁଷ୍କର୍ମ ଦାଗ

## କନଷ୍ଟେବଲଙ୍କ ବିରୋଧରେ ସଂଗୀନ ଅଭିଯୋଗ

ବ୍ରହ୍ମପୁର, ୨୭।୬ (ସମିସ): ଖାକିରେ ଦୁଷ୍କର୍ମ ଦାଗ। ଗୋପାଳପୁର ଓ ଗୋଳନ୍ଥରା ଅଞ୍ଚଳରେ ଗଣଦୁଷ୍କର୍ମ ଏବଂ ବ୍ରହ୍ମପୁରରେ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାକୁ ନେଇ ପୂରା ରାଜ୍ୟ ପଡୁଛି ଉଠୁଛି। ଏପରି ସ୍ଥିତିରେ ଆଜି ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ଜଣେ ପୁଲିସ୍ କନେଷ୍ଟବଳ ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ବ୍ରହ୍ମପୁର ପୁଲିସ ଜିଲ୍ଲାର ଜଣେ କନଷ୍ଟେବଳ ଜଣେ ମହିଳାଙ୍କୁ ଏକାଧିକଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କର ଦୁଇ ସନ୍ତାନ ଥିବା ବେଳେ କନଷ୍ଟେବଳଜଣକ ମଧ୍ୟ ବିବାହିତ। ପୀଡ଼ିତାଙ୍କ ସ୍ୱାମୀ ବାହାରେ ଚାକିରି କରୁଥିବାରୁ ସେ ଟାଉନ୍ ଥାନା ଅଞ୍ଚଳରେ ଏକାକୀ ରହୁଥଲେ।

କିଛି ବର୍ଷ ତଳେ ମହିଳା ଓ କନଷ୍ଟେବଳଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ କନଷ୍ଟେବଳଜଣଙ୍କ ବାହା ହେବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ କନଷ୍ଟେବଳଜଣଙ୍କ ବ୍ରହ୍ମପୁରରୁ ଦିଗପହଣ୍ଡିକୁ ବଦଳି ହୋଇଯାଇଥିଲେ। ମାତ୍ର ବିଭିନ୍ନ ସମୟରେ ସେ ବ୍ରହ୍ମପୁର ଆସି ସମ୍ପୃକ୍ତ ମହିଳାଙ୍କୁ ସାକ୍ଷାତ କରୁଥିଲେ। ବର୍ତ୍ତମାନ ପୁଣି କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା କନଷ୍ଟେବଳଙ୍କୁ ମହଙ୍ଗା ପଡ଼ିଛି। କନଷ୍ଟେବଳଙ୍କ ବିରୁଦ୍ଧରେ ମହିଳାଜଣକ ଦୁଷ୍କର୍ମ ଭଳି ସାଙ୍ଘାତିକ ଅଭିଯୋଗ ଆଣି ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ମହିଳାଙ୍କ ବୟାନ ରେକର୍ଡ ସହ କୋର୍ଟରେ ମଧ୍ୟ ତାଙ୍କ ବୟାନ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଅଭିଯୁକ୍ତ କନଷ୍ଟେବଳ ଜଣକ ଛୁଟିରେ ରହିଥିବା ବେଳେ ଆସନ୍ତା ୩୧ରେ ସେ ଚାକିରିରେ ଯୋଗ ଦେଇଥାନ୍ତେ। ତେବେ ତାଙ୍କ ବିରୋଧରେ ଦୁଷ୍କର୍ମ ଭଳି ସଂଗୀନ ମାମଲା ରୁଜୁ ହେବା ଖବର ପାଇ ସେ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ସମ୍ପୃକ୍ତ କନଷ୍ଟେବଳଙ୍କୁ ଧରିବାକୁ ଟାଉନ ଥାନା ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପ୍ରକାଶ ଥାଉ କି ଅଭିଯୁକ୍ତ କନଷ୍ଟେବଳଜଣଙ୍କ ନିଜ ପିତାଙ୍କ ମୃତ୍ୟୁ ପରେ ରିହାବିଲେସନ୍ ଯୋଜନାରେ ୨୦୦୬ ମସିହାରେ ଚାକିରି ପାଇ ୨୦୦୮ରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ କନଷ୍ଟେବଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ବିଜିପୁର ଅଞ୍ଚଳରେ ରହୁଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ହାତୀ ଆକ୍ରମଣରେ ଜଣେ ମୃତ

ତେଲକୋଇ, ୨୭।୬(ସମିସ): ଘର ପାଖ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ଜୁଆଙ୍ଗ ଜନଜାତି ସମ୍ପ୍ରଦାୟର ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଧନେଶ୍ୱର ଜୁଆଙ୍ଗ। ଘର କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ରାଇସୁଆଁ ପଞ୍ଚାୟତ କୁଳଙ୍ଗ ବଲାଙ୍ଗି ସାହିରେ। ଧନେଶ୍ୱର ଶୁକ୍ରବାର ନିକଟସ୍ଥ ଝିଙ୍କଦରି ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିଲା ବେଳେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ଧନେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇସାରିଥିଲା। ବନ କର୍ମଚାରୀ ଘଟଣାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି।



# ଶୈଳଶ୍ରୀକ୍ଷେତ୍ରରେ ମହାସମାରୋହରେ ରଥଯାତ୍ରା ସମ୍ପନ୍ନ












ଅନୁଗୋଳ, ୨୭ ।୬(ସମିସ)

ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ। ଶୁକ୍ରବାର ହଜାର ହଜାର ଭକ୍ତଙ୍କ ସମାଗମରେ ଶୈଳଶ୍ରୀକ୍ଷେତ୍ର ଅନୁଗୋଳଠାରେ ତିନି ଠାକୁରଙ୍କ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଗୁରୁବାର ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପରେ ବଡ଼ଦେଉଳରେ ସର୍ବସାଧାରଣଙ୍କ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ପ୍ରାତଃ ସମୟରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି ହୋଇଥିଲା। ପରେ ସେନାପଟା ଲାଗି, ଅବକାଶ ନୀତି ଓ ରୋଷହୋମ କାର୍ଯ୍ୟ ହୋଇଥିଲା। ସକାଳ ସାଢ଼େ ୫ଟାରେ ତିନି ଠାକୁରଙ୍କ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ ପୂଜା, ଓ ବାଲଧୂପ ସହ ଖେଚୁଡ଼ି ଧୂପ ସମାପନ ହୋଇଥିଲା। ପରେ ରଥ ପ୍ରତିଷ୍ଠା ହେବା ସହ ଚାରମାଳ ଲାଗି, ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣ ନୀତି ସମାପନ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ସହ ରଥାରୁଢ଼ ଓ ବେଶ ଲାଗି କାର୍ଯ୍ୟ ଅନୁଷ୍ଠିତ ହେବା ପରେ ଶ୍ରୀ ଶ୍ରୀମଦନମୋହନ ରଥକୁ ବିଜେ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଅନୁଗୋଳ ଏସପି ରାହୁଲ ଜୈନ ରଥ ଉପରେ ଛେରାପହଁରା କରିଥିଲେ। ଅପରାହ୍ନ ୧ଟାରେ ତିନି ରଥରେ ଘୋଡ଼ା ଓ ସାରଥୀ ସଂଯୋଗ କରାଯିବା ସହ ଚାରମାଳ ଉଲାଗି ଓ ରଥ ଦଉଡ଼ି ଲାଗି କାର୍ଯ୍ୟ ସମାପନ ହୋଇ ରଥଟଣା ଶୁଭାରମ୍ଭ ହୋଇଥିଲା। ଭକ୍ତଙ୍କ ଗହଣରେ ପ୍ରଭୁ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୬ଟା ୪୫ରେ ଓ ମା’ ସୁଭଦ୍ରାଙ୍କ ରଥ ୭ଟାରେ ଅମଲାପଡ଼ାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଥିଲେ। ପ୍ରଭୁ ଜଗନ୍ନାଥଙ୍କ ରଥ ବହୁ ବିଳମ୍ବରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ଶନିବାର ଅପରାହ୍ନ ୫ଟାରେ ଶ୍ରୀଜୀଉମାନଙ୍କ ରଥାବତରଣ କାର୍ଯ୍ୟ ହେବା ସହ ଗୋଟିପହଣ୍ଡିରେ ଗୁଣ୍ଡିଚା ମଣ୍ଡପକୁ ବିଜେ କରିବେ। ମଙ୍ଗଳବାର

## ■ ହଜାର ହଜାର ଭକ୍ତଙ୍କ ସମାଗମ

ଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ନୀତି ଅନୁଷ୍ଠିତ ହେବବୋଲି ମନ୍ଦିର ପରିଚାଳନା ସମିତି ପକ୍ଷରୁ ସମ୍ପାଦକ ହେମନ୍ତ କୁମାର ଦାଶ ଓ ବିଶେଷ ପୂଜା କମିଟି ଅଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ଉପସଭାପତି ପରମାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ନାଲକୋ ନଗର, ହୁଲୁରିସିଂହା, ଅମଲାପଡ଼ା, ହେମସୁରପଡ଼ା ସମେତ ପୁରୁଣାଗଡ଼ରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି।

ରଥଯାତ୍ରା ଉପଲକ୍ଷେ ସହରରେ ପ୍ରବଳ ଜନସମାବେଶକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ପ୍ରଥମ ଥର ପୌରପାଳିକା ପକ୍ଷରୁ ରଥ ପଥକୁ ରଙ୍ଗୋଲିରେ ସଜ୍ଜିତ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପାରାଦୀପ, ଭଦ୍ରକରୁ ଚିତ୍ରକର ଆସି ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାଏଁ ରଙ୍ଗୋଲିରେ ଚିତା ପକାଇଥିଲେ। ସୁସଜ୍ଜିତ ରଙ୍ଗୋଲିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ୱାଗତ କରାଯାଇଥିଲା। ଯୁବଗୋଷ୍ଠୀ ମୋବାଇଲରେ ସେଲ୍‌ଫି ନେବାରେ ମଜ୍ଜିଯାଇଥିଲେ। ସହରରେ ପ୍ଲାଷ୍ଟିକ, ପଲିଥିନ କ୍ୟାରି ବ୍ୟାଗକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସପ୍ତାହ ହେଲା ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସଚେତନ କରାଯାଇଥିଲା। ଯାତ୍ରାରେ ପରିଚ୍ଛନ୍ନତାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ଷ୍ଟଲ ପାଖରେ ଡଷ୍ଟବିନ୍ ଯୋଗାଇ ଦିଆଯାଇଛି। ପ୍ରତି ରଥ ପଛରେ ୧୦ଜଣ ଲେଖାଏଁ ସଫେଇ କର୍ମଚାରୀ ନିୟୋଜିତ ହୋଇଥିଲେ। ସହରରେ ବାସିଖାଦ୍ୟ ନ ପରଷିବା ପାଇଁ ହୋଟେଲ, ରେଷ୍ଟୁରାଣ୍ଟ, ଷ୍ଟ୍ରିଟଫୁଡ୍ ଦୋକାନୀଙ୍କୁ ତାଗିଦ କରାଯାଇଛି। ରାସ୍ତା ପାର୍ଶ୍ୱ, ଡ୍ରେନ, ଆଦିରେ ବ୍ଲିଚିଂ ପାଉଡର ପକାଯାଇଛି।

ରଥପଥରେ ଶ୍ରଦ୍ଧାଳୁଙ୍କୁ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ସେବା ଯୋଗାଇ ଦିଆଯାଇଛି। ଅନୁଗୋଳ ପୌରପାଳିକା ଠିକାଦାର ଉନ୍ନୟନ ସଂଘ, କ୍ରେନ ୱେଲଫେୟାର ଆସୋସିଏସନ, ତରାଶ ଆଞ୍ଚଳିକ ତୈଳିକ ସଂଘ, ଜିଲ୍ଲା ପୁଲିସ ୱେଲଫେୟାର, ଜିଲ୍ଲା ମେକାନିକ ସଂଘ, ଉତ୍କର୍ଷ ପରିବାର, ବିକାଶ ଫାଉଣ୍ଡେସନ ଟ୍ରଷ୍ଟ, ଶ୍ରୀ ଶ୍ୟାମ ଜ୍ୟୋତି ଓ ଭଜନ ସନ୍ଧ୍ୟା ପରିବାର, ଜିଲ୍ଲା ମେକାନିକାଲ ସଂଘ, କଲେଜ ଛକ ଲକ୍ଷ୍ମୀପୂଜା କମିଟି, ଆମ ଅନୁଗୋଳ ଆମ ଗୌରବ, ଓଡ଼ିଶା ପଞ୍ଜିକୃତ ଫାର୍ମାସିଷ୍ଟ ସଂଘ ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ, ଖେଚୁଡ଼ି ଭୋଗ, ଦହିସର୍ବତ ବିତରଣ କରାଯାଇଥିଲା। ରଥ ଆଗେ ଆଗେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଘଣ୍ଟୁଆ, ଶଙ୍ଖୁଆ, ସଂକୀର୍ତ୍ତନ ମଣ୍ଡଳୀ, ଭଜନ ମଣ୍ଡଳୀ, ପାରମ୍ପରିକ ନୃତ୍ୟ ମଣ୍ଡଳୀ କଳାକାର ମାନେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ।

## ରଥଯାତ୍ରାରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ବ୍ୟବସ୍ଥା




ଅନୁଗୋଳ, ୨୭ ।୬(ସମିସ): ଶ୍ରୀ ଶ୍ୟାମ ଜ୍ୟୋତି ଏବଂ ଭଜନ ସନ୍ଧ୍ୟା ପରିବାର ଓ ପଶ୍ଚିମ ବଜାରପଡ଼ା ତରଫରୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ରଥଯାତ୍ରା ଅବସରରେ ଅନ୍ନ ପ୍ରସାଦ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ପ୍ରାୟ ୪ ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି। କାନିକା, ଡାଲମା ଓ ଖଟା ସହ ସର୍ବତ ବଣ୍ଟନ କରାଯାଇଥିଲା। ଭିଡ଼ରେ ରଥ ଟାଣିବା ବେଳେ ଖଣ୍ଡିଆଖାବରା ହେଉଥିବା ଶ୍ରଦ୍ଧାଳୁଙ୍କ ପ୍ରାଥମିକ ଚିକିତ୍ସା କରି ସେମାନଙ୍କୁ ମେଡିକାଲ ପଠାଯାଉଥିଲା। ଏଥିରେ ଅନୁଷ୍ଠାନର ରଞ୍ଜିତ ମାଣ୍ଡୋଠିଆ, ପ୍ରକାଶ ଅଗ୍ରୱାଲ, ଜଗନ୍ନାଥ ଅଗ୍ରୱାଲ, ସୁମିତ ପାରିକ, ଅଙ୍କିତ ତୁଳସୀୟନ, ସଞ୍ଜୀୟ ଅଗ୍ରୱାଲ, କିଶନ ତୁଳସୀୟନ, କୁନାଲ ଅଗ୍ରୱାଲ, ଜିତେନ୍ଦ୍ର ସେନାପତି, ଅକ୍ଷୟ ଜେନା, ଅର୍ଜୁନ ଅଗ୍ରୱାଲ, ଲାଲୁ ଅଗ୍ରୱାଲଙ୍କ ସହ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜିନ୍ଦଲନଗରରେ ଭବ୍ୟ ରଥଯାତ୍ରା ପାଳିତ

ଅନୁଗୋଳ, ୨୭ ।୬(ସମିସ)

ଜିନ୍ଦଲନଗରରେ ପବିତ୍ର ଘୋଷଯାତ୍ରା ଉତ୍ସାହ ଓ ଉଦ୍ଦୀପନାର ସହ ଆରମ୍ଭ ହୋଇଛି। ଘୋଷଯାତ୍ରା ଦେଖିବାକୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଭବ୍ୟ ସୁସଜ୍ଜିତ ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷ ରଥରେ ଯଥାକ୍ରମେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାବାହୁ ଶ୍ରୀଜଗନ୍ନାଥ ଆସିନ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ। ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ସାଂସଦ ନବୀନ ଜିନ୍ଦଲ, ତାଙ୍କ ଧର୍ମପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନ ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ମାଆ ତଥା ଓପି ଜିନ୍ଦଲ ଗ୍ରୁପର ଅଧ୍ୟକ୍ଷା ବିଧାୟିକା ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଦାୟିତ୍ୱ ତୁଲାଇଥିଲେ। ନବୀନ ଜିନ୍ଦଲ ପହଣ୍ଡି କାର୍ଯ୍ୟକ୍ରମରେ ଯୋଗଦେବା ସହ ରଥରେ ଛେରାପହଁରା କରିଥିଲେ। ଏ ଅବସରରେ ନବୀନ ଜିନ୍ଦଲ କହିଥିଲେ, ‘ମୁଁ ସର୍ବଶକ୍ତିମାନଙ୍କ



ନିକଟରେ ପ୍ରାର୍ଥନା କରୁଛି ଯେ ସେ ଆମ ସମସ୍ତଙ୍କୁ ତାଙ୍କ ଦିବ୍ୟ ଆଶୀର୍ବାଦ ପ୍ରଦାନ କରନ୍ତୁ। ରଥଯାତ୍ରା ଏଭଳି ଏକ ପର୍ବ ଯେଉଁଠାରେ ସମସ୍ତେ ସମାନ। ଧନୀ ଏବଂ ଗରିବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଆମେ ରଥ ଟାଣିବା ପାଇଁ ଏକାଠି ହୋଇ ବିଶ୍ୱର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥାଉ। ଜିନ୍ଦଲ ପରିବାର ପକ୍ଷରୁ ମୁଁ ସମସ୍ତଙ୍କୁ ଏକ ଆନନ୍ଦଦାୟକ ଏବଂ ଆଶୀର୍ବାଦପୂର୍ଣ୍ଣ ରଥଯାତ୍ରା କାମନା କରୁଛି। ପୁରୀରେ ଭକ୍ତମାନଙ୍କ ପାଇଁ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଗରମ ରନ୍ଧାଖାଦ୍ୟ ଏବଂ ଥଣ୍ଡା ପାନୀୟ ଜଳ ସେବା ବିଷୟରେ ସେ ଉଲ୍ଲେଖ କରିଥିଲେ। ଏହି ସେବା ସୁନାବେଶ ପର୍ଯ୍ୟନ୍ତ ଜାରି ରହିବ ବୋଲି କହିଥିଲେ।

ସକାଳେ ମନ୍ଦିରରେ ନେତ୍ରଲାଗି, ନବଯୌବନ ଦର୍ଶନ, ମଙ୍ଗଳ ଆରତି, ପହଣ୍ଡିବିଜେ ଆଦି ନୀତି ସମ୍ପନ୍ନ ହୋଇଥିଲା। ଜିନ୍ଦଲ ପରିବାରର ସଦସ୍ୟମାନେ ମୁଖ୍ୟ ସେବାୟତ ଶ୍ରୀକାନ୍ତଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ତୁଲାଇଥିଲେ। ଦେବୀ ସୁଭଦ୍ରାଙ୍କ ପହଣ୍ଡି ଓ ରଥଟଣାରେ କେବଳ

## ● ସାମିଲ ହେଲେ ସହସ୍ରାଧିକ ଶ୍ରଦ୍ଧାଳୁ

ମହିଳାମାନେ ନିୟୋଜିତ ହୋଇଥିଲେ। କମ୍ପାନୀର ଅନୁଗୋଳ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ କର୍ମଚାରୀମାନେ ରଥଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ଶ୍ରଦ୍ଧାଳୁଙ୍କ ସହ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ରଥଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ଜିନ୍ଦଲ ନଗରରେ କର୍ମଚାରୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯିବ।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



୯୯ ତମ ଜୟନ୍ତୀ
ତା: ୨୮.୦୬.୨୦୨୫
(ଶନିବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହେମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

# ମହାପ୍ରଭୁଙ୍କ ରଥଯାତ୍ରା; ଭକ୍ତ ଓ ଭଗବାନଙ୍କ ମହାମିଳନ


ତାଳଚେର ସଦର


ତାଳଚେର


ବଇଣ୍ଡା

ତାଳଚେର ସଦର,୨୭ ।୬(ସମିସ): ସମଗ୍ର ବିଶ୍ୱରେ ଶୁକ୍ରବାର ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ବିଶ୍ୱନିୟନ୍ତାଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମହାମିଳନ ଘଟିଛି । ଅନୁଗୋଳ ଜିଲ୍ଲା ତାଳଚେରଠାରେ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୋଇଛି । ସକାଳୁ ରୀତିନୀତି ଅନୁଯାୟୀ ପଣ୍ଡିତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରିବା ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ମହାପ୍ରଭୁ ରଥାରୂଢ଼ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା । ଘଣ୍ଟଘଣ୍ଟା, ଭଜନକୀର୍ତ୍ତନ, ହରିବୋ, ହୁଳହୁଳି ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା । ରଥଯାତ୍ରାରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ତାଳଚେର ପୌର ପ୍ରଶାସନ ଓ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

**ତାଳଚେର:** ତାଳଚେର ବ୍ଲକ୍ କଳମଛୁଇଁ ଗ୍ରାମରେ ପବିତ୍ର ରଥଯାତ୍ରା ପାଳିତ ହୋଇଛି । ରୀତିନୀତି ଅନୁଯାୟୀ ପୂଜକ ରମେଶ ଚନ୍ଦ୍ର ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରିଥିଲେ । ପରେ ଦଇତାପତି ପ୍ରଭାତ ମହାପାତ୍ର, ବଳରାମ ରଥ ଓ ଅକ୍ଷୟ ମହାପାତ୍ର ପ୍ରମୁଖ ତିନି ଠାକୁରଙ୍କୁ ପହଣ୍ଡିବିଜେ କରାଇଥିଲେ । ବରିଷ୍ଠ ଶିକ୍ଷାବିତ୍ ଜଗନମୋହନ ଗଡ଼ନାୟକ ରଥରେ ଛେରାପହଁରା କରିଥିଲେ । ଅପରାହ୍ନ ୪ଟା ୪୫ରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ମହିଳା ଶ୍ରଦ୍ଧାଳୁ ରଥ ଟାଣିଥିଲେ । ଝିଣ୍ଟିପାଳ ଗ୍ରାମର ଘଣ୍ଟବାଦ୍ୟ, ଚନ୍ଦ୍ରବିଲ ଗ୍ରାମର ଲଉଡ଼ି ଖେଳ ସହ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସନ୍ଧ୍ୟା ସୁଦ୍ଧା ରଥ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା । ଆଇନଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ୍ ଉପସ୍ଥିତ ଥିଲେ ।

**ବଇଣ୍ଡା:** କିଶୋରନଗର ବ୍ଲକ ବଇଣ୍ଡା, ଇଚ୍ଛାପୁର, ବଇସିଣା, ସରିଗିପାଲି, ବାମୁର, ସଞ୍ଜାମୁରା, ବାଟିମୁଣ୍ଡା, ଉରୁକୁଳା, ବିଲେଇନାଳି, ଠାକୁରଗଡ଼ ଥାନା କୃତୀବାସପୁର, ପେଡ଼ିପଥର, ଠାକୁରଗଡ଼ ଆଦି ଅଞ୍ଚଳରେ ଶୁକ୍ରବାର ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଏ ନେଇ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା । ତିନି ଠାକୁରଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଯାଇଥିଲା । ପରେ ଛେରାପହଁରା କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା । ବର୍ଷା ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା । ବିଭିନ୍ନ ସଂଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ସହ ପିଇବା ପାଣି ବ୍ୟବସ୍ଥା କରାଯାଇଥିଲା । ହଣ୍ଡପା, କିଶୋରନଗର, ବଇଣ୍ଡା ଓ ଠାକୁରଗଡ଼ ଥାନା ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

**କିଶୋରନଗର:** କିଶୋରନଗର ବ୍ଲକ ଘୋଷର ଗ୍ରାମରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଅପରାହ୍ନରେ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା । ପରେ ରଥ ଟଣାଯାଇ ସନ୍ଧ୍ୟାରେ ତିନି ଠାକୁରଙ୍କୁ ମାଉସୀମା' ମନ୍ଦିରକୁ ନିଆଯାଇଥିଲା । ସେବାୟତ ରବିନାରାୟଣ ଶତପଥୀ, ଚନ୍ଦନ ପଣ୍ଡା, ଲିପୁ ଦାଶ, କାମ୍ପାଳ ଦାଶ, ଜିତୁ ପଣ୍ଡା, ବିକନ ପଣ୍ଡା ପ୍ରମୁଖ ପହଣ୍ଡି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ତହସିଲଦାର ବିକ୍ରମ କେଶରୀ ନାୟକ ଠାକୁରଙ୍କ ଦର୍ଶନ କରିବା ସହ ମାଜିଷ୍ଟ୍ରେଟ ଦାଇତ୍ୱ ତୁଲାଇଥିଲେ । କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଅଧ୍ୟାପକ ତରଣୀସେନ ସାହୁ, ଶିକ୍ଷକ ପବିତ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ, ରଞ୍ଜିତ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।


କିଶୋରନଗର


ବଣ୍ଟରପାଳ


ପାଲଲହଡ଼ା

**ବଣ୍ଟରପାଳ:** ସ୍ଥାନୀୟ ପଞ୍ଚଶ୍ରୀକ୍ଷେତ୍ର ଧାମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳା ତଥା ଆନନ୍ଦ ଓ ଉଲ୍ଲାସରେ ଅନୁଷ୍ଠିତ ହୋଇଛି । ପ୍ରତ୍ୟୁଷରୁ ପୂଜକ ଓ ସେବାୟତଙ୍କ ଦ୍ୱାରା ପହୁଡ଼ ଫିଟା, ସକାଳ ନୀତି, ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ, ଆଳତି, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ, ସେନାପଟା ଲାଗି ଆଦି ନୀତି ସମ୍ପନ୍ନ ହୋଇଥିଲା । ପରେ ଦହିତାପତି ଉପେନ୍ଦ୍ର ସାମଲ, ପ୍ରଦୀପ୍ତ ମାଝୀ, ଶ୍ରୀମୁଖ ଭୁତିଆ, ରବୀନ୍ଦ୍ର ବେହେରା, ଛବିମୋହନ ସାହୁ, ପ୍ରେମାନନ୍ଦ ପ୍ରଧାନ, ଗଗନ ମହାଳିକ, ନିମାଇଁ ସାମଲ ପ୍ରମୁଖ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଘଣ୍ଟଶଙ୍ଖ ଧ୍ୱନି ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ିପହଣ୍ଡି କରି ରଥାରୂଢ଼ କରିଥିଲେ । ପଣ୍ଡିତ ଅଶୋକ ଦାସ, ଅଚ୍ୟୁତାନନ୍ଦ ଦାସ ଓ ପ୍ରାଣବନ୍ଧୁ ନାଥ ପ୍ରମୁଖ ଶ୍ରୀଜୀଉମାନଙ୍କୁ ବେଶ କରିବା ସହ ପାଶ୍ୱର୍ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ । କର୍ତ୍ତା ଭାବେ ସତ୍ୟବାନ ବରାହ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ । ଅପରାହ୍ନ ୩ଟାରେ ରାଜା ତଥା ପୂର୍ବତନ ଉପବାଚସ୍ପତି ତିନି ରଥରେ ଛେରାପହଁରା କରିଥିଲେ । ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଟାଣିଥିଲେ । ପ୍ରତ୍ୟେକ ବର୍ଷ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ବଜାର କମିଟି ପକ୍ଷରୁ ଭକ୍ତଙ୍କୁ ଖେଚୁଡ଼ି, ଦହି ସରବତ ଓ ଖୋଲା ପାଣି ଆଦି ପ୍ରଦାନ କରାଯାଉଥିବା ବେଳେ ଚଳିତବର୍ଷ ହଇଜାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା । ତେଣୁ ଗଣେଶ ବଜାର, ଶେଷ ଜୀବନସାଥୀ ଦାତବ୍ୟ ସଂଗଠନ ଓ ସାମଲ ଗ୍ରୁପ୍ ଆଦି ସଂଗଠନ ପକ୍ଷରୁ ପ୍ୟାକେଟ ଲସି, ବିସ୍କୁଟ୍, ପାଣି ବୋତଲ, ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା । ଅକ୍ଷୟ କୁମାର ପଟ୍ଟନାୟକ, ଦେବହରି ସାହୁ ଓ ଭାସ୍କର ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ । ସନ୍ଧ୍ୟା ପୂର୍ବରୁ ତିନି ରଥ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା । ପରିଚାଳନା କମିଟି ଉପଦେଷ୍ଟା ନରେଶ ସାହୁ, ଉପସଭାପତି ପୀତାମ୍ବର ସାହୁ, ସୁଧୀର ବରାହ, ସଦସ୍ୟ ନିର୍ମଳ ଗଡ଼ନାୟକ, ବିପ୍ରଚରଣ ଜେନା, କେସି ମିଶ୍ର, ଚେମୁଟୁ ସାହୁ ଓ ରବୀନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ସମ୍ପନ୍ନ ହୋଇଛି ।

**ଭୁବନ:** ଭୁବନ ଏନ୍ଏସି ଅନ୍ତର୍ଗତ ତୃତୀୟା ଦେବଜୀଉଙ୍କ ରଥଯାତ୍ରା ପାଳିତ ହୋଇଛି । ସକାଳୁ ସମସ୍ତ ନୀତିକାନ୍ତି ପରେ ମଧ୍ୟାହ୍ନରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଓଡ଼ିଶୀ ନୃତ୍ୟ ତାଳେ ତାଳେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା । ଭୁବନର ଗଜପତି ଭାବେ ପରିଚିତ ରାମଚନ୍ଦ୍ର ରାଉତ ଛେରାପହଁରା କରିଥିଲେ । ସୁଭଦ୍ରଙ୍କ ରଥକୁ ମହିଳାମାନେ ଟାଣିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁ, ପୁରୋଧା ତୁଷାରକାନ୍ତି ମିଶ୍ରଙ୍କ ନେତୃତ୍ୱରେ ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଛି । ତିନ ଠାକୁର ନୂଆବଜାରରେ ରହିଛନ୍ତି । ଶନିବାର ବଡ଼ହାଟ ମାଉସୀମା' ମନ୍ଦିରକୁ ଯିବେ । ନୂଆବଜାର ତରଫରୁ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

**ଭୁବନ:** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଦେଉଳସାହିସ୍ଥିତ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ଅପରାହ୍ନରେ ପହଣ୍ଡି ବିଜେ କରାଯାଇ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା । ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଦୁଷ୍ମନ୍ତ ମଲ୍ଲିକ, ବିଜୟ କୁମାର ରଥଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ରଥ ଟାଣିଥିଲେ । ଦେଉଳିସାହିରୁ ମନ୍ଦାର ରାୟପୁର ମାଉସୀମା' ମନ୍ଦିରକୁ ରଥ ଟଣାଯିବା ବେଳେ ରାସ୍ତା କଡ଼ରେ ଗଛ ଓ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ରଥଟଣା ବିଳମ୍ବ ହୋଇଥିଲା । ପୁରୁଷାନୁକ୍ରମେ ମନ୍ଦିର ପରିଚାଳନା କରୁଥିବା ଶିକ୍ଷାବିତ ଶଙ୍କର୍ଷଣ ମଲ୍ଲିକ ସମସ୍ତ ଶ୍ରଦ୍ଧାଳୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଛେଣ୍ଡିପଦା:** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ମହାପ୍ରଭୁଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଛି । ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରେ ମନ୍ଦିର କମିଟି ଓ ଗ୍ରାମ୍ୟ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା । ଅପରାହ୍ନ ୪ଟାରେ ଛେଣ୍ଡିପଦା ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନ ଛେରାପହଁରା କରିଥିଲେ । ପରେ ରଥ ଟଣାଯାଇ ସନ୍ଧ୍ୟା ୬ଟା ସୁଦ୍ଧା ରଥ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିଥିଲା । ବାଗେଡିଆ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହୋଇଛି । ପହଣ୍ଡି ବିଜେ କରାଯାଇ ତିନି ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ବାଗଡିଆ ଗ୍ରାମର ଗୌରଚନ୍ଦ୍ର ପ୍ରଧାନ ଛେରାପହଁରା କରିଥିଲେ । ପରେ ରଥଟଣା ଆରମ୍ଭ ହୋଇଥିଲା । କୋଶଳା ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ ଛେରାପହଁରା କରିଥିଲେ । ପରେ ଭକ୍ତଙ୍କ ଦ୍ୱାରା ରଥଟଣା ହୋଇଥିଲା । ସନ୍ଧ୍ୟା ସୁଦ୍ଧା ରଥ ମା'ରାମଚଣ୍ଡୀ ପୀଠ ନିକଟରେ ଥିବା ମାଉସୀମା' ମନ୍ଦିର ପାଖରେ ପହଞ୍ଚିଥିଲା । ବାଲିନାଳୀ ଗ୍ରାମରେ ଲଳିତ ପ୍ରଧାନ ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା । ପାତ୍ରପଡ଼ାଠାରେ ବାସୁଦେବ ସାହୁଙ୍କ ଦ୍ୱାରା ଛେରାପହଁରା କରାଯାଇ ରଥ ଟଣାଯାଇଥିଲା । ସେହିପରି ବାଲିପଟ୍ଟା, କୋରଡ଼ା, ଜରପଡ଼ା, ଜେରେଙ୍ଗ, ଜିନ୍ଦଲ, କମ୍ପସଲା, ବ୍ରାହ୍ମଣବିଲ, ଟାଙ୍ଗୁଡିଆ ଆଦି ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ପାଳିତ ହୋଇଛି । ରଥଯାତ୍ରରେ ଛେଣ୍ଡିପଦା, ବାଗଡିଆ, ନିଶା ଓ ଜରପଡ଼ା ଥାନା ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ।

**ପାଲଲହଡ଼ା:** ଅନୁଗୋଳ ଜିଲ୍ଲା ପାଲଲହଡ଼ା ସଦର ମହକୁମାରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି । ନିର୍ଦ୍ଧାରିତ ସମୟରେ ପହଣ୍ଡି ବିଜେ କରାଯିବା ପରେ ମନ୍ଦିର ପରିଚାଳନା କମିଟି ତଥା ଦେବୋତ୍ତର ବିଭାଗ ଏବଂ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପାଲଲହଡ଼ା ଗଡ଼ଜାତର ରାଜା ରାମଚନ୍ଦ୍ର ମୁନିପାଲଙ୍କୁ ଛେରାପହଁରା ପାଇଁ ନିମନ୍ତ୍ରଣ କରିଥିଲେ । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟା ସୁଦ୍ଧା ରଥ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା । ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ରବୀନ୍ଦ୍ର କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଯାତ୍ରା ସମ୍ପନ୍ନ ହୋଇଛି । ପୂର୍ବତନ ବିଧାୟକ ମୁକେଶ ପାଲ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ପ୍ରଦୀପ ମହାନ୍ତଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବଙ୍ଗାଳୀ ବେହେରା, ଲିଙ୍ଗରାଜ ଦାସ ଏବଂ ଡ. ପ୍ରଶାନ୍ତ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

**ଭୁବନ:** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ କୁନ୍ଦିନ୍ଧା ପଞ୍ଚାୟତ ରେଣଦାପାଟଣାରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ଅପରାହ୍ନରେ ପହଣ୍ଡି ବିଜେ କରାଯାଇ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା । ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା, ଓକିଲ ସଂଘ ସଭାପତି ନିରଞ୍ଜନ ଜେଠି, ସମିତି ସଭ୍ୟ ତନ୍ମୟ ଆଇଚ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ରତିକାନ୍ତ ମହାନ୍ତି ପ୍ରମୁଖଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ରଥ ଟାଣିଥିଲେ ।

**ଢେଙ୍କାନାଳ:** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍, ଗଦାଶିଳା ପଞ୍ଚାୟତ ଚାଇଁପୁର, ମହେନ୍ଦ୍ରପୁରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ସେହିପରି ସିମିନଇ ପଞ୍ଚାୟତ ସିମିନଇରେ ଛୋଟ ପିଲାମାନେ ରଥଯାତ୍ର ଆୟୋଜନ କରିଥିବା ବେଳେ ଗ୍ରାମର ମହିଳାଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗ କରିଥିଲେ । ସେହିପରି ଇନ୍ଦିପୁର ଓ ବଳରାମପୁରରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

**ଯୋରନ୍ଦା:** ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଯୋରନ୍ଦା ଆଞ୍ଚଳିକ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା କରାଯାଇ ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଗୋଟିଏ ରଥରେ ପ୍ରଭୁ ସୁଦର୍ଶନ, ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଓ ଦେବୀ ସୁଭଦ୍ରା ରଥାରୂଢ଼ ହୋଇଥିଲେ । ପୂଜକ ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦ ଛେରାପହଁରା କରିଥିଲେ । ପୂଜକ ଅଦ୍ୱୈତ ହୋତା, ମୁରଲୀଧର ଶତପଥୀ, ରୁଚିର ପାଳ, ଅଜିତ ଶତପଥୀ ପ୍ରମୁଖ ପୂଜାନୀତି ପରିଚାଳନା କରିଥିଲେ । ଅପରାହ୍ନ ୩ଟା ୪୫ରେ ରଥଟଣା ଆରମ୍ଭ ହୋଇଥିଲା । ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଏମ୍‌ଜେ ମହିମା, ସମାଜସେବୀ ପ୍ରକାଶ ନାୟକ, ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ, ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ, ମହିମା ମହାବିଦ୍ୟାଳୟ ଏନସିସି ଛାତ୍ରଛାତ୍ରୀ, ଓଡ଼ିଶା ଡ୍ରାଇଭର ମହାସଂଘ ଗଁଦିଆ ବ୍ଲକ ସଭ୍ୟମାନେ ସହଯୋଗ କରିଥିଲେ । ସୁଧାଂଶୁ ଶେଖର ରାଉତ ଓ ନୀରୋଦ ଚନ୍ଦ୍ର ସାମଲ ଧାରାବିବରଣୀ ପ୍ରଦାନ କରିଥିଲେ । ସନ୍ଧ୍ୟା ୬ଟାରେ ଯୋରନ୍ଦା ଶିବମନ୍ଦିରସ୍ଥିତ ମାଉସୀମା' ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡ୍ରାଇଭର ମହାସଂଘ ଓ ତାରିଣୀ ବଜାର ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଜଳ ବଣ୍ଟନ କରାଯାଇଥିଲା ।


ଭୁବନ


ଛେଣ୍ଡିପଦା


ଭୁବନ


ଯୋରନ୍ଦା

## ଆକ୍ଟିଭ ମିଡିଆ ପକ୍ଷରୁ ରାମଖେଚୁଡ଼ି ବଣ୍ଟନ




ତାଳଚେର ସଦର,୨୭ ।୬ (ସମିସ): ପବିତ୍ର ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ତାଳଚେର/ଅନୁଗୋଳ ଆକ୍ଟିଭ ମିଡିଆ ସଂଘ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ହ୍ୟୁମାନ୍ ରାଇଟ୍ସ ଓ ମା' ସେବକ ସଂଘ ପକ୍ଷରୁ ରାମଖେଚୁଡ଼ି, ଥଣ୍ଡା ପାନୀୟଜଳ ଓ ଫଳରସ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ସମାଜସେବୀ ବିଭୂତି ସାହୁ, ଜିତୁ ବେହେରା ଯୋଗଦେଇ ପ୍ରସାଦ ସେବନ କରିବା ସହ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ମନୋଜ ଶତପଥୀ, ସାମ୍ବାଦିକ ତ୍ରିଲୋଚନ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଅଲ୍ ଓଡ଼ିଶା ହ୍ୟୁମାନ ରାଇଟ୍ସ ସଭାପତି ଡ. ଦେବେନ୍ଦ୍ର ସିଂହ, ମା' ସେବକ ସଂଘ କୋଷାଧ୍ୟକ୍ଷ ଗୋବିନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ଦିଲୀପ ବେହେରା, ଉପସଭାପତି ଅଶ୍ୱିନୀ ସିଂହ, ସୁନୀଲ ବେହେରା, ଦେବେନ୍ଦ୍ର ବେହେରା, ନୋକିଆ ବେହେରା, ନିରୋଜ ବେହେରା, ଦୁଷ୍ମନ୍ତ ବେହେରା, ରିଙ୍କୁ କାଜି, ହାଡ଼ି ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ସାଇସେବା ଦଳ ତରଫରୁ ଟଙ୍କତୋରାଣି ବଣ୍ଟନ



ଢେଙ୍କାନାଳ,୨୭ ।୬(ସମିସ): ରଥଯାତ୍ରା ଉପଲକ୍ଷେ ସାଇସେବା ଦଳ ତରଫରୁ ଶ୍ରଦ୍ଧାଳୁମାନଙ୍କୁ ଟଙ୍କତୋରାଣି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ମିଶ୍ର, ଅନିର୍ବାଣ ତିୱାରୀ, ଜୟପ୍ରକାଶ ସାହୁ, ବାପୁନି ପ୍ରଧାନ, ରତ୍ନାକର ବେହେରା, ରବୀନ୍ଦ୍ର ଜୟସ୍ୱାଲ, ପ୍ରମୋଦ ମହାପାତ୍ର, ମାନସ ଦାସ, ମାନସ ରଞ୍ଜନ ସାହୁ, ବ୍ରଜକିଶୋର ମହାନ୍ତି, ସୁଧାକର ସାହୁ, ଜିତେଶ କୋଟାକ, ଲିପୁ, ସର୍ଜୁଆ, ପୂର୍ଣ୍ଣ, ଆଲୋକ, ସରୋଜ, ବାବୁନା, ଦେବା, ତପନ, ଶିବୁ, ଲାଲା, ଆଲୋକ ପ୍ରମୁଖ ସହଯୋଗ କରିଥିଲେ ।

## ବଳରାମ ମନ୍ଦିରରେ ଭଜନ ସନ୍ଧ୍ୟା



ଢେଙ୍କାନାଳ,୨୭ ।୬(ସମିସ): ଢେଙ୍କାନାଳର ପ୍ରତିଷ୍ଠିତ ଶ୍ରୀମନ୍ଦିର ଭଜନ ସନ୍ଧ୍ୟା ଦ୍ୱାରା ବଳରାମ ମନ୍ଦିରଠାରେ ଭଜନ ପରିବେଷଣ କରାଯାଇଛି । ଗୁରୁବାର ନବଯୌବନ ଦର୍ଶନ ଓ ଶୁକ୍ରବାର ପବିତ୍ର ଘୋଷଯାତ୍ରା ଅବସରରେ ମନ୍ଦିର ଭଜନମଣ୍ଡପରେ ସ୍ଥାନୀୟ କଳାକାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିଲା । ଅର୍ଗାନ ବାଦକ ହରି ପ୍ରସାଦ ଓ ରୁଦ୍ରନାରାୟଣ, ତବଲାରେ ମୁନା, ଢୋଲକରେ ବଳରାମ, ପ୍ୟାଡ୍‌ରେ ଅଜୟ କୁମାର ସହଯୋଗ କରିଥିଲେ । କଣ୍ଠଶିଳ୍ପୀ ପ୍ରଦୀପ କୁମାର, ହରିପ୍ରସାଦ, ପଦ୍ମାବତୀ, ଅନନ୍ୟା ପ୍ରିୟଦର୍ଶିନୀ ଓ ପ୍ରମୋଦ କୁମାର ସୁମଧୁର ଭଜନ ପରିବେଷଣ କରିଥିଲେ । ପ୍ରମୋଦ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।


## ପୂର୍ବତନ ବ୍ଲକ୍ ସଭାପତି ବିଜେଡିରୁ ବହିଷ୍କୃତ

କଣିହାଁ,୨୭ ।୬(ସମିସ): ପୂର୍ବତନ କଣିହାଁ ବ୍ଲକ୍ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କୁ ଗୁରୁବାର ଦଳରୁ ବହିଷ୍କାର କରାଯାଇଛି । ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ପାଇଁ ତାଙ୍କୁ ବହିଷ୍କାର କରାଯାଇଥିବା ନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ଦଳ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବିଜେଡି ଉପ ସଭାପତି ପ୍ରତାପ ଜେନା ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏ ନେଇ ପାଲଲହଡ଼ା ବିଧାନସଭା କ୍ଷେତ୍ର ଯୁବ ବିଜେଡି ସଭାପତି ସୁବାସ ମହାନ୍ତି ଶୁକ୍ରବାର ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି ।

## ଲକ୍ଷେ ଟଙ୍କାର ମଦ ସହ ଅଟୋ ଜବତ, ଜଣେ ଗିରଫ

ବଇଣ୍ଡା,୨୭ ।୬(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ନାକିଚି ବିଦେଶୀ ମଦ ଦୋକାନରୁ ବିଭିନ୍ନ ଅଞ୍ଚଳକୁ କିଛିମାସ ହେବ ଅଟୋ, ବାଇକ ଯୋଗେ ବେଆଇନ ଭାବେ ମଦ ଚାଲାଣ କରାଯାଉଛି । ମଦ ବ୍ୟବସାୟୀ ଜଣକ ବେଆଇନ ଭାବେ ମଦ ଚାଲାଣ କରୁଥିଲେ ମଧ୍ୟ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୁଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ଅନୁଗୋଳ ଏସପିଙ୍କୁ ଅଭିଯୋଗ କରିଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ରାତିରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଚଢ଼ଉ କରି ଅଟୋରେ ଚାଲାଣ ହେଉଥିବା ପ୍ରାୟ ୧ ଲକ୍ଷ ଟଙ୍କାର ମଦ ଜବତ କରିଛି । ଏଥିସହ ଅଟୋ ଚାଳକ ହଣ୍ଡପା ଥାନା ମାଧପୁର ଅଞ୍ଚଳର କ୍ଷୀରୋଦ ସାହୁଙ୍କୁ ଗିରଫ କରାଯାଇଛି । ଅଟୋରେ ଉକ୍ତ ମଦ ଦୋକାନରୁ ହଣ୍ଡପା ଥାନା ଅଞ୍ଚଳକୁ ଏହି ମଦ ଚାଲାଣ କରାଯାଉଥିଲା । ଜବତ ମଦକୁ ହଣ୍ଡପା ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ସମ୍ପାଦକୀୟ



ସମସ୍ତେ ବିଶ୍ୱକୁ ପରିବର୍ତ୍ତନ କରିବା କଥା କୁହନ୍ତି, କିନ୍ତୁ ନିଜକୁ ପରିବର୍ତ୍ତନ କରିବା କଥା ଭାବନ୍ତି ନାହିଁ।
-ଲିଓ ଟଲଷ୍ଟୟ

ସକାଳ
THE SAKALA

## ବିଶ୍ୱାସ ଓ ଶାନ୍ତି

ଚୀନ୍‌ରେ ସଦ୍ୟ ଅନୁଷ୍ଠିତ 'ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ)'ର ଚିଠା ପ୍ରସ୍ତାବରେ ଭାରତ ସ୍ୱାକ୍ଷର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛି। ଆତଙ୍କବାଦୀ ନିରୋଧ ଏବଂ ଆଞ୍ଚଳିକ ଶାନ୍ତି ସହାବସ୍ଥାନ ଓ ସୁରକ୍ଷା ଏହି ସଂଗଠନର ପ୍ରମୁଖ ଆଭିମୁଖ୍ୟ ହୋଇଥିଲେ ହେଁ ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀରର ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଉକ୍ତ ଚିଠା ପ୍ରସ୍ତାବରେ ସ୍ଥାନ ପାଇନାହିଁ। ଅଥଚ ପାକିସ୍ତାନର ବାଲୋଚିସ୍ତାନରେ ଗତ ମାର୍ଚ୍ଚ ମାସର ଟ୍ରେନ୍ ଅପହରଣ ଘଟଣା ସ୍ଥାନ ପାଇଛି। ଅର୍ଥାତ୍ ଆଞ୍ଚଳିକ ଶାନ୍ତି ଓ ସହାବସ୍ଥାନ ଦିଗରେ ବାଧାସୃଷ୍ଟିକାରୀ କାରକ ଓ ଘଟଣାମାନଙ୍କ ବିଷୟରେ ଆଲୋଚନା କରି ସ୍ଥାୟୀ ସମାଧାନର ସୂତ୍ର ବାହାର କରିବା ପାଇଁ ଉଦ୍ଦିଷ୍ଟ ଆଜେଣ୍ଡାରେ ବାଲୋଚିସ୍ତାନ ଘଟଣାକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ପହଲ୍‌ଗାମ୍ ଘଟଣାକୁ ଆଦୌ ଗୁରୁତ୍ୱ ଦିଆଯାଇନାହିଁ। ଏଥିରୁ ପାକିସ୍ତାନ ପ୍ରତି ଚୀନ୍‌ର ଦୁର୍ବଳତା ଓ ସହୋଦର ଭାବ ଏବଂ ଭାରତ ପ୍ରତି ଥିବା ବୈରୀ ମନୋଭାବ ପୁଣି ଥରେ ସାମ୍ନାକୁ ଆସିଛି। ଅପରପକ୍ଷରେ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଅସ୍ଥିରତା ଓ ଅଶାନ୍ତିର ବାତାବରଣ ସୃଷ୍ଟି କରିବାରେ ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ଥିବାରୁ ଭାରତ ତା'ର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଓ କଠୋର ଆଭିମୁଖ୍ୟ ଜରିଆରେ ଦୁଇ ଦୁଷ୍ଟ ପଡ଼ୋଶୀଙ୍କୁ କଡ଼ା ବାର୍ତ୍ତା ଦେଇଛି ଯେ ଆତଙ୍କବାଦକୁ ପ୍ରୋତ୍ସାହନ ଓ ବିସ୍ତାରବାଦୀ ଆଭିମୁଖ୍ୟ ଦ୍ୱାରା ସ୍ଥାୟୀ ଶାନ୍ତି ଓ ପ୍ରଗତି ହାସଲ କରିହେବ ନାହିଁ।

୧୦ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ବିଶ୍ୱର ଏହି ସର୍ବବୃହତ୍ ଆଞ୍ଚଳିକ ସଂଗଠନରେ ଭାରତ ସମେତ ଚୀନ୍, ପାକିସ୍ତାନ, ରୁଷ୍, ଇରାନ୍, କାଜାକ୍‌ସ୍ତାନ, କିରଗିଜ୍‌ସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ ଓ ବେଲାରୁଷ୍ ସଦସ୍ୟ ଅଛନ୍ତି। ୨୦୨୩ରେ ଭାରତ ଏହାର ଅଧ୍ୟକ୍ଷତା କରୁଥିବା ବେଳେ ଗତ ବର୍ଷ ପାକିସ୍ତାନ ଓ ଚଳିତ ବର୍ଷ ଚୀନ୍ ଅଧ୍ୟକ୍ଷତା କରୁଛି। ଉଲ୍ଲେଖଯୋଗ୍ୟ ଯେ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ୍‌ରେ ଚୀନ୍ ଓ ପାକିସ୍ତାନର ପ୍ରତିନିଧି ପ୍ରତ୍ୟକ୍ଷ ଉପସ୍ଥିତ ନଥିଲେ। କିନ୍ତୁ ସଦାସର୍ବଦା ସହଯୋଗ ଓ ଶାନ୍ତିର ବାର୍ତ୍ତା ଦେଉଥିବା ଭାରତ ବନ୍ଧୁତ୍ୱର ହାତ ବଢ଼ାଇଚାଲିଛି ଏବଂ ବନ୍ଧୁତ୍ୱର ପରିଭାଷା ହିଁ ସବୁ ସମସ୍ୟା, ଦ୍ୱନ୍ଦ୍ୱର ସମାଧାନ ବୋଲି ମନ୍ତ୍ର ଦେଇଛି। ଗତବର୍ଷ ଭାରତର ବୈଦେଶିକ ମନ୍ତ୍ରୀ ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ଚଳିତ ବର୍ଷ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଅଥଚ ଚୀନ୍ କିମ୍ବା ପାକିସ୍ତାନ ଶାନ୍ତିର ଭାଷା ବୁଝିପାରୁନାହାନ୍ତି।

ଆତଙ୍କବାଦର ପ୍ରାୟୋଜକ ରାଷ୍ଟ୍ର ଭାବେ ପାକିସ୍ତାନର କୁଖ୍ୟାତି ସାରା ବିଶ୍ୱରେ ବ୍ୟାପୁଥିବା ବେଳେ ଭାରତ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ। ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଯୋଗୁଁ ଭାରତ ସମେତ ଚୀନ୍-ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ସୀମା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିପଦରେ। ଚୀନ୍‌ର ବହୁ ଆକାଂକ୍ଷିତ 'ବେଲ୍‌ଟ ଆଣ୍ଡ ରୋଡ୍ ପ୍ରକଳ୍ପ(ବିଆରଆଇ)'ର ପାକିସ୍ତାନ ଦୃଢ଼ ଓ ଅନ୍ଧ ସମର୍ଥକ ହୋଇଥିବା ବେଳେ ଏହାଦ୍ୱାରା ଅଂଶୀଦାର ଦେଶମାନଙ୍କର, ବିଶେଷକରି ଭାରତର, ସାର୍ବଭୌମତ୍ୱ ପ୍ରତି ବିପଦ ଆଶଙ୍କା ଥିବାରୁ ଭାରତ ଏହି ପ୍ରକଳ୍ପର ବିରୋଧ କରୁଛି। ତେଣୁ ଚୀନ୍ ପାକିସ୍ତାନ ଜରିଆରେ ଭାରତ ଉପରେ ଦାଉ ସାଧିବାର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇ ଦେଇ ଚୀନ୍ ଏହା ପୁଣି ପରୋକ୍ଷରେ ପ୍ରମାଣିତ କରିଥିବା ବେଳେ ଭାରତ ବିରୋଧୀ ଖେଳରେ ବାଂଲାଦେଶକୁ ମୋହରା କରିଛି। ଏହି ପୃଷ୍ଠଭୂମିରେ 'ଏସ୍‌ସିଓ'ରେ ପହଲ୍‌ଗାମ୍ ଘଟଣା ସ୍ଥାନ ନ ପାଇବା ସେତେ ଆଶ୍ଚର୍ଯ୍ୟଜନକ ନୁହେଁ।

ସାମ୍ପ୍ରତିକ ଯୁଦ୍ଧମୁହାଁ ବିଶ୍ୱରେ ଅନେକ ରାଷ୍ଟ୍ରର ସାର୍ବଭୌମ ସଙ୍କଟାପନ୍ନ। ଦ୍ୱିପାକ୍ଷିକ ସମ୍ପର୍କରେ ବିଶ୍ୱାସର ଅଭାବ ହିଁ ଏଥିପାଇଁ ଦାୟୀ। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଅବିଶ୍ୱାସର ବାତାବରଣକୁ ଆହୁରି ଉତ୍କଟ କରୁଛି ଆତଙ୍କବାଦ। ସହଯୋଗ, ସମନ୍ୱୟ, ନିଃସ୍ୱାର୍ଥପର ବନ୍ଧୁତ୍ୱ ଓ ବିଶ୍ୱାସ ବିନା ଏହି ସମସ୍ୟାର ସମାଧାନ ଅସମ୍ଭବ। 'ଏସ୍‌ସିଓ'ର ଚିଠାପ୍ରସ୍ତାବରେ ଭାରତ ସ୍ୱାକ୍ଷର କରିବାକୁ ମନା କରିଦେଇ ସଦସ୍ୟ ରାଷ୍ଟ୍ର ସମେତ ବିଶ୍ୱକୁ ଏହି ମନ୍ତ୍ର ଦେଇଛି। ବିଶ୍ୱ ସମୁଦାୟକୁ 'ଏସ୍‌ସିଓ' ସଦସ୍ୟ ରାଷ୍ଟ୍ର ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ଯୋଗଦାନ ଉଲ୍ଲେଖନୀୟ ଥିବାରୁ ଜାତିସଂଘରେ ପଶ୍ଚିମ ରାଷ୍ଟ୍ରର ବିକଳ୍ପ ହେବା ପାଇଁ ଉଦ୍ୟମ ହେବା ସହିତ ସୁରକ୍ଷା ପରିଷଦ ଅଧିକ ସ୍ୱଚ୍ଛ, ଦକ୍ଷ, ଗଣତାନ୍ତ୍ରିକ, ପ୍ରଭାବଶାଳୀ, ଉତ୍ତରଦାୟୀ ହେବା ଆବଶ୍ୟକ। କିନ୍ତୁ ଏ ଦିଗରେ ଚୀନ୍ ଓ ପାକିସ୍ତାନର ଆଭିମୁଖ୍ୟ ପରିବର୍ତ୍ତନ ନ ହେବା ଯାଏଁ ଆଞ୍ଚଳିକ ଶାନ୍ତି ସହାବସ୍ଥାନ ସମ୍ଭବ ହୋଇପାରିବ ନାହିଁ।

ଏହି ଅବସରରେ ରାଜନାଥ ସିଂହ ଚୀନ୍ ପ୍ରତିପକ୍ଷ ଆଡ୍‌ମିରାଲ୍ ଡୋଙ୍ଗ ଜୁନ୍‌ଙ୍କୁ ସ୍ୱତନ୍ତ୍ର ଭାବେ ଆଲୋଚନା କରି ପହଲ୍‌ଗାମ୍ ଘଟଣା ଓ 'ଅପରେସନ୍ ସିନ୍ଦୂର' ବିଷୟରେ ସବିଶେଷ ତଥ୍ୟ ରଖି ପୁଣି ଥରେ ଅବଗତ କରାଇଥିବା ବେଳେ ଅନ୍ୟ ସଦସ୍ୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ସମୟରେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପାଇଁ ବିଶ୍ୱାସ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ବିଶେଷକରି ଭାରତ-ଚୀନ୍ ସୀମା ଉତ୍ତେଜନା ଯେଉଁଭଳି ଭାବେ ଦ୍ୱିପାକ୍ଷିକ ବିଶ୍ୱାସ ଆଧାରିତ ଆଲୋଚନା ଜରିଆରେ ସଫଳ ହେଲା ତାହାର ଉଦାହରଣ ଦେଇ ଭବିଷ୍ୟତରେ ମଧ୍ୟ ଦୁଇରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଓ ସହଯୋଗ ଆଧାରିତ ସମ୍ପର୍କକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀସିଂହ ପରାମର୍ଶ ଦେଇଛନ୍ତି। ଏହିକ୍ରମରେ ଚୀନ୍ ପ୍ରତିପକ୍ଷଙ୍କ ସହିତ ରାଜନାଥ ସିଂହ ଗତ ପାଞ୍ଚ ବର୍ଷ ମଧ୍ୟରେ ଚାରିଥର ଭେଟି ସମାନ କଥା ଦୋହରାଇଛନ୍ତି। ଆଡ୍‌ମିରାଲ୍ ଜୁନ୍ ମଧ୍ୟ ଆପୋସ ଆଲୋଚନା ଓ ବିଶ୍ୱାସ ବଳରେ ପ୍ରତିବେଶୀ ସମ୍ପର୍କ ସୁଦୃଢ଼ ହୋଇପାରିବ ଏବଂ ଏହାଦ୍ୱାରା ଆଞ୍ଚଳିକ ଓ ବିଶ୍ୱଶାନ୍ତି ସମ୍ଭବ ହୋଇପାରିବ ବୋଲି ସହମତ ହୋଇଛନ୍ତି। କିନ୍ତୁ ଏହି ଦୁଷ୍ଟ ରାଷ୍ଟ୍ର ତା'ର ପ୍ରତିଶ୍ରୁତି କେବେ ପାଳନ କରିବାର ଉଦାହରଣ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଅବସରରେ ରାଜନାଥ ସିଂହ ରୁଷ ପ୍ରତିପକ୍ଷଙ୍କୁ ଭେଟି 'ଅପରେସନ୍ ସିନ୍ଦୂର'ରେ ରୁଷ୍ ନିର୍ମିତ ଏସ୍୪୦୦ ଏବଂ ସୁଖୋଇ ଲଢ଼ୁଆ ବିମାନର ପାରଦର୍ଶିତା ପାଇଁ କୃତଜ୍ଞତା ଜଣାଇଛନ୍ତି ଏବଂ ଆଗକୁ ମଧ୍ୟ ଏଭଳି ପ୍ରତିରକ୍ଷା ସହଯୋଗ ପାଇଁ ଆଶା ରଖିଛନ୍ତି। ଆମେରିକା ଏବେ ଯେଉଁଭଳି ଭାବେ ପାକିସ୍ତାନ ପଟକୁ ଢଳୁଛି ସେହି ଦୃଷ୍ଟିରୁ ପୁରୁଣା ମିତ୍ର ରାଷ୍ଟ୍ର ରୁଷ୍‌ର ସହଯୋଗ ଭାରତ ପାଇଁ ଏକାନ୍ତ ଆବଶ୍ୟକ।

'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ସମୟରେ ଭାରତ ତା'ର ବହୁଦଳୀୟ ରାଷ୍ଟ୍ରଦୂତମାନଙ୍କ ଜରିଆରେ ଯେଉଁ ବାର୍ତ୍ତା ବିଶ୍ୱ ସମୁଦାୟକୁ ଦେଇଥିଲା ସଦ୍ୟସମାପ୍ତ ଏସ୍‌ସିଓରେ ତାହାକୁ ପରୋକ୍ଷରେ ଦୋହରାଇଛି। ଏଥିସହିତ ପଡ଼ୋଶୀ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛି ଯେ ଆତଙ୍କବାଦ ନିରୋଧ କାର୍ଯ୍ୟକ୍ରମରେ ପ୍ରିୟାପ୍ରୀତିତୋଷଣ କିମ୍ବା ବଶମ୍ବଦତା ଆଦୌ ଗ୍ରହଣୀୟ ନୁହେଁ। ଆତଙ୍କର ମୂଳୋତ୍ପାଟନ ଏବଂ ଶାନ୍ତି ସହାବସ୍ଥାନ ପାଇଁ ଭାରତ ସହଯୋଗ କରିବାକୁ ସଦା ଆଗ୍ରହୀ। କିନ୍ତୁ ଏଥିରେ ପକ୍ଷପାତିତାକୁ ଭାରତ ଆଦୌ ବରଦାସ୍ତ କରିବ ନାହିଁ।

## ଅପାର-ଆଧାର କଷଣ

ପ୍ରଭାତ କୁମାର ସାହୁ

'ଆଧାର' ଭାରତୀୟ ନାଗରିକଙ୍କ ଅନନ୍ୟ ପରିଚୟପତ୍ର। କିନ୍ତୁ ଏହା ନାଗରିକ ପରିଚୟପତ୍ର ନୁହେଁ ବୋଲି କାର୍ଡରେ ଉଲ୍ଲେଖ ରହିଛି। 'ଅଟୋମେଟେଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି' ବା 'ଅପାର' ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସ୍ତର ଆକଳନ ନିମନ୍ତେ ବ୍ୟାଙ୍କ ପାସବୁକ୍ ପରି ଏକ ବୈଦ୍ୟୁତିକ ଦସ୍ତାବିଜ୍। ଏହା ମଧ୍ୟ ବିଦ୍ୟାର୍ଥୀମାନଙ୍କ ଏକ ପ୍ରମାଣପତ୍ର ସଦୃଶ। କିନ୍ତୁ ଏହି 'ଅପାର ଆଇଡି' ବର୍ତ୍ତମାନ ହଜାର ହଜାର ଶିକ୍ଷାର୍ଥୀଙ୍କ ସହିତ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସମସ୍ୟା ପାଲଟି ଯାଇଛି।

ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାୟତନର ସମସ୍ତ ତଥ୍ୟ ୟୁଡାଇସ୍ ପୋର୍ଟାଲରେ ସଂରକ୍ଷିତ। ୟୁନିଫାଏଡ ଡିଜିଟାଲ ଇନଫର୍ମେସନ୍ ଅନ୍ ସ୍କୁଲ ଏଜୁକେସନ୍ (ୟୁଡାଇସ୍ ପ୍ଲସ୍) ଡାଟାବେସରୁ ବିଦ୍ୟାଳୟ ସ୍ଥାପନା, ବର୍ତ୍ତମାନର ସ୍ଥିତି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମସ୍ତ ତଥ୍ୟ ଓ ଉପସ୍ଥାନ ସେଥିରେ ଉପଲବ୍ଧ। ବର୍ତ୍ତମାନ ସେସବୁ କାର୍ଯ୍ୟ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏମ୍‌ଆଇଏସଙ୍କ ତତ୍ତ୍ୱାବଧାନରେ କରାଯାଉଥିଲେ ମଧ୍ୟ ସାଧାରଣ ଶିକ୍ଷକମାନେ ଶିକ୍ଷଣ, ଶିକ୍ଷାଦାନ ଓ ଅଣଶିକ୍ଷଣ କାର୍ଯ୍ୟ ସହିତ ୟୁଡାଇସ୍ ପ୍ଲସରେ ଡେଟା ଅପଲୋଡ୍ କରିବାକୁ ବାଧ୍ୟ ହେଉଛନ୍ତି। ଶ୍ରେଣୀ ଅନୁଯାୟୀ ଶିକ୍ଷକ ନଥିବା ବିଦ୍ୟାଳୟରେ ଏହା ଅଧିକ ବୋଝ ପରି ଲାଗୁଛି। ପିଲାର ସମସ୍ତ କାଗଜପତ୍ର ଗ୍ରାମାଞ୍ଚଳର ପିତାମାତା ସଠିକ ଭାବେ ନିର୍ଦ୍ଧାରିତ ସମୟରେ ଦାଖଲ କରି ପାରନ୍ତି ନାହିଁ। ଯାହାଫଳରେ ଛାତ୍ରଛାତ୍ରୀ ପରୋକ୍ଷ ଭାବେ ହଇରାଣ ହୁଅନ୍ତି ଏବଂ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା କରନ୍ତି।

ପିଲାମାନଙ୍କର ଜନ୍ମ ପ୍ରମାଣପତ୍ର, ନାମଲେଖା ପଞ୍ଜିକା ଓ ଆଧାର କାର୍ଡ ମଧ୍ୟରେ ତାଳମେଳ ରହୁ ନଥିବାରୁ ଅପାର ଆଇଡି ଜେନେରେଟ୍ ହେବା ଅସମ୍ଭବ ହେଉଛି। ଅପାର ଆଇଡି ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟସ୍ତରୀୟ ସମସ୍ତ ପ୍ରଗତିକୁ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟସ୍ ତଥା ବ୍ୟାଙ୍କ ପାସବୁକରେ ସଞ୍ଚିତ ରଖିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ରେ ଗୁରୁତ୍ୱ ଦିଆଯାଇଛି। 'ୱାନ୍ ନେସନ ୱାନ ଏଜୁକେସନ୍ ଆଇଡି ସିଷ୍ଟମ'କୁ ପ୍ରାଧାନ୍ୟ ଦେଇ 'ଅପାର' ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ଉଦ୍ଦେଶ୍ୟ ମହତ୍ ହୋଇପାରେ, କିନ୍ତୁ ଏଥିରେ ଛନ୍ଦି ହୋଇ ପଡୁଛନ୍ତି ସାଧାରଣ ଅଭିଭାବକ ଯାହାଙ୍କର ତଥ୍ୟଗତ ଓ ଦସ୍ତାବେଜ ଅମେଳ ରହୁଛି। 'ଅପାର'ର ବାରଅଙ୍କ ବିଶିଷ୍ଟ ସଂଖ୍ୟା ଯେ ବାଧ୍ୟତାମୂଳକ ନୁହେଁ ଏହା କହି ଗ୍ରାମାଞ୍ଚଳର ନିରୀହ ଅଭିଭାବକଙ୍କୁ ବୁଝାଇବାକୁ କେହି ପ୍ରସ୍ତୁତ ନୁହନ୍ତି।

ୟୁଡାଇସରେ ପେନ୍ (ପରମାନେଣ୍ଟ ଏଜୁକେସନ ନମ୍ବର) ଥାଇ ଓଡ଼ିଆ ଓ ଇଂରାଜୀ ନାମର ବନାନରେ ଅସମାନତା, ସାଙ୍ଗିଆରେ ତ୍ରୁଟି, ଲିଙ୍ଗଗତରେ ଭିନ୍ନତା, ଜନ୍ମ ପ୍ରମାଣ ପତ୍ର ଓ ଆଧାର କାର୍ଡରେ ଜନ୍ମ ତାରିଖ ଅଲଗା ହୋଇଥିବାରୁ 'ଅପାର' ଆଇଡି ସୃଷ୍ଟି ହୋଇପାରୁନାହିଁ। ଏ ପ୍ରକାର ସମସ୍ୟା ହେତୁ ହଜାର ହଜାର ବିଦ୍ୟାର୍ଥୀ ଏବେ 'ଅପାର'ରୁ ବଞ୍ଚିତ। ଏସବୁ ସମାଧାନ ପାଇଁ ଆଧାର କାର୍ଡ ଅଦ୍ୟତନ ବା ଅପଡେଟ୍ ହେବା ନିହାତି ଦରକାର। ପ୍ରଥମେ ଆଧାର ସଂଶୋଧନ ନିଜର ମୋବାଇଲ ଫୋନ୍ ମାଧ୍ୟମରେ କେତେକାଂଶରେ ହେଉଥିଲା। ଏବେ ସେହି କାର୍ଯ୍ୟ ସମାପନ ଜଟିଳ ହୋଇପଡୁଛି। ଆଧାର ସହିତ ଫୋନ୍ ନମ୍ବର ସଂଯୋଗୀକରଣ, ବାୟୋମେଟ୍ରିକ ଅପଡେଟ୍, ବନାନ ସଂଶୋଧନ ଆଦି ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସଂସ୍ଥା ଓ କର୍ତ୍ତୃପକ୍ଷ କିମ୍ବା ସ୍ୱୀକୃତିପ୍ରାପ୍ତ ଜନସେବା କେନ୍ଦ୍ରରେ ହେଉଥିବାରୁ ଅଭିଭାବକ ଓ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ୟୁଆଇଡିଏଆଇ (ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ) ଅନୁଷ୍ଠାନ ସମଗ୍ର ଦେଶରେ ଏହି ଏକକ ଅନନ୍ୟ ପରିଚୟ ପତ୍ର ପ୍ରସ୍ତୁତି ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିଥିଲେ ହୁଏତ କୋଟି କୋଟି ନାଗରିକ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଆଜି ହନ୍ତସନ୍ତ ହେଉ ନଥା'ନ୍ତେ।

ଜନ୍ମ ସମୟରେ ପିତାମାତା ପିଲାଙ୍କ ନାମ ମନ ଖୁସିରେ ଦିଅନ୍ତି, କିନ୍ତୁ ସେହି ନାମକୁ ଟାଇପ କରିବା ବେଳେ ଅପରେଟରଙ୍କ ତରବରିଆ ଭାବ ନାମର ବନାନ ଅଶୁଦ୍ଧି ବା ବିକୃତୀକରଣ କରିବାର ଆଶଙ୍କା ଉପୁଜିଥାଏ। ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଶିଶୁମାନଙ୍କ ନାମ ଲେଖିବାରେ ଭୁଲ୍ ହେବା ସ୍ୱାଭାବିକ୍। ଉପାନ୍ତ ଅଞ୍ଚଳରେ ଅଭିଭାବକ ଅଧିକ ଅସୁବିଧାରେ ପଡୁଛନ୍ତି। ଏହି ଭୁଲ୍ ଥିବା ସତ୍ତ୍ୱେ ପରବର୍ତ୍ତୀ ପର୍ଯ୍ୟାୟରେ ପିଲାମାନଙ୍କ ପଠନ ସମୟରେ 'ଆଧାର'ରେ ଥିବା ପଞ୍ଜିକୃତ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଇ ନାମକୁ ଅଣଦେଖା କରାଯାଏ। ଫଳତଃ ନାମର ସଂଶୋଧନ ଆବଶ୍ୟକ ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଅଭିଭାବକ। ବେଳେବେଳେ ଏମିତି ହୁଏ ଯେ ପିଲାଙ୍କ ପ୍ରକୃତ ଜନ୍ମ ତାରିଖ, ନାମ ବା ବାସସ୍ଥାନକୁ ଅନିଚ୍ଛାକୃତ ଭାବେ ଶିକ୍ଷକ ଓ ଅଭିଭାବକ ଗ୍ରହଣ କରି ନିଅନ୍ତି। ୟୁଡାଏସ୍ ପ୍ଲସ୍ ଷ୍ଟୁଡେଣ୍ଟ ମଡ୍ୟୁଲରେ ଶିଶୁମାନଙ୍କର ତଥ୍ୟ ଅପଲୋଡ୍ ନହେଲେ ଅସୁବିଧାରେ ପଡ଼ନ୍ତି ଶିକ୍ଷକ। ପିଲାଙ୍କ ଭବିଷ୍ୟତ ଅପେକ୍ଷା ବର୍ତ୍ତମାନର କାଗଜ ଚାଷ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ।

କୋଟି କୋଟି ଜନସାଧାରଣଙ୍କ 'ଆଧାର' ସଂଶୋଧନ ପାଇଁ 'ଆଧାର' କେନ୍ଦ୍ରଗୁଡ଼ିକୁ ଓଡ଼ିଶା କଂପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ)କୁ ଦାୟିତ୍ୱ ପ୍ରଦାନ କଲା ପରେ ସେମାନଙ୍କ ମନମୁଖି କାର୍ଯ୍ୟକଳାପ ବେଳେବେଳେ ଅସହ୍ୟ ହୁଏ। ଜନସେବା କେନ୍ଦ୍ରମାନ ଅନେକ ପ୍ରକାରର କାଗଜ ଓ ପ୍ରମାଣପତ୍ର ନିହାତି ଜରୁରୀ ବୋଲି କହୁଛନ୍ତି। କିଏ କହୁଛି କମ୍ପ୍ୟୁଟରୀକୃତ ଜନ୍ମ ପ୍ରମାଣପତ୍ର ଦରକାର ତ କିଏ କହୁଛି ସ୍ଥାୟୀ ବାସସ୍ଥାନ ବା ଜନ୍ମସ୍ଥାନର ପ୍ରମାଣପତ୍ର ବାଧ୍ୟତାମୂଳକ। କିଏ କହୁଛି ଆଗେ ବାୟୋମେଟ୍ରିକ ଅପଡେଟ୍ କର ତ କିଏ ପରାମର୍ଶ ଦେଉଛି ଗେଜେଟ୍ ନୋଟିଫିକେସନ ସହିତ ଖବରକାଗଜରେ ସତ୍ୟପାଠ ଛାପି ତା'ର 'କଟିଂ' ନେଇ ଓକାକ ଯାଅ।

ଆରେ ଭଲ ପାଲା। ଆମ ପିଲା ପଢ଼ିବେ ବୋଲି ବିଲ ବାଡ଼ି ଘର ଦ୍ୱାର ଛାଡ଼ି ଆଧାର କାର୍ଡ ସଂଶୋଧନ କରିବା ପାଇଁ ଭୁବନେଶ୍ୱରରେ ଅଧିଆ ପଡ଼ିବାକୁ କାହାର ବେଳ ଅଛି? ଏକଥା ସିନା ବେପରୁଆ ଭାବେ ଜଣେ କହିଦେଲେ, କିନ୍ତୁ ଏହି ମାନସିକତା ସମସ୍ତ ମଣିଷଙ୍କ ପାଖେ ପରିଲକ୍ଷିତ ହେଉଛି। ଜନମଙ୍ଗଳ ସରକାର ସାଧାରଣ ଜନତାଙ୍କ ପାଇଁ ଔଷଧ ବଣ୍ଟନ କରିବା ପରି ବା ଜମିଜମା ସଂକ୍ରାନ୍ତ ମାମଲାକୁ ଘରକୁ ଘର ବୁଲି ସମାଧାନ କରିବା ଭଳି ଆଧାର ସଂଶୋଧନ କଲେ ଭଲ ହୁଅନ୍ତା। ଅବଶ୍ୟ ମଝିରେ କ୍ଲଷ୍ଟରସ୍ତରୀୟ ଯେଉଁ କ୍ୟାମ୍ପ୍ ପଡ଼ିଥିଲା ସେଥିରେ ମୁଣ୍ଡ ଗଣତି କେତେଜଣ ଉପକୃତ ହେଲେ। ସେଠାରେ କେବଳ ସାମାନ୍ୟ ତ୍ରୁଟିକୁ ସୁଧାରି ଦିଆଯାଇ ପାରିଲା। ବୃହତ୍ତର ତ୍ରୁଟିରେ କେହି ହାତ ମାରିଲେ ନାହିଁ। 'ଆଧାର' କେନ୍ଦ୍ରକୁ ଗଲେ କେହି ଦୃଢ଼ ଭାବରେ କହି ପାରୁନଥା'ନ୍ତି ଯେ ଗ୍ରାହକଙ୍କ ଦରଖାସ୍ତ ମଞ୍ଜୁର ହେବ ବୋଲି। ଅଭିଭାବକ ଟଙ୍କା ଖର୍ଚ୍ଚ କରନ୍ତି। ନଗଦ କାରବାର ବା ଦେୟ ବା ପ୍ରଦାନର ସୂଚନା ହସ୍ତଗତ ହୁଏ। କଂପ୍ୟୁଟରରେ ଆପ୍ଲିକେସନ ଅପଲୋଡ୍ ହେଲା ପରେ ଓକାକ୍ ଦ୍ୱାରା ରିଜେକ୍ଟ ମେସେଜ(ଅଗ୍ରାହ୍ୟ ବା ନାକଚ ବାର୍ତ୍ତା) ଆସିଲେ ମଧ୍ୟ ଦାଖଲ କରାଯାଇଥିବା ଟଙ୍କା ଫେରସ୍ତ ହୁଏ କି ନାହିଁ ଜଣାପଡ଼େନାହିଁ। ଯେବେ ଟଙ୍କା ଫେରେ ଜନସେବା କେନ୍ଦ୍ରର କର୍ମଚାରୀ କିମ୍ବା ମାଲିକଙ୍କ ଆକାଉଣ୍ଟକୁ ଯାଏ।

'ଆଧାର' ସଂଶୋଧନ ଅନେକ ପ୍ରକାରର ରହିଛି। ଗୋଟିଏ ତ୍ରୁଟି ସଜାଡ଼ିଲେ ଆଉ କେତୋଟି ଭୁଲ୍ ଦୃଷ୍ଟିଗୋଚର ହୁଏ। ବିଭିନ୍ନ ସଂଶୋଧନ ପାଇଁ ବିଭିନ୍ନ ପ୍ରକାରର ଫି ରହିଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସେ ବିଷୟରେ ପଚାରିଲେ ବିରକ୍ତ ହୁଅନ୍ତି। ବିଭିନ୍ନ ପ୍ରକାର ସଂଶୋଧନ ପାଇଁ ମଧ୍ୟ ବିଭିନ୍ନ ପ୍ରକାର କାଗଜପତ୍ର ଆବଶ୍ୟକ ହେଉଛି। ସ୍ୱୀକୃତିପ୍ରାପ୍ତ ବିଭିନ୍ନ ଆଧାର ସେବା କେନ୍ଦ୍ରଗୁଡ଼ିକୁ ବାରମ୍ବାର ଦୌଡ଼ି ଦୌଡ଼ି ହତାଶ ହେଲା ପରେ ଅଭିଭାବକଙ୍କ ମନରେ ଉଦାସୀନତା ପରିଲକ୍ଷିତ ହେଉଛି।

ସରକାର ଆଜି ଲୋକମାନଙ୍କର ସରକାର। ଲୋକଙ୍କର ହିତ ସାଧନ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ 'ଆଧାର' ଅପଡେଟ୍ କରିବା ପାଇଁ ସରଳୀକରଣ ଉପାୟକୁ ଅବଲମ୍ବନ କରିବା ସର୍ବାଦୌ ବାଞ୍ଛନୀୟ। ଯଦ୍ୱାରା ବିଦ୍ୟାର୍ଥୀମାନଙ୍କ 'ଅପାର' ଆଇ ଡି ଓ ଏବିସି ସଠିକ୍ ଭାବେ ସୃଷ୍ଟି ହୋଇପାରିବ। ଜାତୀୟ ଶିକ୍ଷା ନୀତି ୨୦୨୦ କୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଆଧାର ଜନିତ ଅନ୍ତରାୟ ହଟିଯିବ।

ଗୋପ(ପୁରୀ), ମୋ: ୭୯୭୮୬୩୫୨୭୬

## ଅନନ୍ତ ପଥ ଏ ରଥପଥ

ଡକ୍ଟର ଫକୀର ମୋହନ ନାହାକ

ପ୍ରଭୁ ବର୍ଷକୁ ଥରେ ବଡ଼ଦାଣ୍ଡକୁ ଆସନ୍ତି, ପୂଜା ପାଇବା ପାଇଁ ନୁହେଁ, ବରଂ ଆମକୁ କୋଳେଇ ନେବା ପାଇଁ ଆଉ ମନେ ପକାଇଦେବା ପାଇଁ ଯେ, ଏ ଧୂଳି ଧୂସରିତ ପବିତ୍ର ରଥପଥରେ କେବେ ସ୍ୱୟଂ ଲୀଳାମୟ, ଭକ୍ତଙ୍କ ସାଙ୍ଗରେ ଏକାଠି ଚାଲିବାର କଷ୍ଟ ବି ଉଠାନ୍ତି।

ଏମିତି ଏକ ବିଗ୍ରହ ଯାହାର ନା ହାତ ଅଛି ନା ପାଦ ଅଛି। ହେଲେ ଭୂମିରୁ ଭୂମା ଯାଏଁ ସେ ପରିବ୍ୟାପ୍ତ। ଯେ ଅପଲକ ନୟନରେ ସମଗ୍ର ବ୍ରହ୍ମାଣ୍ଡକୁ ଅନନ୍ତ କାଳ ପାଇଁ ଅବଲୋକନ କରିପାରନ୍ତି, ଏମିତି ଅପରିସୀମ ଅପାଣିପାଦ ବିଗ୍ରହ ବିଶ୍ୱରେ ଆଉ କେଉଁଠି ଅଛି କହିଲେ ସତରେ? ଏ ଅନନ୍ତ ପଥକୁ କାହିଁ କେଉଁ ଅନାଦି କାଳରୁ ଓହ୍ଲାଇ ଆସୁଛନ୍ତି ମହାପ୍ରଭୁ ନିଜର ଅଦୃଶ୍ୟ ବାହୁ ବନ୍ଧନୀରେ ସମସ୍ତଙ୍କୁ ବାନ୍ଧି ନେବା ପାଇଁ। କେବେ ପଚାରି ନାହାନ୍ତି ସେ, ତାଙ୍କୁ ଭେଟିବାକୁ ଆସିଥିବା ମଣିଷଟା କେଉଁ ଜାତିର, କେଉଁ ଧର୍ମର, କେଉଁ ସଂପ୍ରଦାୟର। ପଚାରିନାହାନ୍ତି କେବେ ତା'ର ଆର୍ଥିକ ସ୍ଥିତି, ସାମାଜିକ ଅବସ୍ଥା କିମ୍ବା ଶିକ୍ଷାଗତ ଯୋଗ୍ୟତା କ'ଣ। ସେ କେଉଁ ଭାଷାରେ ନିଜ ଭାବକୁ ପ୍ରକାଶ କରୁଛି ବା ଗଦ୍ୟ, ପଦ୍ୟ, ସଂଗୀତ, ନୃତ୍ୟ ନା ଅନ୍ୟ କିଛି ମାଧ୍ୟମରେ ନିଜ ମନ କଥାକୁ ତାଙ୍କୁ ଶୁଣାଇବାକୁ ଆସିଛି। ନା କେବଳ ନିରବ ରହି ଅଶ୍ରୁପ୍ଳୁତ ନୟନରେ ନିଜ ମନ କଥା ତାଙ୍କୁ ମନେ ମନେ ଶୁଣାଇ ଦେଉଛି। ଭାବ ବିନୋଦିଆ ହରି ବୁଝି ଯା'ନ୍ତି ସବୁକଥାକୁ। କହିବା ଆଗରୁ ଜାଣି ଯା'ନ୍ତି ମନକଥା। ତା'ନ ହୋଇଥିଲେ କି ଏ ରଥପଥ ବଡ଼ଦାଣ୍ଡ ଏମିତି ଅନନ୍ତ କାଳରୁ ଭକ୍ତଙ୍କୁ କୋଳେଇ ନିଅନ୍ତା!

ଜୀବନ ଓ ମୃତ୍ୟୁର ନିରନ୍ତର ଚକ୍ରରୁ ଖୁବ୍ ଊର୍ଦ୍ଧ୍ୱରେ ଏ ଅନନ୍ତ ରଥପଥ। ପିଢ଼ି ପରେ ପିଢ଼ି ମଣିଷ ଦୌଡ଼ି ଆସୁଛି ଏହି ରଥପଥକୁ। ସେ ଜାଣିଛି ଯେ, ତା' ପିତୃପୁରୁଷ ଆଉ ଉତ୍ତରପୁରୁଷର ତ୍ରାଣକର୍ତ୍ତା ଏହି ଅନନ୍ତ ଜଗନ୍ନାଥ। ଏହି ରଥପଥରେ ହିଁ ଲେଖା ହୋଇଛି ତା' ମୁକ୍ତିର କଥା, ତିଆରି ହୋଇଛି ତା' ମୋକ୍ଷର ମାର୍ଗ। ପ୍ରତିବର୍ଷ ଯେତେବେଳେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ରଥଯାତ୍ରାର ଆୟୋଜନ ହୁଏ, ସେତେବେଳେ ଏକ ଅସାଧାରଣ ଘଟଣା ଘଟେ, ଯାହା ଧର୍ମ, ଜାତି, ସମୟ, ସମ୍ବତ୍ସର, ଶତାବ୍ଦୀର ସୀମାକୁ ଅତିକ୍ରମ କରେ। କେହି କାହାକୁ ଜାଣିନଥିବା ମଣିଷମାନେ ଏକାଠି ହୁଅନ୍ତି ଏଇଠି। ସମସ୍ତଙ୍କ ମନରେ ଥା'ନ୍ତି କେବଳ ଶ୍ରୀଜଗନ୍ନାଥ। ମହାଶୂନ୍ୟରୁ ଯଦି ମାପି ହୁଅନ୍ତା, ତା'ହାଲେ ଆମେ ଜାଣିପାରନ୍ତେ ବଡ଼ଦାଣ୍ଡରେ ଅଦୃଶ୍ୟ ଭାବରେ ଅବସ୍ଥାନ କରୁଥିବା ଭାବାବେଗମାନଙ୍କୁ। ଦେଖି ହୁଅନ୍ତା ଯଦି, ଦେଖି ନିଅନ୍ତେ ଏହି ଅନନ୍ତ ପଥରେ ଉଭା ମଣିଷମାନଙ୍କ ମନକୁ। ହେଲେ ସେ ଦାୟିତ୍ୱ କ'ଣ ଆମର? ଏ ସମସ୍ତେ ଯେଉଁଥି ପାଇଁ ଆସିଛନ୍ତି, ଯାହାଙ୍କ ପାଇଁ ଆସିଛନ୍ତି, ସେ ପରା ନିଜେ ନିଜ ଆସ୍ଥାନ ଛାଡ଼ି ଆସିଛନ୍ତି, ଏଇମାନଙ୍କ ମନକଥା ଜାଣିବା ପାଇଁ!

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କିମ୍ବା ରଥ ମହୋତ୍ସବ କେବଳ ଏକ ଧାର୍ମିକ ଶୋଭାଯାତ୍ରା ନୁହେଁ, ବରଂ ଏକ ମହାନ ଆଧ୍ୟାତ୍ମିକ ଯାତ୍ରା, ଯାହା ଲକ୍ଷ ଲକ୍ଷ ମଣିଷଙ୍କୁ ବିଶ୍ୱାସ, ବିନମ୍ରତା ଏବଂ ବିଭୁବୋଧର ଏକ ଭିନ୍ନ ଭାବଧାରାରେ ଏକତ୍ରିତ କରେ। ଆମ ହାତ ଆକାଶକୁ ଛୁଉଁ ବରଂ ଆମ ପାଦ ସବୁବେଳେ ମାଟି ସହିତ ଯୋଡ଼ି ହୋଇ ରହିଥାଉ। ଏହି ଭାବନା ହିଁ ରହିଛି ମହାପ୍ରଭୁଙ୍କ ଘୋଷଯାତ୍ରାର ପ୍ରେକ୍ଷାପଟରେ। ନିଜ ମାଟି, ନିଜ ଜନ୍ମସ୍ଥାନ ଅନ୍ତୁଡ଼ିଶାଳ ସହିତ ଯୋଡ଼ି ହୋଇ ରହିବା ଉଦ୍ଦେଶ୍ୟରେ ହିଁ ତ ମହାପ୍ରଭୁ କେବେ ନିଜ ଇଚ୍ଛା ପ୍ରକାଶ କରିଥିଲେ ବର୍ଷରେ ଥରେ ଅନ୍ତତଃ ଗୁଣ୍ଡିଚା ମନ୍ଦିରକୁ ବୁଲିଯିବା ପାଇଁ। ଆଉ ସେବେଠାରୁ ଚାଲିଛି ଏହି ଅନନ୍ତ ଯାତ୍ରା, ଯାହା ମହାପ୍ରଭୁଙ୍କୁ ତାଙ୍କ ମୂଳ, ତାଙ୍କ ବନ୍ଧୁ ପରିଜନ ଏବଂ ପ୍ରାକୃତିକ ଜଗତ ସହିତ ପୁନଃ ସଂଯୋଗ ପାଇଁ ତାଙ୍କ ଆଗ୍ରହର ପ୍ରତୀକ ପାଲଟିଯାଇଛି।

ଏ ଯାତ୍ରାରେ ଯେତେବେଳେ ଅଭିଯାତ୍ରୀ ହୋଇ ବାହାରନ୍ତି ମହାପ୍ରଭୁ, ସେତେବେଳେ ତାଙ୍କୁ ଆଉ ଶ୍ରୀମନ୍ଦିରର ଗର୍ଭଗୃହରେ ଥିବା କଟକଣା, ରୀତିନୀତି କିଛି ମାନିବାକୁ ପଡ଼େନି। ଅନନ୍ତ ଆକାଶ ତଳେ ପ୍ରକୃତିର କୋଳରେ ସେ ନିଜ ସହିତ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଆଗକୁ ଚାଲନ୍ତି। ତାଙ୍କରି ରଥପଥରେ ଧୀରେ ଧୀରେ ଭକ୍ତ ତାଙ୍କ ନିକଟତର ହୁଏ। ମନର କଥାକୁ ବଖାଣେ। ସମସ୍ତଙ୍କ ଅଭିମାନ, ଅଭିଯୋଗକୁ ନିଜ ଅନନ୍ତ ହୃଦୟରେ ସ୍ଥାନ ଦେଇ ଭକ୍ତ ସହିତ ଏକାକାର ହୋଇଯାଆନ୍ତି ମହାପ୍ରଭୁ। ବିନା ବାଛବିଚାରରେ ସମସ୍ତଙ୍କୁ କୋଳେଇ ନିଅନ୍ତି ବଳୀୟାରଭୁଜ। ଏ ଦୃଶ୍ୟ ଦେଖିଲେ ଅନୁଭବ ହୁଏ, ଯେମିତି ଦେବତ୍ୱର ଧରାବତରଣ ହୋଇଛି। ଭୂମିକୁ ସ୍ପର୍ଶ କରୁଛନ୍ତି ଭଗବାନ। ପ୍ରଭୁ ଜଗନ୍ନାଥଙ୍କ ବିଶାଳ, କରୁଣାମୟ ଚକାଡୋଳାକୁ ଦେଖି ଦେଇ ତାରି ଭିତରେ ସମାହିତ ହୋଇଯାଏ ଏ ଅନନ୍ତ ଜନସମୁଦ୍ର। ବଡ଼ଦାଣ୍ଡରେ ରଥ ଟାଣିଲା ବେଳେ ଲାଗେ ଯେମିତି ଲକ୍ଷ ଲକ୍ଷ ହାତ ଗୋଟିଏ ହୃଦୟରେ ସେ କୋଟି ହୃଦୟେଶ୍ୱରଙ୍କୁ ନିଜ ହୃଦୟ ସିଂହାସନରେ ବସାଇ ଟାଣି ନେଉଛନ୍ତି ଅନନ୍ତ ପଥରେ।

ରଥପଥରେ ଚଳନ୍ତି ଦେଉଳ ତିନି ରଥ ଗଡ଼ିଗଲା ବେଳେ 'ଜୟ ଜଗନ୍ନାଥ!' ଧ୍ୱନିରେ ପ୍ରକମ୍ପିତ ହୁଏ ଚଉଦ ଭୁବନ। ସମସ୍ତେ ଏମିତି ଏକ ଅବସ୍ଥାରେ ଥା'ନ୍ତି ଯେ, କିଏ ଭକ୍ତିରେ ହସୁଥା'ନ୍ତି, କାନ୍ଦୁଥା'ନ୍ତି, ଗୀତ ଗାଉଥା'ନ୍ତି ଏବଂ ନୃତ୍ୟ କରନ୍ତି ଅଥବା ରଥପଥରେ ଲୋଟିପଡ଼ନ୍ତି। ମଣିଷ ଗଢ଼ିଥିବା ବିଭାଜନର ରେଖା ଏ ଅନନ୍ତ ପଥରେ ଅପସରିଯାଏ। ଧନୀ-ଗରିବ, ସନ୍ଥ-ସନ୍ଦେହୀ, ବୃଦ୍ଧ-ଯୁବକ ସମସ୍ତେ ପ୍ରଭୁଙ୍କ ସହିତ ଏକ ହୋଇଯା'ନ୍ତି। ଏ ରଥଯାତ୍ରାର ପ୍ରତ୍ୟେକ ଉପାଦାନ ଗଭୀର ପ୍ରତୀକବାଦରେ ପରିପୂର୍ଣ୍ଣ। ପ୍ରଭୁ ଜଗନ୍ନାଥଙ୍କ ରୂପ - ବଡ଼ ବଡ଼ ଚକା ଆଖି ଓ ଅସମ୍ପୂର୍ଣ୍ଣ ଅଙ୍ଗ ଅନନ୍ତକୁ ପ୍ରତିନିଧିତ୍ୱ କରେ। କହିଯାଏ ଗୋଟିଏ କଥା ଆଦି କିମ୍ବା ଅନ୍ତ ବିନା ଏକ ହିଁ ଈଶ୍ୱର, ଯିଏ କି ମଣିଷର ସମସ୍ତ କଳ୍ପନାକୁ ଅତିକ୍ରମ କରିପାରନ୍ତି। ଏ ପବିତ୍ର ଘୋଷଯାତ୍ରା ଜନ୍ମ-ପୁନର୍ଜନ୍ମ ମାଧ୍ୟମରେ ଆତ୍ମାର ଯାତ୍ରାର ରୂପକ ମାତ୍ର।

ଆଜି ମଧ୍ୟ ଏକ କ୍ରମବର୍ଦ୍ଧିଷ୍ଣୁ ବିଖଣ୍ଡିତ ବିଶ୍ୱରେ ରଥଯାତ୍ରା ଏକତା, ନମ୍ରତା ଓ ଆଶାର ଏକ ଆଲୋକପଥ ଭାବରେ ଠିଆ ହୋଇଛି। ପ୍ରମାଣ କରୁଛି ଯେ, ସେ ଦିବ୍ୟସତ୍ତା ସମସ୍ତଙ୍କର। ଏ ଅନନ୍ତ ରଥପଥ ହିଁ ଶ୍ରୀଜଗନ୍ନାଥ। ଏହା ବିଶ୍ୱର ଆଧ୍ୟାତ୍ମିକ ଐତିହ୍ୟ ଏବଂ ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଅନନ୍ତ ବନ୍ଧନର ଏକ ଜୀବନ୍ତ ପ୍ରତିମୂର୍ତ୍ତି। ବର୍ଷ ପରେ ବର୍ଷ ଏମିତି ଅନନ୍ତ କାଳ ଯାଏଁ ଜାରି ରହିଥିବ ଏ ଅନନ୍ତ ଯାତ୍ରା। ଯେତେବେଳେ ପଶ୍ଚିମାକାଶରେ ସୂର୍ଯ୍ୟ ଅସ୍ତଗାମୀ ହେଉଥିବେ, ଯେତେବେଳେ ଶେଷ ରଥ ମନ୍ଦିର ଦ୍ୱାରରେ ପହଞ୍ଚୁଥିବ ଏବଂ ସଂକୀର୍ତ୍ତନରେ ଉଦଣ୍ଡ କୀର୍ତ୍ତନ କରୁଥିବା ଭକ୍ତମାନେ ଥକି ପଡୁଥିବେ, ସେତେବେଳେ ଘରମୁହାଁ ହେବାକୁ ଚାହୁଁଥିବ ଭକ୍ତ, ହେଲେ ତା'ମନରେ ଥିବ ଗୋଟିଏ କଥା - ପ୍ରଭୁ କେବଳ ମନ୍ଦିର ଏବଂ ରଥାରୂଢ଼ ହୋଇ ନାହାନ୍ତି, ତାଙ୍କୁ ମୁଁ ତ ମୋ ହୃଦରତ୍ନସିଂହାସନରେ ବସାଇ ଯାତ୍ରା କରୁଛି... ।

ଜୟ ଜଗନ୍ନାଥ!

(ମଣିପାଲ ବିଶ୍ୱବିଦ୍ୟାଳୟ)
ଜୟପୁର(ରାଜସ୍ଥାନ) ମୋ: ୯୯୩୭୨୫୨୪୬୪

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ତିବ୍ବତରେ ବିଗ୍ରହ ତତ୍ତ୍ୱମୂଳକ ଉପସ୍ଥାପନାରେ ପଦ୍ମସମ୍ଭବଙ୍କୁ ସମସ୍ତ ସର୍ବଶ୍ରେଷ୍ଠମାନଙ୍କର ସମାହାର ଭାବେ ଉପସ୍ଥାପିତ କରାଯାଇଛି। ଏଥିରେ ତାଙ୍କର କୁଳ ଓ ଦୃଶ୍ୟମାନ ବାହ୍ୟରୂପକୁ ମଧ୍ୟ ନିରୂପିତ କରାଯାଇଛି। ଏଥିରେ ସବା ଉପରେ ରହିଛନ୍ତି 'ଧର୍ମକାୟା ଅମିତାଭ'। ତାଙ୍କ ତଳକୁ 'ସମ୍ଭୋଗକାୟା ଅବଲୋକିତ'। ସବା ତଳଭାଗରେ 'ନିର୍ମାଣକାୟା' ପଦ୍ମସମ୍ଭବ ତାଙ୍କ ଦୁଇ ସହଚରୀଙ୍କ ସହ। ଏହି ଦୁଇ ସହଚରୀ ଦୁଇପାଖରେ ତାଙ୍କୁ ଖପୁରୀରେ ମଦ୍ୟ ଓ ରକ୍ତ ଧରି ତର୍ପଣ କରୁଥବାର ଦେଖାଯାଏ।

ୟେସେ ସୋଗ୍ୟାଲ: ପଦ୍ମସମ୍ଭବଙ୍କର ତିବ୍ବତ ରହଣି ସମୟରେ ଏହି ମହିଳା ଜଣଙ୍କ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭୂମିକା ତୁଲାଇଛନ୍ତି। ୟେସେ ହେଉଛନ୍ତି ତିବ୍ବତର ଏକ ପାହାଡ଼ିଆ ନିମ୍ନଭୂମି ଅଞ୍ଚଳର କାରଚେନ ନାମକ ଜଣେ ସର୍ଦ୍ଦାର ଅଥବା ଜମିଦାରଙ୍କ କନ୍ୟା। ଷୋହଳ ବର୍ଷ ବୟସରେ ୟେସେ ରାଜା ଖ୍ରୀଙ୍କର ପତ୍ନୀ ହୋଇଥିଲେ।



ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବ ତିବ୍ବତ ଆସିବା ପରେ ସେ ପଦ୍ମସମ୍ଭବଙ୍କ ସହ ଛାଇ ପରି ସବୁବେଳେ ରହିବା ସହ ତାଙ୍କର ବ୍ୟକ୍ତିଗତ ସହକାରୀ ବା ସଚିବ ଭଳି ଦାୟିତ୍ୱ ତୁଲାଉଥିଲେ। ସେ ପଦ୍ମସମ୍ଭବଙ୍କୁ ବିଭିନ୍ନ ବିଷୟରେ ଅବସର ସମୟରେ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରିବା ସହ ଉତ୍ତର ସବୁକୁ ସଙ୍ଗେ ସଙ୍ଗେ ଲିପିବଦ୍ଧ କରି ପକାଉଥିଲେ। ଏହି ସମୟରେ ସେ ତାନ୍ତ୍ରିକ ଶିକ୍ଷାର ନିର୍ଯ୍ୟାସ ସବୁକୁ ମଧ୍ୟ ପ୍ରଶ୍ନଛଳରେ ଉତ୍ତର ଶୁଣି ସେସବୁକୁ ଅନୁବାଦ କରି ପକାଇ ଓ ସେସବୁର ଅର୍ଥକୁ ପ୍ରତୀକାତ୍ମକ ରୂପରେ ଏକ ସାଙ୍କେତିକ ଲିପି ପ୍ରୟୋଗ କରି ସଂହିତା ଆକାରରେ ଲିପିବଦ୍ଧ କରିପକାଉଥିଲେ। ଏଗୁଡ଼ିକୁ ଗୁପ୍ତଆକାରରେ ଅତ୍ୟନ୍ତ ଦୁର୍ଲଭ ବସ୍ତୁ ଭାବେ ସାଇତି ରଖିବା ପାଇଁ ଚମଡ଼ା ଭଳି ଦୀର୍ଘସ୍ଥାୟୀ ଏକ ସ୍ୱତନ୍ତ୍ର କାଗଜ ବ୍ୟବହାର କରୁଥିଲେ। ଏହିଭଳି ଶହ ଶହ ଗ୍ରନ୍ଥ ପ୍ରସ୍ତୁତ କରି ସେଗୁଡ଼ିକୁ ଜଳବାୟୁ ଜନିତ କ୍ଷୟକ୍ରିୟାରୁ ନିରାପଦ ଭାବେ ତିବ୍ବତର ଚାରିଆଡ଼େ ପଦ୍ମସମ୍ଭବଙ୍କ ଦ୍ୱାରା ଚିହ୍ନିତ ସ୍ଥାନମାନଙ୍କରେ ଲୁକ୍କାୟିତ ଭାବେ ସାଇତି ରଖାଗଲା। ଯେତେ ପଦ୍ମସମ୍ଭବଙ୍କର ସବୁଠରୁ ଅଧିକ ନିକଟତର ଶିଷ୍ୟ ଥିଲେ ଏବଂ ସେ ପ୍ରାୟ ପଦ୍ମସମ୍ଭବଙ୍କର ସମସ୍ତ ପ୍ରକାର ଶିକ୍ଷାକୁ ଆୟତ୍ତ କରି ସବୁର ଅଧିକାରିଣୀ ହୋଇ ପାରିଥିଲେ। ତାଙ୍କୁ ଦେବୀ ସରସ୍ୱତୀଙ୍କର ଅବତାର ରୂପେ ତିବ୍ବତରେ ଗ୍ରହଣ କରାଯାଇଛି।

ଯଥାର୍ଥରେ ପଦ୍ମସମ୍ଭବ ତିବ୍ବତରେ ସମସ୍ତ ସଫଳତା ଅର୍ଜନ କରିଥିଲେ ଯେଉଁ କାର୍ଯ୍ୟରେ ଶାନ୍ତ ରକ୍ଷିତ ପ୍ରଥମେ ବିଫଳ ହୋଇଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଲା ପଦ୍ମସମ୍ଭବଙ୍କ ଚମତ୍କାରୀ ପ୍ରତିଭା ଓ ଶକ୍ତି ଫଳରେ ସମସ୍ତ ତିବ୍ବତବାସୀ, ସେ ବନ୍ ଧର୍ମାବଲମ୍ବୀ ହୁଅନ୍ତୁ ଅଥବା ସାଧାରଣ ନାଗରିକ, ସଂପୂର୍ଣ୍ଣ ଭାବେ ପଦ୍ମସମ୍ଭବଙ୍କ ଅନୁଗାମୀ ହୋଇଗଲେ। ପ୍ରଥମେ ସେମାନେ ତାଙ୍କ କାର୍ଯ୍ୟକଳାପ ସବୁକୁ ଅତ୍ୟନ୍ତ ବିସ୍ମୟର ସହ ଅନୁଧ୍ୟାନ କରି ତାଙ୍କଠାରେ ଶ୍ରେଷ୍ଠଗୁରୁଙ୍କର ଉପସ୍ଥିତି ବୋଧ ହେବା ପରେ ତାଙ୍କୁ ଗୁରୁଭାବେ ଗ୍ରହଣ କରିବାକୁ ମାନସିକ ସ୍ତରରେ ବାଧ୍ୟ ହୋଇଯାଇଥିଲେ। ଯଥାଶୀଘ୍ର ସେ ତିବ୍ବତର ସଂରକ୍ଷକ ସନ୍ଥ ଅଥବା ମହାପୁରୁଷ ରୂପେ ପ୍ରତିଷ୍ଠିତ ହୋଇଗଲେ। ସେହି କାଳରୁ ତିବ୍ବତୀୟମାନଙ୍କର ତାଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା ପ୍ରଶଂସାତ୍ମକ ଭାବ ଓ ବିସ୍ମୟଭାବ ଏପର୍ଯ୍ୟନ୍ତ ତିଷ୍ଠି ରହିଛି ଓ ଚାଲିଆସୁଛି। ବହୁପ୍ରକାରର ଅଦ୍ଭୁତ ଓ ଅଲୌକିକ ଘଟଣା ଦ୍ୱାରା ସେ ସେଠାରେ ନିଜର ସ୍ଥିତି ଓ ପ୍ରତିଷ୍ଠାକୁ ଦୃଢ଼ କରିପାରିଥିଲେ। ସବୁଠାରୁ ବଳି ବିସ୍ମୟକର ଘଟଣାକ୍ରମ ଥିଲା ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ସହ ତାହାର ସୁଦୃଢ଼ୀକରଣ ଏବଂ ତାହା ପ୍ରଭାବକୁ ବ୍ୟାପକ ଓ ଅତ୍ୟନ୍ତ ବଳଶାଳୀ କରିବାରେ ତାଙ୍କର କାର୍ଯ୍ୟ ଓ ସଫଳତା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଆଇପିଙ୍କ ପାଇଁ ମହାପ୍ରଭୁଙ୍କୁ ଅପେକ୍ଷା କରିବାକୁ ପଡୁଛି: ଭକ୍ତ

ଭୁବନେଶ୍ୱର,୨୭।୬(ସମିସ): ଏଥର ରଥଯାତ୍ରାର ଆୟୋଜନ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଭଲ ହୋଇଥିଲା ବୋଲି ସରକାର ବାହାସ୍ଫୋଟ ମାରୁଥିଲେ। ତା'ସତ୍ତ୍ୱେ ରଥ ଚାଲିଲା ନାହିଁ। ରାଜ୍ୟ କୋଟିକୋଟି ଜଗନ୍ନାଥ ବିଶ୍ୱାସୀ ଭକ୍ତ ଏହାଦ୍ୱାରା ଗଭୀର ଭାବେ ମାନସିକ ଆଘାତ ପାଇଛନ୍ତି। ସବୁକିଛି ଠିକଠାକ୍ ଥିବାବେଳେ କେଉଁ କାରଣ ପାଇଁ ସରକାର ରାଜ୍ୟବାସୀଙ୍କ ଭାବାବେଗ ସହ ଖେଳିଲେ, ସେ ନେଇ ନିଜେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। କେଉଁ ଭିଆଇପିଙ୍କ ପାଇଁ ସରକାର ମହାପ୍ରଭୁଙ୍କର ରଥକୁ ଆଗକୁ ନ ନେଇ ଅପେକ୍ଷା କରାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଭୁଲ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗଜପତି ପ୍ରଭୁଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି।

# ୬୦ ବର୍ଷ ଭିତରେ ଏପରି ଦୃଷ୍ଟାନ୍ତ ନାହିଁ: ନିରଞ୍ଜନ

ଭୁବନେଶ୍ୱର,୨୭।୬(ସମିସ): ଚଳିତ ବର୍ଷ ରଥଯାତ୍ରାରେ ଯାହା ଘଟିଛି, ଗତ ୫୦-୬୦ ବର୍ଷ ଭିତରେ ଏବର୍ଷ ଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳି ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏଥର ରଥଯାତ୍ରାର ଆୟୋଜନ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଭଲ ହୋଇଥିଲା। ତା' ସତ୍ତ୍ୱେ ରଥ ଚାଲିଲା ନାହିଁ। ଜଣେ ଜଗନ୍ନାଥ ବିଶ୍ୱାସୀ ଭକ୍ତ ଭାବେ ଯେତେ ଦୂର ଧାରଣା ଗତ ୫୦/୬୦ ବର୍ଷ ଭିତରେ ରଥ ଚାଲିବାରେ ଏ ବର୍ଷ ପରି ଦୃଷ୍ଟାନ୍ତ ନାହିଁ। କାହିଁକି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଏ ଲୀଳା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହିତ ଟିଭିରେ ପଣ୍ଡିତ ମାନେ କହୁଛନ୍ତି, ସାଲବେଗ ବା ଯାଜପୁରର ୧୨ ବର୍ଷର ବାଳକକୁ ଜଗନ୍ନାଥ ଅପେକ୍ଷା କରିଥିଲେ। ମାତ୍ର ସେ ଜଣେ ଦୁର୍ବଳମନା ବ୍ୟକ୍ତି। ତେଣୁ ତାଙ୍କ ମନରେ ବହୁତ ଦ୍ୱନ୍ଦ୍ୱ ଓ ଆଶଙ୍କା ଆସୁଛି। ତା ଭିତରେ ଗତ ବର୍ଷର ରଥଯାତ୍ରାରେ ଘଟିଥିବା ଘଟଣା ଆନ୍ଦୋଳିତ କରୁଛି। ଗତ ବର୍ଷ ବଳଭଦ୍ରଙ୍କୁ ପହଣ୍ଡିବେଳେ ଯେପରି ଅବହେଳା ପ୍ରଦର୍ଶନ କରାଗଲା, ସେଥିପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏପରି ଅବହେଳା ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କର କଣ ଅସନ୍ତୋଷ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଆମର ଭୁଲ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ କିମ୍ବା ଗଜପତି ପ୍ରଭୁଙ୍କ ପାଖରେ କ୍ଷମା ମାଗି ଓଡିଶା ବାସୀଙ୍କୁ ଅଧିକ କ୍ଷତିରୁ ରକ୍ଷା କରନ୍ତୁ ବୋଲି ନିରଞ୍ଜନ ନିବେଦନ କରିଛନ୍ତି।

ଡାକି ନେଇ ପିଟିଲେ

# ପୁଲିସ ମାଡ଼ରେ ସାମ୍ବାଦିକ ଲହୁଲୁହାଣ

ଭୁବନେଶ୍ୱର,୨୭।୬(ସମିସ): ରଥଯାତ୍ରା ଦେଖିବାକୁ ସାମ୍ବାଦିକଙ୍କୁ ଡ଼ାକିନେଲେ। କଡର୍‌ନ ପାସ ଦେଲେ, ମାତ୍ର ପୁରୀରେ ପହଞ୍ଚିବା ପରେ ରଥଯାତ୍ରା ଦେଖାଇବା ପରିବର୍ତ୍ତେ ପୁଲିସ ଲଗାଇ ପିଟିଲେ । ଏଥିରେ କିଛି ସାମ୍ବାଦିକ ଆହତ ହୋଇଛନ୍ତି। ଜଣେ ମହିଳା ସାମ୍ବାଦିକଙ୍କ ହାତରେ ୨୦ଟି ଷ୍ଟିଚ୍ ପଡ଼ିଛି। ଯାହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଓ ବିରୋଧୀ ବିଜେଡି ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରିଛି।

ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ, କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଭୁବନେଶ୍ୱରର ଜୟଦେବ ଭବନ ନିକଟରୁ ଏକ ସ୍ୱତନ୍ତ୍ର ବସ୍‌ରେ ପୁରୀ ନେଇଥିଲେ। ସେମାନଙ୍କୁ କଡର୍‌ନ ପାସ୍ ବି ଦିଆଯାଇଥିଲା। ମାତ୍ର ପୁରୀରେ ପୁଲିସ ସେମାନଙ୍କୁ କଡର୍‌ନ ଭିତରକୁ ଛାଡ଼ିଲା ନାହିଁ ଓଲଟି ପିଟିପିଟି ସେମାନଙ୍କୁ ଆହତ କଲା। ଏଥିରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ହାତ ଓ ଛାତିରେ ଆଘାତ ଲାଗିଛି, ଜଣେ ମହିଳା ସାମ୍ବାଦିକାଙ୍କ ହାତରେ କ୍ଷତ ସୃଷ୍ଟି ହେବାରୁ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ କିଛି ସାମ୍ବାଦିକ ମଧ୍ୟ ପୁଲିସ ମାଡ଼ରେ ଆହତ ହୋଇ ସମ୍ବାଦ ସଂଗ୍ରହ କରିବାକୁ ସକ୍ଷମ ହୋଇ ନାହାନ୍ତି। ପ୍ରତ୍ୟେକ ବର୍ଷ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପବିତ୍ର ରଥଯାତ୍ରାର ଖବର ପ୍ରସାରଣ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଏ; ମାତ୍ର ଚଳିତ ବର୍ଷ ପରି ଘଟଣା କେବେ ଦେଖାଯାଇ ନ ଥିଲା। ରାଜ୍ୟ ସରକାରଙ୍କ ଅପାରଗତା ଲାଗି ଶ୍ରୀକ୍ଷେତ୍ରରେ ସାମ୍ବାଦିକମାନେ ପୁଲିସ ଠାରୁ ମାଡ ଖାଇଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ପୁଲିସର ଏଭଳି ଅମାନବୀୟ ଆଚରଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପବିତ୍ର ରଥଯାତ୍ରାରେ ବିଭ୍ରାଟ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।



ସରକାରଙ୍କ ଅପାରଗତା ଲାଗି ସାମ୍ବାଦିକଙ୍କୁ ମାଡ଼: ବିଜେଡି

କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କଲେ ପିସିସି ସଭାପତି

ସେହିପରି ସାମ୍ବାଦିକଙ୍କ ଆକ୍ରମଣକୁ ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରଥଯାତ୍ରାରେ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ହେଲେ ପୁଲିସ ଆକ୍ରମଣରେ ୭ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଗୁରୁତର ଆହତ ହୋଇଛନ୍ତି। ଜଣେ ମହିଳା ସାମ୍ବାଦିକଙ୍କ ହାତରେ ୨୦ଟି ଷ୍ଟିଚ୍ ପଡ଼ିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

## ଗାଁକୁ ନାହିଁ ରାସ୍ତା; ଆସି ପାରିଲାନି ଆମ୍ବୁଲାନ୍ସ

# ଭାରରେ ବୁହାହେଲେ ଗର୍ଭବତୀ

କୋରାପୁଟ, ୨୭।୬ (ସମିସ): ଗାଁକୁ ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ। ତେଣୁ, ପ୍ରବଳ ବର୍ଷାରେ ଗର୍ଭବତୀଙ୍କ ଉପରେ ଜରିପାଲ ପକାଇ ଭାରରେ ୫କିମି ବୁହାଇଲେ। ସମସ୍ୟା କେବଳ ସେତିକିରେ ସରିଲାନି; ଅଧାବାଟରେ ଗର୍ଭବତୀଜଣଙ୍କ ଏକ ଶିଶୁକନ୍ୟା ପ୍ରସବ କଲେ। ଏଭଳି ଏକ ଅଭାବନୀୟ ଘଟଣା ଜୟପୁର ବ୍ଲକ୍ କେବିଡି ପଞ୍ଚାୟତ କୁସୁମଭଟା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, କୁସୁମଭଟା ଗ୍ରାମର ତ୍ରିନାଥ ମୁଦୁଲିଙ୍କ ଗର୍ଭବତୀ ପତ୍ନୀ ରଇଲା ମୁଦୁଲିଙ୍କର ଶୁକ୍ରବାର ସକାଳେ ପ୍ରସବ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା। ଆମ୍ବୁଲାନ୍ସ ଆସିଲା। କିନ୍ତୁ, ରାସ୍ତା ନଥିବା ଯୋଗୁଁ କୁସୁମଭଟା ଗ୍ରାମରୁ ୫କିଲୋମିଟର ଦୂର ମାଣ୍ଡିଖୁଣ୍ଟା ଗ୍ରାମ ନିକଟରେ ଅଟକି ରହିଥିଲା। ଏପଟେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ଓ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ପ୍ରବଳ ବର୍ଷା ସତ୍ତ୍ୱେ ସ୍ୱାମୀ ତ୍ରିନାଥ ଗ୍ରାମବାସୀଙ୍କ ସହାୟତାରେ ସ୍ତ୍ରୀକୁ ଜରିପାଲ ଢାଙ୍କି ଏକ ଖଟରେ ଭାର କରି ମାଣ୍ଡିଖୁଣ୍ଟା ଗ୍ରାମ ପର୍ଯ୍ୟନ୍ତ ବୋହି ଆଣିଥିଲେ। ରଇଲାଙ୍କୁ ଭାରରେ ଆଣିବା ସମୟରେ ସେ ରାସ୍ତା ମଝିରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ମାଆ ଓ ନବଜାତକ ଶିଶୁକନ୍ୟାକୁ ଆମ୍ବୁଲାନ୍ସ ଯୋଗେ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚା ଯାଇଥିଲା। ବର୍ତ୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି।

ଅଧାବାଟରେ ପ୍ରସବ





# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଟଣା ଆଜି

ବାରିପଦା, ୨୭।୬ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଆସନ୍ତାକାଲି (ଶନିବାର) ଶ୍ରୀଶ୍ରୀହରିବଳଦେବଜୀଉଙ୍କ ରଥ ଗଡ଼ିବ। ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଛି। ଆସନ୍ତାକାଲି ଅପରାହ୍ଣ ସାଢ଼େ ୨ଟାରେ ବଳଭଦ୍ର ଓ ତା' ପରେ ସୁଭଦ୍ରାଙ୍କ ରଥ ଟଣାଯିବ। ବଳଭଦ୍ରଙ୍କ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବାକୁ ଥିବା ବେଳେ ସୁଭଦ୍ରାଙ୍କ ରଥ ଅଧାରାସ୍ତା ଟାଉନ୍ ଥାନା ସମ୍ମୁଖରେ ରହିବ। ରବିବାର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆରମ୍ଭ ହୋଇ ସୁଭଦ୍ରାଙ୍କ ରଥ ସହ ମାଉସୀମା'ଙ୍କ ମନ୍ଦିରରେ ପହଞ୍ଚିବ। ଏଥିପାଇଁ ରଥ, ପଥ ଓ ଭକ୍ତ ସମସ୍ତେ ଉତ୍ସୁକତାର ସହ ପ୍ରସ୍ତୁତ ହୋଇ ରହିଛନ୍ତି। ଅପରପକ୍ଷେ, ଆଜି ରଥାରୂଢ଼ ବିଗ୍ରହଙ୍କୁ ଦେଖିବା ଲାଗି ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗି ରହିଛି। ଆଜି ସକାଳେ ଯଥାରୀତିରେ ଠାକୁରଙ୍କ ମଙ୍ଗଳ ଆଳତି, ମହାସ୍ନାନ ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ରଥଖଳାରେ କଳସ ପ୍ରତିଷ୍ଠା କରାଯାଇଥିଲା। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ପୂଜାନୀତି ସମ୍ପନ୍ନ କରାଯିବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଶେଷରେ ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଦର୍ପଦଳନ ରଥର ପୂଜାନୀତି ସମ୍ପନ୍ନ ହୋଇଥିଲା। ପରେ ପରମ୍ପରା ଅନୁସାରେ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଠାକୁରାଣୀଙ୍କ ଆଜ୍ଞାମାଳ ଆସିଥିଲା। ବର୍ଷା ପାଇଁ ବିଳମ୍ବରେ ପହଣ୍ଡିଆମାନେ ଗୋଟିପହଣ୍ଡିରେ ସମସ୍ତ ଠାକୁରଙ୍କୁ ନାଟ ମନ୍ଦିରର ମଧ୍ୟଭାଗକୁ ବିଜେ କରାଇବା ପରେ ଆରମ୍ଭ ହୋଇଥିଲା ଗୁଣ୍ଡିଚା ପହଣ୍ଡି ବେଶ। ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ ଛେରାପହଁରା କରିଥିଲେ। ପରେ ପହଣ୍ଡିଆମାନେ ଗୋଟିପହଣ୍ଡିରେ ରଥଖଳାରେ ପହଞ୍ଚାଇ ଠାକୁରଙ୍କୁ ରଥାରୂଢ଼ କରାଇଥିଲେ।

## ଅବଶିଷ୍ଟାଂଶ

### ପାହୁଣ୍ଡେ ଗଡ଼ି ଅଟକିଲା...

ନିର୍ଘଣ୍ଟ ସମୟରେ ଚାଲିଥିଲା। ରଥଯାତ୍ରା ନୀତିନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ରହିଥିଲା। କିନ୍ତୁ ନୀତିକାନ୍ତି ବିଳମ୍ବ ଯୋଗୁଁ ପୂର୍ବାହ୍ଣ ୧୦ଟା ୨୦ରେ ଆରମ୍ଭ ହୋଇଥିଲା ପହଣ୍ଡି। ଏହାପରେ ନୀତିକାନ୍ତିକୁ ସଅଳ କରାଯାଇଥିଲା। ଫଳରେ ଧାର୍ଯ୍ୟ ସମୟର ୧୦ମିନିଟ୍ ପରେ ଅର୍ଥାତ୍ ଅପରାହ୍ଣ ୪ଟା ୧୦ରେ ଗଡ଼ିଥିଲା ରଥ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଭକ୍ତମୟ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ଅନୁକୂଳ ପାଗ ଯୋଗୁଁ ସୋମବାର ସକାଳୁସକାଳୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। କୋଳାହଳରେ କମ୍ପିଥିଲା ବଡ଼ଦାଣ୍ଡ। ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ପୁରୀକୁ ଛୁଟି ଆସିଥିଲେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ। ଶୁକ୍ରବାର ସକାଳ ୭ଟା ୧୫ରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ୯ଟା ୪୫ରେ ସକାଳଧୂପ ସରିଥିଲା। ପୂର୍ବାହ୍ଣ ୧୦ଟା ୧୫ରେ ପୁଷ୍ପାଞ୍ଜଳି ପରେ ଡୋରଲାଗି ଶେଷ ହୋଇ ବାଜିଥିଲା ବିଜେକାହାଳୀ। ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଧାର୍ଯ୍ୟ ସମୟର ୫୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ୧୦ଟା ୨୦ରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ପରମ୍ପରା ଅନୁଯାୟୀ ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ, ତା' ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ରଥାରୁଢ ହୋଇଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ରଥରେ ବିଜେ କରିଥିଲେ। ଧାର୍ଯ୍ୟ ସମୟ ସାଢ଼େ ୧୨ଟାରେ ଶେଷ ହୋଇଥିଲା ପହଣ୍ଡି। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସଅଳ ସଅଳ ରଥାରୂଢ଼ ହୋଇଯାଇଥିଲେ। ହେଲେ ହଟ ଭିଆଇଥିଲେ ହଟିଆ ଠାକୁର। ମାନ କରିବା ଭଳି ଧୀରେଧୀରେ ହଲି ଦୋହଲି ଆଗକୁ ବଢ଼ିଥିଲେ। ପ୍ରାୟ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ହଲିଝୁଲି ଶେଷରେ ଭାବ ବିନୋଦିଆ କଳା ଠାକୁର ରଥାରୂଢ଼ ହୋଇଥିଲେ। ମଦନମୋହନ, ରାମ ଓ କୃଷ୍ଣ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତାଲାଗି କରାଯାଇଥିଲା। ଏହାପରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ସାଧକଙ୍କ ସହିତ ଆସି ତିନିରଥ ଉପରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶଙ୍କରାଚାର୍ଯ୍ୟ ବିଦାୟ ପରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା।

ଠାକୁରଙ୍କ ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଯାନରେ ଶ୍ରୀନଅରରୁ ଆସି ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ରଥ ପାଖରେ ପହଞ୍ଚିଥିଲେ। ବିଧି ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଛେରାପହଁରା ସାରି ୩ଟା ୪୦ରେ ଫେରିଯାଇଥିଲେ। ଗଜପତି ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ସାରିବା ପରେ ବଡ଼ଠାକୁରଙ୍କ ରଥରେ ଚାଳମାଳ ଫିଟାଯାଇ ଘୋଡ଼ା ଓ ସାରଥୀ ଲାଗିଥିଲା। ଏହାପରେ ନୀତିକାନ୍ତି ସଅଳ ସଅଳ ହୋଇଥିଲା। ଅପରାହ୍ଣ ୪ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ଏହାର ୧୦ ମିନିଟ୍ ପରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଏବଂ ଘଣ୍ଟମାଡ଼ରେ ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥକୁ ଟାଣିଥିଲେ ଭକ୍ତ। ଏହାପରେ ଦେବଦଳନ ଏବଂ ଶେଷରେ ବିଧି ରକ୍ଷା ପାଇଁ ଥରୁଟିଏ ନନ୍ଦିଘୋଷ ରଥଟଣା ଯାଇଥିଲା।

ହେଲେ ବଡ଼ଠାକୁର ଶ୍ରୀବଳଭଦ୍ର ଭକ୍ତଙ୍କୁ ନାକେଦମ୍ କରିଥିଲେ। ଗଡୁ ନ ଥିଲା ତାଳଧ୍ୱଜ ରଥ। ବିଭିନ୍ନ ସ୍ଥାନରେ ଏପରିକି, ୧୦ ମିନିଟ୍‌କୁ ଥରେ ଲେଖାଏଁ ମୋଡ଼ ନେଇଥିଲା। ଝାଳନାଳ ହୋଇ ମୋଡ଼ ବଦଳାଉଥିଲେ ଭୋଇ ଏବଂ ମହାରଣା ସେବକ। କେଜାଣି କାହିଁକି ଅଭିମାନ କରିଥିଲେ ଶ୍ରୀବଳଭଦ୍ର। ସାଢ଼େ ୩ ଘଣ୍ଟାରେ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଯାଇଥିଲା ତାଳଧ୍ୱଜ ରଥ। ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିବା ବେଳେ ଅଟକି ରହିଛି। ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟା ପରେ କେବଳ ବିଧି ରକ୍ଷା ପାଇଁ ଗୋଟିଏ ଥର ଗଡ଼ିଥିଲା। ଏହାପରେ ରାତି ହୋଇଯିବାରୁ ରଥଟଣା ବନ୍ଦ ରହିଛି। ତେବେ ନନ୍ଦିଘୋଷ ରଥ ନିକଟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କିଛି ଭକ୍ତ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ଅନ୍ୟମାନେ ଉଦ୍ଧାର କରିଥିଲେ। ଏହି ଠେଲାପେଲାରେ ପ୍ରାୟ ୭/୮ ଜଣ ଆହତ ହୋଇଥିଲେ। ଦୁଇଟି ଆମ୍ବୁଲାନ୍ସରେ ସେମାନଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଚତୁଃପାର୍ଶ୍ୱକୁ କର୍ଡନ କରାଯାଇ ଲାଇଟ୍ ଲଗାଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ରାତିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ। ରଥ ଉପରେ ହିଁ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଶନିବାର ସକାଳ ସାଢ଼େ ୯ଟାରେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥ ଟଣାଯିବ।

### ଭାଙ୍ଗିଲା ୩୦ ବର୍ଷର...

କଥା, ବଳଗଣ୍ଡି ଛକ ବି ଡେଇଁପାରିନି। ଶ୍ରଦ୍ଧାଳୁଙ୍କ ମଧ୍ୟରେ ହେଉଥିବା ଚର୍ଚ୍ଚା, ଆଲୋଚନା ମଧ୍ୟରେ ପ୍ରାୟ ସମସ୍ତେ ବଡଠାକୁର ତଳେ ପଡିଯିବା କଥା କହୁଛନ୍ତି। ଗତବର୍ଷ ଆଡପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡ଼ଭାଇ ବଳଭଦ୍ର। ଠାକୁର ପଡିଗଲେ କ'ଣ ହୁଏ ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତର ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ, ଦୁର୍ଭିକ୍ଷ ପଡିବ। ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।' ତେବେ ପ୍ରାୟଶ୍ଚିତ ପାଇଁ ଯେଉଁ ପରାମର୍ଶ ଦିଆଯାଇଥିଲା ତାହା ପାଳନ କରାଯାଇ ନ ଥିବାରୁ ବଡ଼ଠାକୁର ରାଗିଛନ୍ତି। ଯେଉଁଥିପାଇଁ ତାଙ୍କ ତାଳଧ୍ୱଜ ରଥ ଆଜି ଆଦୌ ଗଡୁ ନ ଥିଲା। ବିଭିନ୍ନ ସ୍ଥାନରେ ମୋଡ ନେଇଥିଲା। ସବୁଠୁ ବଡ଼ କଥା ହେଉଛି ନିକଟରେ ମହାପ୍ରଭୁଙ୍କ ସୁସ୍ଥ ପାଇଁ ଆସିଥିବା ଦଶମୂଳ ମୋଦକ ଚୋରି ହୋଇଥିଲା। ଠାକୁରମାନଙ୍କୁ ଲାଗି ପୂର୍ବରୁ କିଏ ନେଇଯାଇଥିଲା ୭୦ ମୋଦକ। ମାରା ମୋଦକ ଶ୍ରୀବିଗ୍ରହମାନଙ୍କୁ ଲାଗି କରାଯାଇଥିଲା। ତେଣୁ ମାରା ମୋଦକ ଲାଗି କରାଯାଇଥିବାରୁ ଠାକୁରମାନେ ସୁସ୍ଥ ହେଲେ କିପରି ବୋଲି ଅନେକ ପ୍ରଶ୍ନ ଉଠାଇଥିଲେ। ଏମିତି ଦେଖିଲେ ବିଭିନ୍ନ ପ୍ରସଙ୍ଗରେ ମହାପ୍ରଭୁଙ୍କ ପ୍ରତି ସେବକ ଓ ଭକ୍ତଙ୍କ ଆଚରଣଙ୍କୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହିସବୁର ପ୍ରତିଫଳନ ଆଜି ରଥଯାତ୍ରାରେ ଠାକୁର ଦେଖାଇଦେଲେ ବୋଲି କହିଛନ୍ତି ଭକ୍ତ ମହେଶ୍ୱର ବେହେରା। ତୁରନ୍ତ ବଡ଼ ଠାକୁର ପଡିଯିବାର ଶାନ୍ତି ବିଧାନ କରାଯିବା ଦରକାର। ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ସେ କହିଛନ୍ତି। କେବଳ ମହେଶ୍ୱର ନୁହେଁ, ପ୍ରାୟ ଶ୍ରଦ୍ଧାଳୁଙ୍କ ମତରେ ଉପରୋକ୍ତ କାରଣ ପାଇଁ ଆଜି ରଥଯାତ୍ରାରେ ନାନା ପ୍ରକାର ଅବ୍ୟବସ୍ଥା ଘଟିଲା ବୋଲି ମତ ଦେଇଛନ୍ତି।

### ପାସ୍ ବଣ୍ଟନରୁ...

ତା'ପରେ ରଥ ଟଣା ବନ୍ଦ ହୋଇଥିଲା। ଆସନ୍ତାକାଲି ସକାଳ ୯ଟାରୁ ରଥଟଣା ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଥିଲେ। ପୂର୍ବରୁ ରଥଯାତ୍ରା ସମୟରେ ବି ପାସ୍ ବଣ୍ଟନ କରାଯାଉଥିଲା। ଭିଆଇ ଓ ଭିଭିଆଇପି ଶ୍ରେଣୀର ଲୋକମାନେ ପାସ୍ ନେଇ ରଥ ନିକଟକୁ ଯାଉଥିଲେ। ମାତ୍ର ଏତେ ମାତ୍ରାରେ ପାସ୍‌ଧାରୀ କେବେ ରଥ ନିକଟରେ ଭିଡ଼ ହେଇନଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ବିଶେଷକରି ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଦୁଇ ଜଣ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀ ହଜାର ହଜାର ସଂଖ୍ୟାରେ ପାସ୍ ବାଣ୍ଟିବାରୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ଉଭୟ ମନ୍ତ୍ରୀ ପାଖାପାଖି ୬ରୁ ୭ହଜାର ପାସ୍ ବାଣ୍ଟିଥିବାବେଳେ ଅନ୍ୟମାନେ ବି ୪ରୁ ୫ ହଜାର ପାସ୍ ବାଣ୍ଟିଥିଲେ। ତେଣୁ ପାଖାପାଖି ୧୫ରୁ ୨୦ ହଜାର ପାସ୍‌ଧାରୀ ପରିବାର ସହ ରଥକୁ ଘେରି ରହିଥିଲେ। କିଛି ଯୁବକ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଫଟୋ ସମ୍ବଳିତ ଆଇଡି କାର୍ଡ ପକାଇ କଡନ୍ ଭିତରେ ବୁଲୁଥିଲେ। ପୁଲିସ ସେମାନଙ୍କୁ ଭିତରକୁ ଯିବାକୁ ବାରଣ କରିଥିଲେ ହେଁ ସେମାନେ ଶୁଣି ନ ଥିଲେ। ରଥଯାତ୍ରାରେ ଏଭଳି ମହାବିଭ୍ରାଟ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କୁ କୁଠାରଘାତ କରିଛି। ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି। ପୂର୍ବବର୍ଷ ବଡ଼ଠାକୁରଙ୍କୁ ପକାଇ ଦେବା ଘଟଣାରେ ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଲେନି। ଏବେ ବି ରଥଯାତ୍ରା ଏଭଳି ବିଭ୍ରାଟ ଦେଖିବାକୁ ମିଳୁଛି। ବାସ୍ତବରେ ସରକାର ଏସବୁ ପରିଚାଳନା କରିବାରେ ସାମର୍ଥ୍ୟ ରଖୁନାହାନ୍ତି ବୋଲି ଜଗନ୍ନାଥ ପ୍ରେମୀ ଅଭିଯୋଗ କରିଛନ୍ତି।

### ଗଛରେ ପିଟିହେଲା...

ପହଞ୍ଚି ମୃତାହତମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ କ୍ରିସ୍‌ଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ବିଶାଖାପାଟଣାସ୍ଥିତ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ଆଜି ୩ ଜଣଙ୍କ ଶବ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ଖବର ପାଇ ପୂର୍ବତନ ଦୁଇ ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ସମେତ ହଜାର ହଜାର ସମ୍ପର୍କୀୟ, ଗ୍ରାମବାସୀ, ଉପସ୍ଥିତ ରହିଥିଲେ।

# ଆଜିଠୁ ରତ୍ନଭଣ୍ଡାର ମରାମତି

ପୁରୀ, ୨୭।୬ (ସମିସ): ପ୍ରତିବର୍ଷ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କଲେ ସେହି ସମୟରେ ଶ୍ରୀମନ୍ଦିରର ବାର୍ଷିକ ବୈଷୟିକ ନିରୀକ୍ଷଣ ଏବଂ ମରାମତି ହୋଇଥାଏ। ଯେହେତୁ ଏହି ସମୟରେ ମହାପ୍ରଭୁ ରତ୍ନସିଂହାସନରେ ନ ଥା'ନ୍ତି ତେଣୁ ଯାଞ୍ଚ ଏବଂ କାମ କରିବା ସହଜ ହୋଇଥାଏ। ତେଣୁ ରବିବାର ଯାଞ୍ଚ ହେବ ଶ୍ରୀମନ୍ଦିରର ଗର୍ଭଗୃହ। ଏଥିପାଇଁ ଶନିବାର ଭାରା ବନ୍ଧାଯିବ। ଏବର୍ଷ ଗର୍ଭଗୃହରେ କନକମୁଣ୍ଡି ଉପରେ ଥିବା ପୁରୁଣା କାଠଫ୍ରେମ୍ ଜାଲି ବଦଳ କରାଯିବ। ଏହା ବଦଳରେ ସେହି ସ୍ଥାନରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଫ୍ରେମ୍ ସହିତ ଜାଲି ସ୍ଥାପନ କରାଯିବ। ଶ୍ରୀମନ୍ଦିର ବୈଷୟିକ କମିଟି ଅଧ୍ୟକ୍ଷ ପ୍ରଫେସର ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ, ଏଏସ୍‌ଆଇ ଏବଂ ପୂର୍ତ୍ତ ବିଭାଗର ମିଳିତ ଟମ୍ ଏହି ନିରୀକ୍ଷଣ କରିବେ। ବିଶେଷକରି ଗର୍ଭଗୃହର ସ୍ଥିତି ଯାଞ୍ଚ କରାଯିବ। ବାୟୁ ସଞ୍ଚାଳନ ବ୍ୟବସ୍ଥା ଏବଂ ଦରକାର ପଡ଼ିଲେ, ଏହାର ଆବଶ୍ୟକ ମରାମତି ହେବ। ସେହିପରି କୌଣସି ପଥର ଯଦି ଖରାପ ହୋଇଥାଏ, ତାହାକୁ ପରିବର୍ତ୍ତନ କରାଯିବ। ଏଥିସହ ଛୋଟଧରଣର ଆବଡ଼ାଖାବଡ଼ା ହୋଇଥିଲେ, ତାହାର କେମିକାଲ ଫିଲିଙ୍ଗ୍ କରାଯିବ। ଏତଦ୍‌ବ୍ୟତୀତ ପାର୍ଶ୍ୱ ଦେବଦେବୀ ମନ୍ଦିର ସ୍ଥିତି ମଧ୍ୟ ଯାଞ୍ଚ ହେବ। ଗତବର୍ଷ ରଥଯାତ୍ରା ସମୟରେ ଯେଉଁସବୁ ସ୍ଥାନରେ ଯୋଡ଼େଇ ମରାମତି କରାଯାଇଥିଲା, ତାହାର ସ୍ଥିତି କେମିତି ରହିଛି, ତାହାକୁ ମଧ୍ୟ ଅନୁଧ୍ୟାନ କରିବ ଯୁଗ୍ମ କମିଟି। ଅନ୍ୟପକ୍ଷରେ ଶନିବାରଠାରୁ ପୁଣି ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାମ। ବାକି ଥିବା ବାହାର ଭଣ୍ଡାର କାମ କରିବ ଏଏସ୍‌ଆଇ।

**IN THE COURT OF THE CIVIL JUDGE (JUNIOR DIVISION) DHAMNAGAR**
**CS. NO. 15 OF 2005**

୧) କ) ଦୁର୍ଗାପ୍ରସାଦ ମହାପାତ୍ର ବୟସ ବ୪୯ର୍ଷ
୧)ଖ) ଦେବେନ୍ଦ୍ରପ୍ରସାଦ ମହାପାତ୍ର ବୟସ ବ୪୬ବର୍ଷ, ଉଭୟଙ୍କର ପିତା- ୰ ଯଦୁନାଥ ମହାପାତ୍ର, ସା- ଶ୍ୟାମପୁର, ପୋ./ଥା- ଧାମନଗର, ଜି- ଭଦ୍ରକ
୧)ଗ) ଶ୍ରୀମତୀ ସଂଜୁକ୍ତା ନାୟକ, ବୟସ ବ୬୦ର୍ଷ, ସ୍ୱା- ଲକ୍ଷ୍ମଣ ନାୟକ, ସା- ମୁବାରକପୁର, ପୋ/ଥା- ଭଣ୍ଡାରିପୋଖରୀ, ଜି- ଭଦ୍ରକ
୧)ଘ) ପ୍ରଭାତୀ ସାହୁ, ବୟସ ବ୫୨ର୍ଷ, ସ୍ୱା- ଚନ୍ଦନ ସାହୁ, ସା- ନୂଆ ମିରଜାପୁର, ପୋ- ସାମନ୍ତରାପୁର, ଥା/ଜି- ଯାଜପୁର
୨) ନାରାୟଣ ଚନ୍ଦ୍ର ମହାପାତ୍ର, ବୟସ ବ୫୨ର୍ଷ, ପି- ୰ ଅଭୟ ମହାପାତ୍ର, ସା/ପୋ/ଥା- ଧାମନଗର, ଜି- ଭଦ୍ରକ
୩) କୈଳାସ ଚନ୍ଦ୍ର ଜେନା, ବୟସ ବ୩୮ର୍ଷ, ପି- ଯୁଧିଷ୍ଠିର ଜେନା, ସା- ଦକ୍ଷିଣବାଡ, ପୋ/ଥା- ଧାମନଗର, ଜି- ଭଦ୍ରକ
୪) ଜଗନ୍ନାଥ ତ୍ରିପାଠୀ, ବୟସ ବ୩୨ର୍ଷ, ପି- ରାମଚନ୍ଦ୍ର ତ୍ରିପାଠୀ, ସା- ଶ୍ୟାମପୁର, ପୋ/ଥା- ଧାମନଗର, ଜି- ଭଦ୍ରକ ..... ବାଦୀମାନେ

ବନାମ

୧) କଲେକ୍ଟର, ଭଦ୍ରକ, ସା/ପୋ/ଥା/ଜି- ଭଦ୍ରକ
୨) ତହସିଲଦାର, ଧାମନଗର, ଥା/ପୋ- ଧାମନଗର, ଜି- ଭଦ୍ରକ
୩) ମୁଖ୍ୟ ଜିଲ୍ଲା ଭେଟେନାରୀ ଅଫିସର, ଭଦ୍ରକ, ଥା/ପୋ/ଜି- ଭଦ୍ରକ
୪)କ) ନାରାୟଣ ମହାପାତ୍ର ବୟସ ବ୬୦ର୍ଷ
୪)ଖ) ପ୍ରଭାତ ମହାପାତ୍ର ବୟସ ବ୫୦ର୍ଷ
୪)ଗ) ବାସନ୍ତୀ ମହପାତ୍ର ବୟସ ବ୪୭ର୍ଷ
୪)ଘ) ମଞ୍ଜୁ ମହାପାତ୍ର ବୟସ ବ୪୦ର୍ଷ
୪)ଙ) ସୁଭଦ୍ରା ମହାପାତ୍ର ବୟସ ବ୨୧ର୍ଷ
୪)ଚ) କାଜଲ ମହାପାତ୍ର ବୟସ ବ୧୯ର୍ଷ
କ୍ରମିକ ନଂ. ୪(କ) ଓ ୪(ଖ) ମାନେ ପୁତ୍ର ଓ କ୍ରମିକ ନଂ. ୪(ଗ)ରୁ ୪(ଙ)ମାନେ ଝିଅ, ପି- ୰ ଶଙ୍କର୍ଷଣ ମହାପାତ୍ର, ସା/ପୋ/ଥା- ଧାମନଗର, ଜି- ଭଦ୍ରକ ..... ବିବାଦୀମାନେ

**ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୧ ରୁଲ୍ ୮ ମୁତାବକ ନୋଟିସ**

ଏହିକି ନିମ୍ନ ତଫସିଲ ବୃତ୍ତି ପକ୍ଷେ ବିବାଦୀ ନଂ. ୪(କ) ଲଗାଏତ ୪(ଙ)ୟର ମାନଙ୍କର କୌଣସି ମାଲିକାନା ସତ୍ତ୍ୱ ନଥିବା ଓ ତାହା ସରକାରୀ ସମ୍ପତ୍ତି ଥିବା ଘୋଷଣା ପ୍ରଚାର ସହ ବିବାଦୀ ନଂ. ୪(କ) ଲଗାଏତ ୪(ଙ) ମାନଙ୍କ ବିରୁଦ୍ଧେ ଚିରସ୍ଥାୟୀ ନିଷେଧାଜ୍ଞା ଦାବୀରେ ବାଦିମାନେ ସର୍ବସାଧାରଣଙ୍କ ପ୍ରତିନିଧି ସ୍ୱରୂପ ମୋକଦ୍ଦମା ଆଗତ କରିଅଛନ୍ତି।

ଯଦି କୌଣସି ବ୍ୟକ୍ତି ଏହି ମୋକଦ୍ଦମାରେ ପକ୍ଷଭୁକ୍ତ ହେବାକୁ ଚାହାନ୍ତି ସେମାନେ ତା.୩୦.୦୬.୨୦୨୫ରିଖ ଘ.୧୦.୩୦ମିନିଟରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜର ହୋଇ ନିଜର ପକ୍ଷ ବା ଦରଖାସ୍ତ ଦେଇପାରିବେ।

**ତଫସିଲ ବୃତ୍ତି**

ଜିଲ୍ଲା- ଭଦ୍ରକ, ଥାନା- ଧାମନଗର, ମୌଜା- ଶାମପୁର, ମେଜର ବନ୍ଦୋବସ୍ତ ଖା୧୦୫୭/୨୨୫ତା, ଖସଡା ନଂ. ୨୬୫୪, ଏ୦.୩୦ଡିସିମିଲି।

ସା/- ସିଜେଜେଡି, ଧାମନଗର

**KEDAR SECURITY SERVICE PVT. LTD.**
Plot No.1352, 2861, 371, Sai Vihar, Lane No. 2, Jagannath Nagar, Bhubaneswar : 751025, Odisha, Phone: 0674-2549701 / 9937482107

**RECRUITMENT**
KEDAR SECURITY SERVICE PVT. LTD is inviting applications from eligible candidates for engagement in FRA cell of Sub-Collector's Office in Mayurbhanj District under the Scheme 'Da-JGUA' (Candidates of Mayurbhanj District will be accepted only)
**COORDINATORS:** 4 Posts (Qualification: MSW & PGDCA) Salary: Rs.35,000/- (Inc. EPF, ESI, GST & SC as applicable)
**MIS ASSISTANT:** 4 Posts (Qualification: Graduate & PGDCA) Salary: Rs.25,000/- (Inc. EPF, ESI, GST & SC as applicable)
**WORK EXPERIENCE:**
**COORDINATOR:** (1. Minimum 2-3 years experience in NGO / Social Sector Projects. 2. Experience of working with Govt. Project, 3. Experience of networking with line Dept. of Govt.)
**MIS ASSISTANT:** (1. Minimum 2 years experience in data entry and large-scale database management in any reputed govt. / private agency. 2. Proficiency in the use of MS Office specifically MS Office, MS Excel & conversant with internet / use of online platform is a mandatory requirement)
Interested Candidates are requested to send their details to Email: info@kedarsecurity.com Website: www.kedarsecurity.com
**Floating of Advertisement - 27.06.2025**
**Last Date of Application: - 2nd of July 2025 by 5 PM**
NB: The application received after date will not be taken into the consideration. Holidays will be enumerated with the timeline of application date.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
**6370964966**

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

**AFFIDAVIT**
By virtue of an affidavit before the Notary Public on dated 26.06.2025. I Renubala Mishra, D/o- Sitaram Nayak, residing at Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No. 220/3175, Po- Bhubaneswari Colony, Ps- Mancheswar, Bhubaneswar-751006, Odisha. I have changed my name from Renu Mishra to Renubala Mishra. I shall be known RENUBALA MISHRA for all purposes.

**AFFIDAVIT**
I Anju Agarwal, D/o- Mul Chan Agrawal residing at Duplex-18, Greater Sambalpur, Bareipali, Sambalpur- 768006 declare by this affidavit No. 11875 dtd.24.6.2025 that, now onwards I shall be known as **Anju Agrawal** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dated- 26/06/2025. I, **Priyadarshini Jagdev**, Address: Plot No. 1040, Gadasahi, Nayapalli, PO/PS- Nayapalli, Bhubaneswar, Dist- Khordha, PIN-751012, Odisha declare that I have changed my name from **Priyadarshini Pradipta Jana To Priyadarshini Jagdev.** Henceforth, I shall be known as **Priyadarshini Jagdev**, W/o- Priti Sundar Jagdev for all future purposes.
**Priyadarshini Jagdev**

# ଓଳାଭର କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଓଳାଭର,୨୭।୬(ସମିସ): ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଆସିଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଏବେ ସଙ୍ଗୀନ ମାମଲାରେ ଛନ୍ଦି ହୋଇଛନ୍ତି। ୨୦୨୧ରେ ତତ୍କାଳୀନ ଅଧ୍ୟକ୍ଷା ନିରୂପମା ବଳଙ୍କ ବଦଳି ପରେ ହଳଧର ବେହେରା ଅଧ୍ୟକ୍ଷ ହେବା ଆଇନ ସଙ୍ଗତ। ମାତ୍ର ସେହି ବଦଳି ନିର୍ଦ୍ଦେଶ ଉପରେ ଉଚ୍ଚନ୍ୟାୟାଳୟ ରୋକ୍ ଲଗାଇଥିଲେ। ଫଳରେ ନିରୂପମା ବଳ କାର୍ଯ୍ୟରେ ଯୋଗ ଦେବାକୁ ଗଲା ବେଳେ ଶ୍ରୀ ବେହେରା, ଓଡ଼ିଆ ଅଧ୍ୟାପକ ସୁଧୀର ବାରିକ ଓ ତତ୍କାଳୀନ ମୁଖ୍ୟ କିରାଣି ନିରଞ୍ଜନ ନାୟକ ଗେଟ୍‌ରେ ତାଲା ପକାଇ ମହିଳା ଅଧ୍ୟକ୍ଷାଙ୍କୁ ଫେରାଇ ଦେଇଥିଲେ। ଶ୍ରୀମତୀ ବଳ ଏ ନେଇ କନିକା ଥାନାରେ ଏତଲା ଦେଇଥିଲେ। ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଜେଏମଏଫ୍‌ସି କୋର୍ଟରେ ଚାଲିଥିବାବେଳେ ୩ ଅଭିଯୁକ୍ତ ତାରିଖ ଗଡ଼ାଇ ଚାଲିଛନ୍ତି। କିଛିମାସ ତଳେ ପ୍ରଥମ ଓ ଏବେ ଦୁଇଟି ସମନ କୋର୍ଟରୁ ଜାରି କରାଯାଇଥିବା ଅନୁସନ୍ଧାନ ଜଣାପଡ଼ିଛି। ଭାରତୀୟ ନ୍ୟାୟ ସଂହିତାର ୩ଟି ସଙ୍ଗୀନ ଅପରାଧିକ ମାମଲା ଥିବାବେଳେ ଅଭିଯୁକ୍ତ ଜାମିନ ନେଉନାହାନ୍ତି। ହଳଧର ବାବୁ ଡିସେମ୍ବରରେ ଅବସର ନେବାକୁ ଥିବାରୁ ଖସିବାକୁ ଉଦ୍ୟମ କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ବଳି ପକାଇବା ମସୁଧାରେ ଥିବା ଜଣାଯାଏ। ସ୍ଥାନୀୟ ଥାନା ତଦନ୍ତ ସାରି ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଇସାରିଛନ୍ତି। ସରକାରୀ ଚାକିରିଆଙ୍କ ପାଇଁ ସାଧାରଣତଃ ଅବସର ନେବା ବର୍ଷ ତାଙ୍କ ଚାକିରି ପଞ୍ଜିକା ଉପରେ ଗୁରୁତ୍ୱ ଦେଇ ଅବସରକାଳୀନ ଆର୍ଥିକ ସୁବିଧା ପ୍ରଦାନ କରାଯାଇଥାଏ। ତେବେ ଏହି ପୁରାତନ କଲେଜକୁ କଳଙ୍କିତ କରିଥିବା ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗୀୟ ନିର୍ଦ୍ଦେଶକ ସଚିବ, ପରିଚାଳନା କମିଟି ସଭାପତି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ବହୁ ଶିକ୍ଷାପ୍ରେମୀ ଦାବି କରିଛନ୍ତି।

**ଛୋଟି-ଇନ୍ଦୁପୁର ବିରୂପା ନଦୀବନ୍ଧ ରାସ୍ତା ମରଣଯନ୍ତା**

# ରାସ୍ତା ମଝିରେ ଆଣ୍ଠୁଏ ଖାଲକୁ ଆଣ୍ଠୁଏ ପାଣି

ପଞ୍ଚୁପାଣ୍ଡବ,୨୭।୬(ସମିସ)



ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟିରୁ ଇନ୍ଦୁପୁର ବିରୂପା ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ କେତେ ଜାଗାରେ ରାସ୍ତା କଡ଼ ଧସିଯାଇଥିବା ଦେଖିବାକୁ ମିଳିଛି। ରାସ୍ତାରୁ ମେଣ୍ଟାଲ ଉଠି ଏଣେ ତେଣେ ପଡି ରହିଛି। ରାସ୍ତା ମଝିର ଏତେ ବଡ ବଡ ଖାଲ ହୋଇଛି ଯେ ଦେଖିଲେ ଭୟ ଲାଗୁଛି। ଥରେ ଏହି ରାସ୍ତାରେ ଗଲେ ଦ୍ୱିତୀୟ ଥର ପାଇଁ ଅଲଗା ବାଟ ଖୋଜିବାକୁ ପଡ଼ିବ ବୋଲି ବାଟୋଇ କହିଛନ୍ତି। ବେଣୀପୁର ବଜାରଠାରୁ ଇନ୍ଦୁପୁର ବଜାର ପର୍ଯ୍ୟନ୍ତ କେତେକ ଜାଗାରେ ପିଚୁ ହୋଇଥିବାବେଳେ କେତେକ ଜାଗାରେ ରାସ୍ତା କାମ ହୋଇ ନ ଥିବା ଦେଖିବାକୁ ମିଳୁଛି। ରାସ୍ତାର ସମସ୍ୟା ସମାଧାନ କରିବା ପାଇଁ ସରକାର ହେଉ ଅବା ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

ରାସ୍ତାର ଅବସ୍ଥା ଏତେ ଖରାପ ଯେ ଲୋକେ ସାଇକଲ ଚଲାଇ ଯାଇପାରୁନାହାନ୍ତି। ଯାତାୟାତ କରୁଥିବା ଲୋକଙ୍କୁ ଭଗବାନ ଭରସା ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ରାସ୍ତାରେ ଗାଡ଼ି ମଟର ଚଳାଚଳ ବେଳେ କେତେବେଳେ ଗାଡ଼ି ଚକା ଲିକ୍ ହେଉଥିବାବେଳେ କେତେବେଳେ ଗାଡ଼ି ଚାଳକ ପଡ଼ି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାର ଗୋଟେ ପଟ ଯିବାକୁ ହେଲେ ବେଣୀପୁରରୁ ଇନ୍ଦୁପୁର ଓ ଆରପଟକୁ ଗଲେ ଇନ୍ଦୁପୁରରୁ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରକୁ ଶହଶହ ଗାଡି ଚଳାଚଳ କରୁଛି। ଏହି ରାସ୍ତାରେ ଚାରିଚକିଆ ଗାଡ଼ି ସହ ବସ୍ କଟକ ଓ ଭୁବନେଶ୍ୱର ଯିବା ଆସିବା କରୁଥିବାବେଳେ କେନ୍ଦ୍ରାପଡ଼ାକୁ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏହି ରାସ୍ତା ବିରୂପା ନଦୀରେ ଛୋଟି ବ୍ରିଜ ଓ ଇନ୍ଦୁପୁର ବ୍ରିଜ ଯାଜପୁର ଜିଲ୍ଲାକୁ ସଂଯୋଗ କରିଥିବାରୁ ହଜାର ହଜାର ଲୋକ ବେପାର କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆସୁଛନ୍ତି। ଏହି ରାସ୍ତା ପାଇଁ ଯେତେ ଅଭିଯୋଗ ହେଲେ ମଧ୍ୟ ସରକାର ହେଉ କି ପ୍ରଶାସନିକ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଉକ୍ତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡେରାବିଶ କଲେଜରେ ସମ୍ବିଧାନ ହତ୍ୟା ଦିବସ ପାଳନ



ଡେରାବିଶ,୨୭।୬(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାସ୍ଥ ଡେରାବିଶ ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରଘୁନାଥ ସାହୁ ଓ ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଡ. ଶଶୀକାନ୍ତ ମଲ୍ଲିକଙ୍କ ଦ୍ୱାରା ପ୍ରଥମେ ସମ୍ବିଧାନ ରକ୍ଷା ସମ୍ପର୍କୀୟ ଏକ ସଚେତନତା ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଏ ଅବସରରେ ଅଧ୍ୟକ୍ଷ ଶ୍ରୀ ନାୟକ ସମ୍ବିଧାନର ଗଠନ, ସେଥିରେ ସନ୍ନିହିତ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ତା'ର ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ପରେ ଛାତ୍ରଛତ୍ରୀଙ୍କ ମଧ୍ୟରେ ସମ୍ବିଧାନ ଉପରେ ଆଧାରିତ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ବିଧାନ ହତ୍ୟା ଦିବସ ପରିପ୍ରେକ୍ଷୀରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ପୌରୋହିତ୍ୟରେ 'ଭାରତ ସମ୍ବିଧାନର ମୁଖବନ୍ଧ' ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଶ୍ରୀ ନାୟକ, ବିଷୟ ବିଶେଷଜ୍ଞ ତଥା ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଶାନ୍ତନୁ ମାଟି, ସମ୍ମାନିତ ଅତିଥି ଅଧ୍ୟାପକ ଗୁରୁଚରଣ ସେଠୀ ଓ ବିଶ୍ୱଜିତ ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ସନ୍ଦୀପ ବଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ପରିଚାଳନାରେ ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଡ. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ଆକାଂକ୍ଷା ଦାସ, ଶୁଭଶ୍ରୀ ପଣ୍ଡା ଓ ଅଧ୍ୟାପକ ଡ. କିଶୋର ଚନ୍ଦ୍ର ମଲ୍ଲିକ, ଷ୍ଟାଲିନ ଦିଗଲ ପ୍ରମୁଖ ସହଯୋଗ କରିଥିଲେ।

# 'ପ୍ରକୃତି ବନ୍ଧୁ' ଜେନାମଣିଙ୍କ ୨୦୦ ତାଳ ମଞ୍ଜି ରୋପଣ

ଡେରାବିଶ, ୨୭।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ତାଳ ମଣିଷ ଭାବେ ପରିଚିତ 'ପ୍ରକୃତି ବନ୍ଧୁ' ଜେନାମଣି ବଳ ଓ ତାଙ୍କ ସହଯୋଗୀ ୨୦୦ ତାଳ ମଞ୍ଜି ରୋପଣ କରିଛନ୍ତି। ଜେନାମଣିଙ୍କ ନେତୃତ୍ୱରେ ବିଜୟ ଜେନା, ଗୋପୀନାଥ ଜେନା, ଯୁଗଳ ଦାସ ଡେରାବିଶ ବ୍ଲକ୍‌ର ଦାନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା



କେନାଲର ଶାଖାନାଳ ନଂ୧୩(ହାପ)ର ବାମପାଶ୍ୱର୍ ବନ୍ଧରେ ଏହି ତାଳ ମଞ୍ଜି ରୋପଣ କରିଛନ୍ତି। ଜେନାମଣି ୨୦୧୧ଠାରୁ ବୃକ୍ଷରୋପଣ କରିଆସୁଛନ୍ତି। ସେ ତାଙ୍କ ପଞ୍ଚାୟତ ସମେତ ନିକଟସ୍ଥ ପଞ୍ଚାୟତରେ ଥିବା ବିଭିନ୍ନ କେନାଲ ବନ୍ଧ କଡ଼, ଶ୍ମଶାନ, ଗୋଚର, ରାସ୍ତା କଡ଼ ଓ ଖାଲି ସ୍ଥାନରେ ବିଭିନ୍ନ ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କରି ତା'ର ଯତ୍ନ ନେଇଥା'ନ୍ତି। ଏପରିକି ବଜ୍ରାଘାତରୁ ତାଳଗଛ ସୁରକ୍ଷା ଦେବ ବୋଲି ସରକାରୀ ଭାବେ ଘୋଷଣା ହେବାର ଢେର ବର୍ଷ ପୂର୍ବରୁ ଜେନାମଣି ଲୁଣା ନଦୀବନ୍ଧ କଡ଼ରେ ବନ୍ୟା ଦାଉରୁ ନଦୀ ବନ୍ଧକୁ ସୁରକ୍ଷା ଓ ପରିବେଶ ସୁରକ୍ଷା ନିମନ୍ତେ ଶହ ଶହ ତାଳଗଛ ସୃଷ୍ଟି କରିଛନ୍ତି। ଯେଉଁଥିପାଇଁ ତାଙ୍କୁ ସରକାରଙ୍କ ପକ୍ଷରୁ 'ପ୍ରକୃତି ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯିବା ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ କୁଜଙ୍ଗ ଲବଣ ସତ୍ୟାଗ୍ରହ ତ୍ରୁଟି ସଂଶୋଧନ

କୁଜଙ୍ଗ,୨୭।୬(ସମିସ): ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଅନୁମୋଦିତ ଓ ପ୍ରକାଶିତ 'ଇତିହାସ ଓ ରାଜନୀତି ବିଜ୍ଞାନ' ପୁସ୍ତକର ୪୨ ପୃଷ୍ଠାରେ ଉଲ୍ଲେଖିତ ୧୯୩୦ ଲବଣ ସତ୍ୟାଗ୍ରହରେ କୁଜଙ୍ଗର ଅବଦାନ ସମ୍ପର୍କରେ କେତେକ ଅକ୍ଷମଣୀୟ ତ୍ରୁଟି ଦୀର୍ଘବର୍ଷ ଧରି ଛାତ୍ରଛାତ୍ରୀ ଅଧ୍ୟୟନ କରିଆସୁଥିଲେ। ଏହା ସଂଶୋଧିତ ହୋଇଛି।

ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ନେଇ କୁଜଙ୍ଗ ସାହିତ୍ୟ ପରିଷଦ ସଭାପତି କବି ପୀତାମ୍ବର ତରାଇ ଗତବର୍ଷ ପ୍ରତିବାଦ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିଲେ। ଏଥିସହିତ ବହୁ ବୁଦ୍ଧିଜୀବୀ ମଧ୍ୟ ଉଦ୍‌ବେଗ ପ୍ରକାଶ କରି ସରକାରଙ୍କ ଶିକ୍ଷା ବିଭାଗକୁ ପତ୍ର ଲେଖିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଲବଣ ସତ୍ୟାଗ୍ରହକୁ ସଫଳ କରିବା କ୍ଷେତ୍ରରେ କୁଜଙ୍ଗର ଅବଦାନ ସର୍ବଜନ ବିଦିତ। ଯେଉଁ ସମୟରେ ଇଂରେଜ ପ୍ରଶାସନ ଭୟରେ ଘରୁ ଗୋଡ଼ କାଢ଼ିବା ପାଇଁ ଲୋକେ ଭୟ କରୁଥିଲେ, ସେତେବେଳେ ରାଜ ନଅର ପରିତ୍ୟାଗ କରି କୁଜଙ୍ଗ ରାଜ୍ୟର ରାଣୀ ଭାବବତୀ ପାଟ ମହାଦେଈ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ତାଙ୍କ ଉପସ୍ଥିତିରେ ପ୍ରଭାବିତ ହୋଇ କାଳିଆପାଟଠାରେ ପ୍ରାୟ ପାଞ୍ଚ ହଜାରରୁ ଅଧିକ ନରନାରୀ ମେଳି ବାନ୍ଧି ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରି ଇଂରେଜ ସରକାରଙ୍କ କଳା ଆଇନକୁ ଭଙ୍ଗ କରିଥିଲେ। ଅପରପକ୍ଷେ ନାରାୟଣ ବୀରବର ସାମନ୍ତ, ଦୁର୍ଯ୍ୟୋଧନ ପଟ୍ଟନାୟକ, ଜଗନ୍ନାଥ ଶତପଥୀ, ବୃନ୍ଦାବନ ପାତ୍ରଙ୍କ ନେତୃତ୍ୱରେ ଚଟୁଆ ବେଢ଼ିମଠାରେ ସତ୍ୟାଗ୍ରହୀ ପୁଲିସ୍ ଫୋର୍ସ ମାଡ଼ରେ ଲହୁଲୁହାଣ ହୋଇ ଗିରଫ ହୋଇଥିବାବେଳେ କାଳିପାଟରେ ହଜାର ହଜାର ସଂଖ୍ୟାରେ ମହିଳାଙ୍କ ରଣହୁଙ୍କାର ଦେଖି ଇଂରେଜ ପୁଲିସ୍ ପଛଘୁଞ୍ଚା ଦେଇ ଫେରିଯାଇଥିଲେ। ଏହା ସେତେବେଳେ ଭାରତୀୟ ମୁକ୍ତି ସଂଗ୍ରାମଙ୍କୁ ଉତ୍ସାହିତ କରିଥିବାବେଳେ କୁଜଙ୍ଗ ରାଣୀଙ୍କ ନେତୃତ୍ୱ ସମଗ୍ର ଓଡ଼ିଶାରେ ଚର୍ଚ୍ଚାର ବିଷୟ ହୋଇଥିଲା ବୋଲି ସାମନ୍ତଙ୍କ ଆମ ଜୀବନୀରୁ ସୂଚନା ମିଳେ। ଏହି ବିଷୟ ପାଠ୍ୟପୁସ୍ତକରେ ବିଶେଷ ଭାବେ ପ୍ରକାଶ ପାଇ ନ ଥିଲେ ହିଁ ଯେଉଁ କିଛି ଅଂଶ ସ୍ଥାନିତ ହୋଇଛି, ତାହା ସତ୍ୟଭିତ୍ତିକ ନୁହେଁ ବୋଲି କବି ଶ୍ରୀ ତରାଇ ପ୍ରତିବାଦ କରି ତୁରନ୍ତ ସଂଶୋଧନ ନ ହେଲେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିଲେ। କାଳିଆପାଟ କାଳିଘାଟ ହୋଇଥିବାବେଳେ ଦାରଦିଆ ହୋଇଥିଲା ବାଗଡିଆ ଓ ଚଟୁଆ ହୋଇଥିଲା ଗଡୁଆ। ଏଭଳି ଅକ୍ଷମଣୀୟ ତ୍ରୁଟି ଯୋଗୁଁ ସମ୍ପୃକ୍ତ ଗ୍ରାମବାସୀ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପାଠ୍ୟପୁସ୍ତକ ଚୟନ କମିଟିରେ ଅନଭିଜ୍ଞ ସଦସ୍ୟଙ୍କ ଯୋଗୁଁ ବର୍ଷ ବର୍ଷ ଧରି ଭୁଲ ବିଷୟକୁ ଛାତ୍ରଛାତ୍ରୀ କିପରି ଅଧ୍ୟୟନ କରିଆସୁଥିଲେ,ଏହା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଥିଲା। ଏ ସମ୍ପର୍କରେ ତତ୍କାଳୀନ ଜଗତସିଂହପୁର ଜିଲ୍ଲାପାଳ ତଥା ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଗଣମାଧ୍ୟମରୁ ଖବର ଜାଣି ମାଧ୍ୟମିକ ଶିକ୍ଷା ପରିଷଦକୁ ତାଗିଦ୍ କରି ତ୍ରୁଟି ସଂଶୋଧନ ପାଇଁ ପତ୍ର ଲେଖିଥିଲେ। ପରେ ଏକ ସଂଶୋଧନ କମିଟି ସତ୍ୟାସତ୍ୟ ଅନୁଧ୍ୟାନ କରି ତ୍ରୁଟି ସଂଶୋଧନ କରିଥିଲା। ଫଳରେ ଛାତ୍ରଛାତ୍ରୀ, ଅଭିଭାବକ, ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଜିଲ୍ଲା ଫଟୋ ଓ ଭିଡ଼ିଓଗ୍ରାଫି ଆସୋସିଏସନ ପକ୍ଷରୁ କର୍ମଶାଳା



ଜଗତସିଂହପୁର,୨୭।୬(ସମିସ): ଜଗତସିଂହପୁର ଜିଲ୍ଲା ଫଟୋ ଓ ଭିଡିଓଗ୍ରାଫି ଟ୍ରେଡର୍ସ ଆସୋସିଏସନ ପକ୍ଷରୁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ନିକନ କମ୍ପାନୀ ପ୍ରାୟୋଜନରେ ଏକ ଫଟୋଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ କମ୍ପାନୀ ମୁଖ୍ୟ ଦେବେଶ ମାଝି ଓ ଆସୋସିଏସନ ସଭାପତି ମହେଶ୍ୱର ମହାନ୍ତି ଉଦଘାଟନ କରିଥିଲେ। ଏ ଅବସରରେ ବରିଷ୍ଠ ଫଟୋଗ୍ରାଫର ତଥା ଆସୋସିଏସନର ଉପଦେଷ୍ଟା ସ୍ୱର୍ଗତ ପଞ୍ଚାନନ ପ୍ରଧାନଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ ନିରବ ପାର୍ଥନା କରାଯାଇଥିଲା। ଏହି କର୍ମଶାଳାରେ କମ୍ପାନୀର ପ୍ରଶିକ୍ଷକ ଦୀପକ ଅଗ୍ରୱାଲ, ସନ୍ତୋଷ ବେଜ ଓ ଦେବାଂଶୁ ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ଫଟୋଗ୍ରାଫରଙ୍କୁ ନୂତନ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଫଟୋଗ୍ରାଫର ମହାସଂଘ ଅଫ ଓଡିଶାର ସମ୍ପାଦକ ସୁଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ସୟଦ ଜାଭେଦ, ଉପଦେଷ୍ଟା ଚିତ୍ତରଞ୍ଜନ ପାତ୍ର, ସଚ୍ଚିଦାନନ୍ଦ ବେହେରା, ସଂଗଠନ ସମ୍ପାଦକ ପ୍ରକାଶ ମାଝି ଓ କଟକ ଫଟୋଗ୍ରାଫର ଆସୋସିଏସନର ସଭାପତି ସୁଜିତ ମିଶ୍ର ଓ ରାଜ୍ୟ ସଦସ୍ୟ ଯୋଗଦେଇ ଆସନ୍ତା ସେପ୍ଟେମ୍ବର ମାସରେ ଭୁବନେଶ୍ୱରରେ ହେବାକୁ ଥିବା ଫଟୋ କର୍ମଶାଳାରେ ଯୋଗଦେଇ ଫଟୋଗ୍ରାଫର କିଭଳି ନୂତନ ଜ୍ଞାନକୌଶଳ ପାଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାର ପୋଷ୍ଟର ମଧ୍ୟ ଉନ୍ମୋଚିତ ହୋଇଥିଲା। ଜିଲ୍ଲାର ସର୍ବପୁରାତନ ଫଟୋଗ୍ରାଫର ଆସୋସିଏସନର ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ଆସୋସିଏସନର ଉପସଭାପତି ଲାଲା ସଂଗ୍ରାମ କେଶରୀ ରାୟ, ପ୍ରମୋଦ ବିଶ୍ୱାଳ, ସାଧାରଣ ସମ୍ପାଦକ ଶୁଭଙ୍କର ଜେନା, ସହସମ୍ପାଦକ ଗଗନ ମଲ୍ଲିକ, ରୂପେଶ ବାରିକ, ବିକ୍ରମ ସାହୁ, ନିତ୍ୟାନନ୍ଦ ସାହୁ, ଅରବିନ୍ଦ ମହାନ୍ତି, ସଂଗଠନ ସମ୍ପାଦକ ବାସୁଦେବ ସ୍ୱାଇଁ, ସଦସ୍ୟ ସୁଧାକର ଜେନା, ବାସୁଦେବ ବେହେରା ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ।

# ଚକନାଳି ଖନନ ନ କରି ବିଲ୍ କରିନେବା ମସୁଧା ଅଭିଯୋଗ

ବାଲିକୁଦା,୨୭।୬(ସମିସ): ବାଲିକୁଦା ବ୍ଲକ୍ କୃଷ୍ଣଦାସପୁର ପଞ୍ଚାୟତର ହରଗୌରୀ ପାଣି ପଞ୍ଚାୟତ ଅଧୀନରେ ଥିବା ବାଖରାବାଦ ଭଉଁରୀପଡା ନିକଟରେ କାଢ଼ା ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆର୍ଥିକ ବର୍ଷ ୨୦୨୩-୨୪ରେ ଚକ ନାଳି ଖନନ ପାଇଁ କାର୍ଯ୍ୟାଦେଶ ଆସିଥିଲା। ଏହାର ବିରୋଧ ଯୋଗୁଁ କାମ କରାଯାଇପାରି ନ ଥିଲା। ଏବେ ଉକ୍ତ କାର୍ଯ୍ୟ କରା ନ ଯାଇ ସେହି ସ୍ଥାନରେ ସୂଚନା ଫଳକ ଲଗାଇ ବିଲ କରିନେବାକୁ ଯୋଜନା ହୋଇଥିବା ନେଇ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ମଷ୍ଟର ରୋଲ ପ୍ରସ୍ତୁତ କରି ବିନା କାମରେ ବିଲ କରାଯିବାକୁ ଯୋଜନା ଚାଲିଥିବା ଅଭିଯୋଗ ହୋଇଛି। ତେବେ ଏ ଅଭିଯୋଗକୁ ଏଡ଼ାଇ ଦେଇଛି ବିଭାଗ। ବିଭାଗୀୟ ଯନ୍ତ୍ରୀ ସସ୍ମିତା ପରିଡ଼ା କହିଛନ୍ତି, ମୁଁ ଅଳ୍ପଦିନ ହେବ ଆସିଛି। ଏ ସମ୍ପର୍କରେ ମୁଁ କିଛି ଜାଣିନାହିଁ। ବିଭାଗୀୟ ଏସଡିଓ କହିଛନ୍ତି, କାର୍ଯ୍ୟ ନ ହେଲେ ବିଲ୍ କିପରି ସମ୍ଭବ। ମଷ୍ଟର ରୋଲ ତିଆରି ହେଲେ କ'ଣ ବିଲ୍ ହୋଇଯିବ। ଯେପର୍ଯ୍ୟନ୍ତ କାମ ନ ହୋଇଛି, ବିଲ୍ ହେବ ନାହିଁ ବୋଲି କହିଛନ୍ତି।

# ଅସହାୟ ବନୀତାଙ୍କୁ ସହାୟତା

କୁଜଙ୍ଗ,୨୭।୬(ସମିସ): ବୋରିଖି ଗ୍ରାମର ସ୍ୱର୍ଗତ ବନବିହାରୀ ଜେନାଙ୍କ ପତ୍ନୀ ବନୀତା ଜେନାଙ୍କୁ ବ୍ୟାସ ଫାଉଣ୍ଡେସନ ସହାୟତାର ହାତ ବଢ଼ାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ବନୀତା ସମ୍ପର୍କୀୟଙ୍କ ହତାଦର ଓ ନିର୍ଯାତନା ମଧ୍ୟରେ ଅତିଷ୍ଠ ହୋଇ ପୁଅ ଓ ଝିଅଙ୍କ ପାଠପଢା, ଭବିଷ୍ୟତ ଓ ଅଧିକାର ପାଇଁ ବ୍ୟାସ ଫାଉଣ୍ଡେସନ ମାଧ୍ୟମରେ ନିଜର ସଂଗ୍ରାମ ଜାରି ରଖିଥିଲେ। କୁଜଙ୍ଗ ପୁଲିସର ସହାୟତା ଓ ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକଙ୍କ ପ୍ରୟାସରେ ଏପ୍ରିଲ ୧ ତାରିଖରେ ବନୀତା ଶାଶୂଘରେ ରହିବ ସୁଯୋଗ ପାଇଥିଲେ। ତାଙ୍କ ଝିଅ ଅଷ୍ଟମ ଓ ପୁଅ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ପିଲା ଦୁହିଁଙ୍କ ପାଠପଢା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ବନୀତା ଅସମର୍ଥ ଥିଲେ। ଶ୍ରୀମତୀ ଆଚାର୍ଯ୍ୟ ପ୍ରଥମେ ବନୀତାଙ୍କ ବିଧବା ଭତ୍ତା କରାଇବା ସହ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସହ ଯୋଗାଯୋଗ କରି ଯୁଭେନାଇଲ ଜଷ୍ଟିସ ବା କିଶୋର ନ୍ୟାୟ ଯୋଜନା ମାଧ୍ୟମରେ ପିଲାଙ୍କ ପାଇଁ ମାସିକ ଆର୍ଥିକ ପ୍ରୋତ୍ସାହନ ସ୍ଥିରୀକୃତ କରିଛନ୍ତି । ଆଗାମୀ ଦିନରେ ଏହି ଯୋଜନାରୁ ମିଳିବାକୁ ଥିବା ଆର୍ଥିକ ପ୍ରୋତ୍ସାହନ ବନୀତା ଓ ତାଙ୍କ ପିଲାଙ୍କ ମୁହଁରେ ନିଶ୍ଚିତ ହସ ଫୁଟାଇପାରିବ। ଏଥିସହ ବନୀତାଙ୍କୁ ରାହାମା ଗଜଲକ୍ଷ୍ମୀ କ୍ଲଥଷ୍ଟୋର ଦ୍ୱାରା ଏକ ସିଲେଇ ମେସିନ୍ ପ୍ରଦାନ କରାଯିବ। ବନୀତା ସ୍ୱାବଲମ୍ବୀ ହେବା ସହ ବଞ୍ଚିଥିବା ପର୍ଯ୍ୟନ୍ତ ପିଲା ଦୁଇ ଜଣଙ୍କ ଭବିଷ୍ୟତକୁ ସୁଗମ କରିପାରିବେ। ବନିତାଙ୍କୁ ସରକାରୀ ସହଯୋଗ ଯୋଗାଇ ଦେବାକୁ ପ୍ରୟାସ କରିଥିବା ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମକର୍ତ୍ତା ଓ ବ୍ୟାସ ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଉଦୟନାଥ ସ୍ୱାଇଁଙ୍କୁ ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ କୃତଜ୍ଞତା ଜଣାଇଛନ୍ତି।



# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୨୭।୬(ସମିସ): ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମିକ ଆଇନ ସମ୍ବନ୍ଧୀୟ ପୋଷ୍ଟର, ବ୍ୟାନର, ପ୍ଲାକାର୍ଡ, ପ୍ରଚାରପତ୍ର ଧରି ଶୋଭାଯାତ୍ରା କରାଯାଇଥିଲା। ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାଉନସିଲର କନକଲତା ବେହେରା, ଲିଗାଲ୍ କମ୍ ପ୍ରୋବେସନ୍ ଅଫିସର ବିବେକାନନ୍ଦ ଅତୁବୁଢୀଙ୍କ ସମେତ କେନ୍ଦ୍ରାପଡା ଓ ମାର୍ଶାଘାଇ ଶ୍ରମ ବିଭାଗ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଶୋଭାଯାତ୍ରା କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଞ୍ଚଳ ପରିକ୍ରମା କରିଥିଲା।

# ଦୀନବନ୍ଧୁ ସାହୁ ଆଇନ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କେନ୍ଦ୍ରାପଡ଼ା,୨୭।୬(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ହିସାବରକ୍ଷକ ପ୍ରିୟରଞ୍ଜନ ପ୍ରତିହାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟରେ ଆୟୋଜିତ ସଭାରେ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ବଳ, ଅଧ୍ୟାପକ ଓ ସହକର୍ମୀଙ୍କ ସହ ପରିଚାଳନା କମିଟି ସଦସ୍ୟ ଗୌତମ ପଟ୍ଟନାୟକ ଯୋଗଦେଇ ଶ୍ରୀ ପତିହାରୀଙ୍କ ସାଧୁତା, ସରଳତା ଓ ନିଷ୍ଠାପରତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଶେଷରେ ପରିଚାଳନା କମିଟି ସଭାପତି ସୁଜିତ ମହାନ୍ତିଙ୍କ ପ୍ରଦତ୍ତ ଶୁଭେଚ୍ଛା ବାର୍ତ୍ତା ସହ ଶ୍ରୀ ପ୍ରତିହାରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

**ଓଳାଭର କଲେଜ ପଡ଼ିଆ**

# ପୋଖରୀର ଭ୍ରମ ସହ ପାଲଟିଛି ଅଳିଆ ଗଦା

ରାଜକନିକା,୨୭।୬(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପୁରାତନ ମହାବିଦ୍ୟାଳୟ ଓଳାଭର କଲେଜରେ ବିବିଧ ଅନିୟମିତତା ଲାଗି ରହିଛି। ପରିଚାଳନାଗତ ତ୍ରୁଟି ସହ ବହୁ ବିଷୟରେ ଦୁରଦୃଷ୍ଟି ଅଭାବ କାରଣରୁ କଲେଜ ଖେଳ ପଡିଆକୁ ଦେଖିଲେ ଏବେ ଏହା କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଥିବାବେଳେ ଏହି ପଡିଆର ବଜାର ପ୍ରବେଶ ପଥ ଅଳିଆ ଗଦା ପାଲଟିଛି। କୁଢ଼ କୁଢ଼ ଆବର୍ଜନା ମାସ ମାସ ଧରି ପଡ଼ି ରହିବା ଫଳରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସଂକ୍ରମଣକୁ ଆମନ୍ତ୍ରଣ କରୁଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି। ଉକ୍ତ ପୁରାତନ କଲେଜ ଓ ସ୍ଥାନୀୟଅଞ୍ଚଳର ଭାବାବେଗ ସହ ଜଡ଼ିତ ଖେଳ ପଡିଆଟି ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଥିବାବେଳେ ବଜାରର ଅଳିଆ ଏହି ପଡ଼ିଆରେ ପକାଯାଉଥିଲେ ବି କଲେଜ ପ୍ରଶାସନ ଏହାକୁ ବନ୍ଦ କରିବାକୁ ଉଦ୍ୟମ ନ କରିବା, ପୁନଶ୍ଚ ଏହି ପଡିଆରେ ଯିଏ ଯେତେବେଳେ ଯାହା ପାରିଲା ମନଇଚ୍ଛା ଏହାକୁ ଖୋଳା ପୋତା କରି ବିଭିନ୍ନ କାର୍ଯ୍ୟକ୍ରମ କରିବାରୁ ପଡିଆ ସାରା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ଏହି ପଡ଼ିଆର ତାରିଣୀ ଛକ ପ୍ରବେଶ ପଥରେ ଥିବା କଲେଜ ମୁଖ୍ୟ ଫାଟକକୁ ଓଡ଼ିଆରେ ଲେଖିବାକୁ କହି ଏହି ଜାଗାକୁ ଖୋଲି ଦେଇଥିଲେ ବି ଏଯାଏ ତାହା କରା ନ ଯିବାରୁ ତାହା ଆଣ୍ଠୁଏ ପାଣି ଓ କାଦୁଅରେ ଜଡ଼ସଡ଼ ହୋଇରହିଛି। ପ୍ରବେଶପଥରେ ପାଣି କାଦୁଅ ଥିବାରୁ ଛାତ୍ରଛାତ୍ରୀ ବଜାର ଓ କାଳୀମନ୍ଦିର ପାଖ ଦେଇ ବୁଲି ଯିବାଆସିବା କରୁଛନ୍ତି। କଲେଜ ଦେଇଥିବା ଲିଜ୍ ଜାଗା ପାଖରେ ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ପଡ଼ୁଆକୁ ପଶୁଛି। କଲେଜରେ ବିଭିନ୍ନ କ୍ରୀଡ଼ା ଓ ଖେଳ ପଡିଆର ବିକାଶ ପାଇଁ ପ୍ରଚୁର ଅର୍ଥ ଆସୁଥିବାବେଳେ ପଡିଆ ଦିନକୁ ଦିନ ବେହାଲ ହେବାରେ ଲାଗିଛି। ଜନସାଧାରଣଙ୍କ ବିନୋଦନ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ପାଣି କାଦୁଆରେ ଭରପୁର ରହିଥିବାରୁ ଏହା ବ୍ୟବହାର ହୋଇପାରୁନାହିଁ। ଏ ନେଇ ଏହି କଲେଜର ବହୁ ପୂର୍ବତନ ଛାତ୍ରଛାତ୍ରୀ, ପୂର୍ବତନ ପରିଚାଳନା କମିଟି ସଦସ୍ୟ ଉଦବେଗ ପ୍ରକାଶ କରିବା ସହ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ନିଜେ ଏଭଳି ସ୍ଥିତିର ପରିଦର୍ଶନ କରି ତ୍ୱରିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

**● ହିତରଣା ହତ୍ୟାକାଣ୍ଡ ମାମଲା**

# ଅଭିଯୁକ୍ତକୁ ଆଜୀବନ ଜେଲ୍

ଜଗତସିଂହପୁର,୨୭।୬(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ହିତରଣା ଗ୍ରାମରେ ୨୦୨୩ରେ ସଂଗଠିତ ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ଅଭିଯୁକ୍ତ ସୁବାସ ବିଶ୍ୱାଳକୁ ଆଜୀବନ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ। ୨୦୨୩ ନଭେମ୍ବର ୮ ତାରିଖ ସକାଳ ୮ଟା ସମୟରେ ତିର୍ତ୍ତୋଲ ଥାନା ହିତରଣା ଗ୍ରାମର ବିନୋଦ ଦାସଙ୍କୁ ସେହି ଗ୍ରାମର ସୁବାସ ବିଶ୍ୱାଳ କୌଣସି କାରଣରୁ ଗାଁ ମଝିରେ ଏକ କୁରାଢୀରେ ହାଣି ହତ୍ୟା କରିଥିଲା। ବିନୋଦଙ୍କ ପୁତ୍ର ବିକାଶ ଦାସ ତିର୍ତ୍ତୋଲ ଥାନାରେ ଏତଲା ଦେବାପରେ ପୁଲିସ ଅଭିଯୁକ୍ତ ସୁବାସକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତ ସୁବାସକୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଭାରପ୍ରାପ୍ତ ପିପି ଭଜହରି କର ପରିଚାଳନା କରୁଥିଲେ।

# ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ





ଢେଙ୍କାନାଳ, ୨୭ ।୬(ସମିସ)

ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା ରୀତିନୀତିରେ ପାଳିତ ହୋଇଛି । ତେବେ ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀମାଆ ମନ୍ଦିରରେ ପହଞ୍ଚି ପାରିନାହିଁ । ସାନରଥ ମହାବୀର ବଜାର ଏବଂ ବଡ଼ରଥ ଜବାହର ଚୌକ ନିକଟରେ ଅଟକି ରହିଛି ।

ଶ୍ରୀ ଶ୍ରୀ ବଳରାମ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସକାଳ ନୀତି ପାଳନ ପରେ ସେନାପଟା ଲାଗି ଓ ପହଣ୍ଡି ବେଶ କରାଯାଇଥିଲା । ମହାପ୍ରଭୁଙ୍କ ମଙ୍ଗଳାର୍ପଣ ଓ ଅନ୍ୟାନ୍ୟ ନୀତି ପରେ ମହାପ୍ରଭୁଙ୍କ ଅଙ୍ଗଲାଗି ବସ୍ତ୍ର କରାଯାଇଥିଲା । ମୁଖ୍ୟ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟାହ୍ନରେ ପହଣ୍ଡି ବିଜେ କରାଯାଇ ରଥଖଳାକୁ ଅଣାଯାଇଥିଲା । ସେଠାରେ ଦୁଇଟି ରଥରେ ପ୍ରଭୁଙ୍କୁ ରଥାରୁଢ଼ କରାଯିବା ପରେ ମହାପ୍ରଭୁଙ୍କର ପୂଜା ଓ ରୀତିନୀତି ଅନୁଷ୍ଠିତ ହୋଇଥିଲା । ଯୁବରାଜ ଅମରଜ୍ୟୋତି ସିଂହଦେଓ ଛେରାପହଁରା କରିଥିଲେ । ଗୁଳୁଗୁଳି ଓ ବର୍ଷା ସତ୍ତ୍ୱେ ରଥଯାତ୍ରାରେ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା । ଅପରାହ୍ନ ୩ଟା ୩୯ରେ ପ୍ରଥମେ ବଡ଼ରଥ ଏବଂ ପରେ ସାନରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସାନରଥକୁ ମହିଳାମାନେ ଟାଣି ନେଇଥିଲେ । ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀମାଆ ମନ୍ଦିର ନିକଟରେ ପହଞ୍ଚି ପାରି ନ ଥିଲା । ରଥଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ପୁଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇ ଦିଆଯାଇଥିଲା । ରେଡ୍‌କ୍ରସ ସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ସେବା ଯୋଗାଇ ଦେଇଥିଲେ । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକର, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଟାଉନ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ମୁତୟନ ରହିଥିଲେ । ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ନୀତି ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ସମସ୍ତ କାର୍ଯ୍ୟ ସାମାନ୍ୟ ବିଳମ୍ବରେ ହୋଇଥିଲା । ରଥଗଡ଼ାଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଧାରାବିବରଣୀ ପ୍ରଦାନ କରାଯାଇଥିଲା ।

**ଗଁଦିଆ:** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଦେଓଗାଁରେ ପୂଜିତ ପ୍ରଭୁ ବଳଦେବଜୀଉ ଓ ଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି । ଭୋର୍ ସମୟରୁ ପୂଜକଙ୍କ ଦ୍ୱାରା ସମସ୍ତ ନୀତି ସମ୍ପନ୍ନ ପରେ ମଧ୍ୟାହ୍ନରେ ମଧ୍ୟାହ୍ନ ଧୂପ ଲାଗି କରାଯାଇ ଘୋଷଯାତ୍ରା ନିମନ୍ତେ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା । ନବନିର୍ମିତ ରଥ ପୂଜନ ଓ ସେନାପଟା ଲାଗି ଅପରାହ୍ନ ସାଢ଼େ ୨ଟାରେ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କୁ ବେଢ଼ା ପରିକ୍ରମା କରାଯାଇ ରଥାରୁଢ଼ କରାଯିବା ପରେ ୩ଟା ୩୦ରେ ହେମନ୍ତ କୁମାର ନନ୍ଦ ଛେରାପହଁରା କରିଥିଲେ । ୩ଟା ୪୫ରେ ଭକ୍ତଙ୍କ ଦ୍ୱାରା ରଥଟଣା ଆରମ୍ଭ ହୋଇ ୪ଟା ୪୫ ସୁଦ୍ଧା ମାଉସୀମା' ମନ୍ଦିରରେ ରଥ ଲାଗିଥିଲା । ଦେବୋତ୍ତର ବିଭଗ ପକ୍ଷରୁ ଇନ୍ସପେକ୍ଟର ବସନ୍ତ କୁମାର ରଥ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ । ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ର ଓ ବିଡିଓ ପବିତ୍ର କୁମାର ବେହେରା ଉପସ୍ଥିତ ଥିଲେ । ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ।

**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି । ବଡ଼ପଣ୍ଡା ବସନ୍ତ ଦାସ ଓ ଶ୍ୱେତ ସୁନ୍ଦର ଦାସ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ଆଇନଜୀବୀ ଅଶୋକ କୁମାର ଦଳବେହେରା ଛେରାପହଁରା କରିଥଲେ । ବ୍ରାହ୍ମଣ ଗୋସାଇଁମାନେ ପହଣ୍ଡି ବିଜେ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଇଥିଲେ । ଘଣ୍ଟଘଣ୍ଟା, ଢୋଲ, ଶଙ୍ଖ, କୀର୍ତ୍ତନ, ହରିବୋଲ ହୁଳହୁଳି ଧ୍ୱନିରେ ଭକ୍ତମାନେ ରଥ ଦଉଡ଼ି ଟାଣିଥିଲେ । ଜୟ ଜଗନ୍ନାଥ ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥଲା । ସମଗ୍ର ପରିବେଶ ଜଗନ୍ନାଥମୟ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଗ୍ରାମ କମିଟି ସଭାପତି ଶାନ୍ତନୁ କୁମାର ସାମଲ, ସମ୍ପାଦକ ସର୍ବେଶ୍ୱର ଦଳବେହେରା ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ ।

## ରଥଯାତ୍ରା ଉପଲକ୍ଷେ ରକ୍ତଦାନ ଶିବିର

କାମାକ୍ଷାନଗର, ୨୭ ।୬(ସମିସ): ପବିତ୍ର ରଥଯାତ୍ରା ଉପଲକ୍ଷେ କାମାକ୍ଷାନଗର ଏନଏସି ରେକୁଲା ଜୟ ମା' ମଙ୍ଗଳା ପେଟ୍ରୋଲ ପମ୍ପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଠାରେ ସମୁଦାୟ ୬୩ ୟୁନିଟ ରକ୍ତ ସଂଗ୍ରହ



ହୋଇଛି । କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । କାମାକ୍ଷାନଗର ତହସିଲଦାର ଶୁଭଙ୍କର ମହାନ୍ତି, ଥାନା ଅଧିକାରୀ ଆଶିଷ କୁମାର ଜେନା, ସ୍ୱେଚ୍ଛାସେବୀ ଗୋବିନ୍ଦଚନ୍ଦ୍ର ସାହୁ, ବୈଦ୍ୟରାଜ ସର୍ବେଶ୍ୱର ପାତ୍ର, ଜିଲ୍ଲା ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, କନପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ତହସିଲଦାର ମହାନ୍ତି ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସରୋଜକାନ୍ତ ବେହେରା, ବାଇସିଙ୍ଗା ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ରୀୟ ବିଶ୍ୱାଳ, ସୁଶାନ୍ତ ପଟ୍ଟନାୟକ, ମଙ୍ଗୁତଲାଲ କଟାରୁକା, ପବିତ୍ର ରାଉତ, ହିମାଂଶୁ ଶେଖର ମହାପାତ୍ର, ବିଜୟ କୁମାର ସେନାପତି, ଦୀପକ ପାତ୍ର, ସୁଧୀର କୁମାର ପରିଡ଼ା, ରାକେଶ କୁମାର ଦେହୁରୀ, ସଦାଶିବ ସେଠୀ, ରିତେଶ ବ୍ରହ୍ମା, ହୃଦୟ ବଲ୍ଲଭ ମିଶ୍ର, ସମଦର୍ଶୀ ଦାସ, ବିନୋଦ ବିହାରୀ ସେଠୀ, ପ୍ରକାଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଢେଙ୍କାନାଳ ଜିଲ୍ଲା ବ୍ଲଡ୍‌ବ୍ୟାଙ୍କର ନର୍ସିଂ ଅଫିସର ବିନୋଦିନୀ ଯୋଗାନିଆ, ରାକେଶ କୁମାର ବେହେରା, ରୋହିତ କୁମାର ଦାସ, ବରୁଣ ସାହୁ, ଅଜୟ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ଝୁଙ୍କିଲାନି ନନ୍ଦିଘୋଷ, ଶ୍ରଦ୍ଧାଳୁ ନିରାଶ

ଖଜୁରିଆକଟା, ୨୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ତିନି ଠାକୁରଙ୍କ ରଥଟଣା ଆରମ୍ଭ ହୋଇଥିଲା । ଭକ୍ତଙ୍କ ସହଯୋଗରେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ସୁଭଦ୍ରାଙ୍କ ଦେବଦଳନ ରଥ ଟଣାଯାଇ ମାଉସୀମା' ମନ୍ଦିର ନିକଟରେ



ପହଞ୍ଚିଥିଲେ । ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିବା ଆରମ୍ଭ କରିଥିଲେ । କିନ୍ତୁ ନନ୍ଦିଘୋଷ ରଥ ଆଗକୁ ବଢ଼ି ନ ଥିଲା । ଭକ୍ତମାନେ ରଥ ଟାଣିବା ମାତ୍ରକେ ବାମମୋଡ଼ ନେବାରୁ ରଥ ତିନିଥର ଆଗପଛ ହୋଇଥିଲା । ସନ୍ଧ୍ୟା ହେବା ଫଳରେ ରଥଖଳାରେ ହିଁ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ରହିଥିଲା ।

ପୂର୍ବାହ୍ନ ୧୧ଟାରେ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂଦେଓ ରଥରେ ଛେରାପହଁରା କରିଥିଲେ । ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ ସେଠୀ, ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ, ଥାନା ଅଧିକାରିଣୀ ଚାରୁଲତା ବେହେରାଙ୍କ ସମେତ ହିନ୍ଦୋଳ ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ, ସେବାୟତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହେମନ୍ତ କୁମାର ପାଣିଗ୍ରାହୀ, ବିରଞ୍ଚି ନାରାୟଣ ଦାସ, ପ୍ରଭାକର ଦ୍ୱିବେଦୀ ଏବଂ ବାମଦେବ ବଳିୟାରସେନ୍ ଧାରା ବିବରଣୀ ପ୍ରଦାନ କରିଥିଲେ । ଶନିବାର ପୂର୍ବାହ୍ନ ୧୧ଟାରେ ପ୍ରଶାସନ ଓ ଭକ୍ତଙ୍କ ସହଯୋଗରେ ନନ୍ଦିଘୋଷ ରଥ ଟଣାଯାଇ ମାଉସୀମା' ମନ୍ଦିର ନିକଟରେ ପହଞ୍ଚାଇବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

## ରଥଯାତ୍ରାରେ ସ୍କାଉଟ ଓ ଗାଇଡ୍ସ ତରଫରୁ ସେବା

ଢେଙ୍କାନାଳ, ୨୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କ ଆହ୍ୱାନ କ୍ରମେ ଓଡ଼ିଶା ସ୍କାଉଟ୍ ଗାଇଡ୍ସ ଓ ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସ ମିଳିତ ସହଯୋଗରେ ଟାଉନ୍ ହଲ୍ ସମ୍ମୁଖରେ ରଥଯାତ୍ରା ଉପଲକ୍ଷେ ସେବା ଶିବିର ଆୟୋଜନ କରାଯାଇଛି । ଢେଙ୍କାନାଳ ଜିଲ୍ଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସ୍କାଉଟ୍ସ କମିଶନର ଇତୀଶ କୁମାର ବରାଳ, ତାଲିମ୍ କମିଶନର ନରେଶ କୁମାର ମହାରଣା, ସଙ୍ଗଠନ କମିଶନର ବିଜୟ କୁମାର ନନ୍ଦ, ବରିଷ୍ଠ ସ୍କାଉଟ୍ ମାଷ୍ଟର ପ୍ରଶାନ୍ତ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ ଗାଇଡ୍‌ର ସମ୍ପାଦକ ପ୍ରକାଶଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ୧୫ ବିଦ୍ୟାଳୟର ୩୦ ସ୍କାଉଟ୍ସ ଗାଇଡ୍ସ ଓ ୧୫ ସ୍କାଉଟ୍ ମାଷ୍ଟର ଗାଇଡ୍ କ୍ୟାପ୍‌ଟେନ୍ ଯୋଗଦେଇ ଭକ୍ତଙ୍କୁ ବିଶୁଦ୍ଧ ଜଳ ପ୍ରଦାନ କରିବା ସହ ପ୍ରାଥମିକ ଚିକିତ୍ସା ଓ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ । ସ୍କାଉଟ୍ ମାଷ୍ଟର ସୁବ୍ରତ କୁମାର ମିଶ୍ର, ରସାନନ୍ଦ ସାହୁ, ଉମେଶ ଚନ୍ଦ୍ର ଦାଶ, ମହେନ୍ଦ୍ର ସାହୁ, କନିଷ୍ଠ କିରାଣି ପ୍ରଶାନ୍ତ ସାହୁ, ଗାଇଡ୍ ସଂଗଠନ କମିଶନର ସବିତା ସାହୁ, ଗାଇଡ୍ କ୍ୟାପ୍‌ଟେନ୍ ହରପ୍ରିୟା ଦାଶ, ଚାରୁଲତା ଦଳେଇ, ଜ୍ୟୋସ୍ନା ମିଶ୍ର, ଲିପିକା ନାଏକ, ମନୋରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



## ତିନି ନୂଆ ଆଇନକୁ ନେଇ କର୍ମଶାଳା

ଢେଙ୍କାନାଳ, ୨୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଦେଶରେ କାର୍ଯ୍ୟକାରୀ ହୋଇଥିବା ତିନି ନୂଆ ଆଇନ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଓ ସରକାରୀ ଓକିଲମାନଙ୍କୁ ନେଇ ଦେଶରେ ନୂଆକରି ଲାଗୁ ହୋଇଥିବା ୩ ଆଇନର କାର୍ଯ୍ୟକାରିତା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଦେଶରେ ଗତବର୍ଷ ଜୁଲାଇ ୧ରୁ କାର୍ଯ୍ୟକାରୀ ହେଉଥିବା ତିନି ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା,



ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ତାଲିମ ଦିଆଯାଇଥିଲା । କର୍ମଶାଳାରେ ଢେଙ୍କାନାଳ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଗଣେଶ କୁମାର ବେହେରା ଅଧ୍ୟକ୍ଷତା କରି ତିନି ନୂଆ ଆଇନ ସହ ପୁରୁଣା ଆଇନର ତୁଳନାତ୍ମକ ବିଶ୍ଳେଷଣ କରିଥିଲେ । ଏସ୍‌ପି ଅଭିନବ ସୋନକର ମୁଖ୍ୟଅତିଥି ରୂପେ ଯୋଗଦେଇ ତିନି ନୂଆ ଆଇନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋଚନା କରିଥିଲେ । ନୂଆ ଆଇନରେ ଥିବା ଏଫଆଇଆର, ଜିରୋ ଏଫଆଇଆର, ଇ-ଏଫଆଇଆର, ପୀଡ଼ିତାଙ୍କୁ କିପରି ତ୍ୱରିତ ନ୍ୟାୟ ମିଳିବ ତଥା ପ୍ରକୃତ ଅପରାଧୀ ବିରୋଧରେ ଅଭିଯୋଗ ଫର୍ଦ୍ଦ ସଠିକ ସମୟରେ ନ୍ୟାୟାଳୟରେ ଦାଖଲ ହେବା ସହ ଅପରାଧୀକୁ ଦଣ୍ଡବିଧାନ କରିବା ଦିଗରେ ପୁଲିସ ଏବଂ ସରକାରୀ ଓକିଲମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ଅତିଥି ତଥା ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ଯୋଗଦେଇ ଅପରାଧୀଙ୍କ ଗିରଫ, ରିମାଣ୍ଡ, ଏଫଆଇଆର ଆଦି ସମ୍ପର୍କରେ ପୁରୁଣା ଓ ନୂଆ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ । ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ. ବିଜୟ କୁମାର ମହାପାତ୍ର ଯୋଗଦେଇ ତିନି ଅପରାଧିକ ଆଇନ ଉପରେ ସବିଶେଷ ତଥ୍ୟ ରଖିବା ସହ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଗୁଡ଼ିକର ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଉପରେ ଆଲୋକପାତ କରିଥିଲେ । ଡିଏସପି ସନ୍ଧ୍ୟାରାଣୀ ବେଉରିଆ ନୂଆ ଆଇନରେ ଥିବା ପୁଲିସ, ମାଜିଷ୍ଟ୍ରେଟଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋଚନା କରିବା ସହ ଅପରାଧ ଘଟୁଥିବା ସମୟରେ ଉପସ୍ଥିତ ଥିବା ଜନ ସାଧାରଣଙ୍କର ପୁଲିସକୁ ଖବର ଦେବା ଏବଂ ତଦନ୍ତରେ ସାହାଯ୍ୟ କରିବାର କର୍ତ୍ତବ୍ୟ ଆଦି ଉପରେ ଆଲୋଚନା କରିଥିଲେ । ଆସିଷ୍ଟାଣ୍ଟ କଲେକ୍ଟର (ନ୍ୟାୟିକ ବିଭାଗ) ଅଗ୍ନିଜା ଶିବଦତ୍ତା କର୍ମଶାଳା ସଂଯୋଜନା କରିଥିଲେ । କର୍ମଶାଳାରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଉପଜିଲ୍ଲାପାଳ, ପୁଲିସ ଅଧିକାରୀ ଓ ସରକାରୀ ଓକିଲମାନେ ଅଂଶଗ୍ରହଣ କରିଥିଲେ ।

## ଶବର ରାଜା ଢେଙ୍କାଙ୍କ ସ୍ମାରକୀ ପିଢ଼ରେ ପୁଷ୍ପମାଲ୍ୟ ଓ ଦୀପଦାନ

ଢେଙ୍କାନାଳ, ୨୭ ।୬(ସମିସ): ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ତରଫରୁ ଶବର ରାଜା ଢେଙ୍କାଙ୍କ ମସ୍ତକ ରହିଥିବା ସ୍ମାରକୀ ପିଢ଼ରେ ପୁଷ୍ପମାଲ୍ୟ ଓ ଦୀପଦାନ ପ୍ରଦାନ କରାଯାଇଛି । ପବିତ୍ର ଶ୍ରୀଗୁଣ୍ଡିଚା ଦିନ ବେଶାଳିଆ ରାଜା ଶ୍ରୀଧର ଭଞ୍ଜ ରାଜ୍ୟର ନାମ ଶବର ରାଜା ଢେଙ୍କାଙ୍କ ନାମରେ ନାମିତ କରିବାକୁ ପରାମର୍ଶ ଦେଇଥିବାରୁ ଏହାକୁ ସ୍ମାରକୀ କରିବା ପାଇଁ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଢେଙ୍କାଙ୍କ ପ୍ରତିମୂର୍ତ୍ତି, ରାଜବାଟୀରେ ଥିବା ତାଙ୍କ ମସ୍ତକ ପ୍ରତୀକ ପିଢ଼ ଓ ଶ୍ରୀ ବଳରାମଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ଓ ଦୀପଦାନ କରି ଢେଙ୍କାନାଳବାସୀଙ୍କ ଶୁଭ କାମନା କରିଥିଲେ । ପ୍ରକାଶ ଥାଉକି ବେଶାଳିଆ ରାଜା ଶ୍ରୀଧର ଭଞ୍ଜ ଢେଙ୍କାଗଡ଼ର ତତ୍କାଳୀନ ଶବର ରାଜା ଢେଙ୍କାଙ୍କ ସହ ଯୁଦ୍ଧ କରି ତାଙ୍କୁ ହତ୍ୟା କରିଥିଲେ । ମୃତ୍ୟୁ ପୂର୍ବରୁ ଢେଙ୍କା ନିଜ ଶେଷଇଚ୍ଛା ପ୍ରକଟକରି କହିଥିଲେ ତାଙ୍କ ମସ୍ତକ ପୂଜା କରି ନାମ ଅନୁସାରେ ରାଜ୍ୟର ନାମ ରଖିବ, ନ ହେଲେ ମୋ ଦଶା ଭୋଗିବ । ଯାହାକୁ ଶ୍ରୀଧର ଭଞ୍ଜ ପାଳନ କରି ନ ଥିଲେ । ପରେ ୧୫୮୧ ଶ୍ରୀଗୁଣ୍ଡିଚା ଦିନ କରମୂଳ ପାଟଣା ରାଜା ହରି ସିଂହ ବିଦ୍ୟାଧର ଯୁଦ୍ଧରେ ପରାସ୍ତ କରି ତାଙ୍କ ଶେଷ ଇଚ୍ଛା ପ୍ରକାଶ କରି କହିଥିଲେ ଢେଙ୍କାଙ୍କ ନାମ ଅନୁସାରେ ରାଜ୍ୟର ନାମ ରଖିବ ଓ ତାଙ୍କ ମସ୍ତକକୁ ପୂଜା କରିବ ଯାହାକୁ କି ହରି ସିଂହ ବିଦ୍ୟାଧର ପ୍ରତିଶ୍ରୁତି ଦେଇ ରାଜ୍ୟର ନାମ ଢେଙ୍କାନାଳ ରଖିଥିଲେ । ଏହାକୁ ଆଧାର କରି ଶୁକ୍ରବାର ସକାଳେ ଶବର ରାଜା ଢେଙ୍କାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପରେ ରାଜବାଟୀରେ ଥିବା ତାଙ୍କ ମସ୍ତକ ପିଢ଼ରେ ମାଲ୍ୟାର୍ପଣ ସହିତ ଦୀପଦାନ ଓ ପରେ ଶ୍ରୀବଳରାମ ମହାପ୍ରଭୁଙ୍କ ପାଖରେ ଦୀପଦାନ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଅର୍ଘ୍ୟରତ୍ନ ଚକ୍ରଧର ରମା ସିଂହ, ପରେଶ ଚନ୍ଦ୍ର ପଟ୍ଟନାୟକ, ନିର୍ମଳା ମହାପାତ୍ର, ପୁରୁଷୋତ୍ତମ ନନ୍ଦ, ସ୍ନିଗ୍ଧା ନନ୍ଦ, କମଳ ନନ୍ଦ, ରାଜକିଶୋର ବେହେରା, ପ୍ରୀତିରଞ୍ଜନ ପତି ଏବଂ ଅବନୀ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।




## ତୈଳିକ ବୈଶ୍ୟ ସମାଜ କୋଠଘର ଲୋକାର୍ପିତ



ଢେଙ୍କାନାଳ, ୨୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଗାଁ ଦାଣ୍ଡ ରାସ୍ତା ପାର୍ଶ୍ୱକୁ ଲାଗି ମହାଜନ ସାହିରେ ତୈଳିକ ବୈଶ୍ୟ ସମାଜ କୋଠଘର ପବିତ୍ର ରଥଯାତ୍ରା ଅବସରରେ ଲୋକାର୍ପିତ ହୋଇଛି । ଜିଲ୍ଲାପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ । ଜିଲ୍ଲା ପରିଷଦ ଅନୁଦାନରେ କୋଠଘର ନିର୍ମାଣ ହୋଇଥିବାରୁ ଜିଲ୍ଲା ପରିଷଦ ସଦସ୍ୟ ପ୍ରଧାନଙ୍କୁ ସାହିବାସିନ୍ଦା କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ସାହିର ପ୍ରମୋଦ ଖୁଣ୍ଟିଆ, ଗଙ୍ଗାଧର ସାହୁ, କାଶୀନାଥ ସାହୁ, ଗୁରୁଚରଣ ଖୁଣ୍ଟିଆ, ମାର୍କଣ୍ଡ ଖୁଣ୍ଟିଆ, ମଧୁସୂଦନ ଖୁଣ୍ଟିଆ, ରବୀନ୍ଦ୍ର କୁମାର ସାହୁ, ଲଳିତ ଖୁଣ୍ଟିଆ ସମେତ ସାହିର ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷା ସଚେତନତା, ହେଲମେଟ ବଣ୍ଟନ



ଗଁଦିଆ, ୨୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଅବକାରୀ ବିଭାଗ ପକ୍ଷରୁ ଗଁଦିଆ ଅବକାରୀ ଥାନା ଅଧିକାରୀ ସୁନିତା କେର୍କେଟା, ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ରାଜେନ୍ଦ୍ର ସିଂ ଓ ଅନ୍ୟ କର୍ମଚାରୀଙ୍କ ତରଫରୁ ଅବକାରୀ ଥାନା ସମ୍ମୁଖରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି । ରାସ୍ତାରେ ଯାଉଥିବା ବାଇକ ଚାଳକଙ୍କୁ ସଚେତନ କରାଯିବା ସହ ହେଲମେଟ ବଣ୍ଟନ କରାଯାଇଛି । ଆଗାମୀ ଦିନରେ ଏ ଅଞ୍ଚଳର ଆହୁରି ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଅବକାରୀ ଥାନା ଅଧିକାରୀ କେର୍କେଟା ସୂଚନା ଦେଇଛନ୍ତି ।

# ଢେଙ୍କାନାଳ ନାମକରଣ ଦିବସକୁ ବିରୋଧ

ଢେଙ୍କାନାଳ, ୨୭ ।୬(ସମିସ)

ଢେଙ୍କାନାଳରେ ବିନା ତଥ୍ୟରେ ଐତିହାସିକ ପ୍ରମାଣ ନ ଥାଇ ତରବରିଆ ଭାବେ ଢେଙ୍କାନାଳ ନାମକରଣ ଦିବସ ପାଳନକୁ ତୀବ୍ର ବିରୋଧ କରାଯାଇଛି । ବିନା ତଥ୍ୟରେ ଢେଙ୍କାନାଳ ନାମକରଣ ଦିବସ ପାଳନକୁ ପ୍ରତିବାଦ କରି ଆଗେଇବା, ଆମ ପ୍ରତିଭା ଆମ ସମ୍ମାନ, ଢେଙ୍କାନାଳ ଥିଙ୍କର୍ସ ଫୋରମ, ଢେଙ୍କାନାଳ ସଚେତନ ନାଗରିକ ଫୋରମ ତଥା ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସଚେତନ ନାଗରିକଙ୍କୁ ନେଇ ଏକ ବୈଠକ ସଚେତନ ନାଗରିକ ଫୋରମ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଦୀପକ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଇନଜୀବୀ ପଟ୍ଟନାୟକ କହିଥିଲେ ଯେ ବିଳମ୍ବ ହେଉ ପଛେ ଭୁଲ ତଥ୍ୟ ଦେଇ ଜିଲ୍ଲାବାସୀଙ୍କୁ ବିଭ୍ରାନ୍ତ କରିବା ଉଚିତ ନୁହେଁ । ସମସ୍ତ ଜିଲ୍ଲାବାସୀ ପୁରୁଣା ପୋଥି, ତଳପତ୍ର ପୋଥି ଖୋଜିଲେ ତଥ୍ୟ ନିଶ୍ଚୟ ମିଳିବ । ଥିଙ୍କର୍ସ ଫୋରମ ସମ୍ପାଦକ ଆଇନଜୀବୀ ପ୍ରକାର ରାଉତ ଅତିଥି ପରିଚୟ ପ୍ରଦାନ କରି ସଭା ପରିଚାଳନା କରିଥିଲେ । ସେ କହିଥିଲେ ଯେ ସାଂସ୍କୃତିକ ଅନୁଷ୍ଠାନ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ତରଫରୁ ଜୁନ ୨୮ ତାରିଖ ଢେଙ୍କାନାଳ ନାମକରଣ ଦିବସ ପ୍ରଥମ କରି ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛି । ଏହାର କୌଣସି ତଥ୍ୟ ନ ଥାଇ ସ୍ୱଇଚ୍ଛାରେ ନାମକରଣ ଦିବସ ପାଳନ କରୁଛନ୍ତି । ଏହି ତିଥି କେଉଁଠୁ ଆସିଲା ଏବଂ କାହା ଆଦେଶରେ ପାଳନ କରାଯାଉଛି ତାହା ସାର୍ବଜନୀନ ହେବା ଉଚିତ । ମା' ମାଟିର ସ୍ଥାପନା ଦିବସ ପାଳନକୁ ଆମେ ବିରୋଧ କରୁନାହୁଁ ବୋଲି ସେ କହିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ କହିଲେ ଯେ ରାଜ୍ୟ ଓ ଜିଲ୍ଲା ସଂସ୍କୃତି ବିଭାଗ ଆବଶ୍ୟକ ତଥ୍ୟ ସଂଗ୍ରହ କରନ୍ତୁ । ଇତିହାସକାରମାନଙ୍କ ସହ ଆଲୋଚନା କରାଯାଇ ଢେଙ୍କାନାଳର ସ୍ଥାପନା (ନାମକରଣ) ଦିବସ ତିଥି ସ୍ଥିର କରାଯାଉ । ସଚେତନ ନାଗରିକ ଫୋରମ ସମ୍ପାଦକ ଭରତ କୁମାର ଦାସ କହିଲେ ଯେ ଢେଙ୍କାନାଳ ପ୍ରଥମରୁ କରମୂଳ ରାଜାଙ୍କ ଶାସନ ଅଧୀନରେ ଥିଲା । ସେ ସବୁ ତଥ୍ୟକୁ ବାହାର କରି ଢେଙ୍କାନାଳ ସ୍ଥାପନା ଦିବସ ତିଥି ସ୍ଥିର ହେବା ଉଚିତ । ଥିଙ୍କର୍ସ ଫୋରମ ସଭାପତି ସୌମେନ୍ଦୁ ଶତପଥୀ କହିଲେ ଯେ ବିଗତ ଦିନରେ ଅନେକ ବ୍ୟକ୍ତି ଅନେକ କିଛି କରିଯାଇଛନ୍ତି । ଆମେ ଗର୍ବ ଅହଂକାର ନ କରି ବୌଦ୍ଧିକ ବିଚାରକୁ ନେଇ ସମସ୍ତ ଜ୍ଞାନୀଗୁଣୀଙ୍କ ସହ ଆଲୋଚନା କରି ଏହା ପାଳନ କରିବା ଉଚିତ ବୋଲି ସେ କହିଥିଲେ । ବୈଠକରେ ସଫିର ଅଲ୍ଲୀ, ଦେବୀପ୍ରସାଦ ପାଣି, ସରୋଜ ଶତପଥୀ, ସୁଶୀଲ ନନ୍ଦ, ପ୍ରିୟବ୍ରତ ଗଡ଼ନାୟକ, ସଦାନନ୍ଦ ସେଠୀ, ବିନୋଦ ମଲିକ, ପୂର୍ବ ସୈନିକ ନଗେନ କର ଓ ରତିରଞ୍ଜନ ଜେନା, ଅଶୋକ ସାହୁ, ଆଇନଜୀବୀ ବୈକୁଣ୍ଠନାଥ ଦ୍ୱିବେଦୀ, ପ୍ରକାଶ ପରିଡ଼ା, ବିଭୁ ନାରାୟଣ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ଦେଇଥିଲେ । କୌଣସି ତଥ୍ୟ ନ ଥାଇ କିମ୍ବା ଆଲୋଚନା ନ ହୋଇ ଅତି ତରବରିଆ ଭାବେ ପ୍ରଶାସନର ସ୍ୱୀକୃତି ନ ଥାଇ ଏପରି ଏକ ଦିବସ ଗୋଟିଏ ମାତ୍ର ଅନୁଷ୍ଠାନ ପାଳନ କରିବା ନିଷ୍ପତ୍ତିକୁ ଢେଙ୍କାନାଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ନାମକରଣ ଦିବସ ପାଳନ କେଉଁ ତଥ୍ୟ ଆଧାରରେ ପର୍ଯ୍ୟବସିତ ପ୍ରଥମେ ତାହା ସାର୍ବଜନୀନ ହୋଇ ସର୍ବସମ୍ମତ ହେବା ଆବଶ୍ୟକ । ସେପର୍ଯ୍ୟନ୍ତ ଏହା ସ୍ଥଗିତ ରହିବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଯଦି ଏହା ସ୍ଥଗିତ କରା ନ ଯାଏ ତେବେ ପ୍ରଶାସନକୁ କଳା ପତାକା ଦେଖାଇ କଳାବ୍ୟାଜ୍ ପିନ୍ଧି ସଂସ୍କୃତି ଅଧିକାରୀ ତଥା ଅନ୍ୟ ଅଧିକାରୀମାନଙ୍କୁ ବିରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଶେଷରେ ସଚେତନ ନାଗରିକ ଫୋରମର ପଙ୍କଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ମୋବାଇଲ ଫୋନ୍ ମାଧ୍ୟମରେ ମତଦାନ, ବିହାର ପ୍ରଥମ

ପାଟନା, ୨୭।୬(ଏଜେନ୍ସି): ଦେଶର ପ୍ରଥମ ରାଜ୍ୟ ଭାବେ ବିହାର ମୋବାଇଲ ଫୋନ୍ ଆପ୍ ମାଧ୍ୟମରେ ଭୋଟ୍ ଦେବାକୁ ଅନୁମତି ଦେଇଛି। ଏନେଇ ରାଜ୍ୟ ନିର୍ବାଚନ କମିସନର ଦୀପକ ପ୍ରସାଦ ଶୁକ୍ରବାର ସୂଚନା ଦେଇଛନ୍ତି। ଏଥିସହ ଭାରତୀୟ ନିର୍ବାଚନ ପ୍ରକ୍ରିୟା ଏକ ନୂଆ ଯୁଗରେ ପ୍ରବେଶ କରିଛି। ଆସନ୍ତାକାଲି ୩ଟି ଜିଲ୍ଲାରେ ୬ଟି ମ୍ୟୁନିସପାଲ ପରିଷଦରେ ନିର୍ବାଚନ ହେବା ପୂର୍ବରୁ କମିସନ ଏହି ନିଷ୍ପତ୍ତି ନେଇଛନ୍ତି। ଶନିବାର ପାଟନା, ରୋହତାସ ଓ ଇଷ୍ଟ ଚମ୍ପାରନ୍‌ରେ ନିର୍ବାଚନ ହେବ। ଚଳିତ ବର୍ଷ ଶେଷ ଆଡକୁ ମଧ୍ୟ ବିହାରରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିଧାନସଭା ନିର୍ବାଚନରେ ମୋବାଇଲ ଆପ୍ ମାଧ୍ୟମରେ ଭୋଟ ଦେଇ ହେବ କି ନାହିଁ ସେ ନେଇ କିଛି କୁହାଯାଇନାହିଁ। ମୋବାଇଲ ଫୋନ୍‌ରେ ଏକ ଆପ୍‌କୁ ଇନଷ୍ଟଲ କରିବା ପରେ ଏହା ମାଧ୍ୟମରେ ଭୋଟ ଦେଇ ହେବ ବୋଲି କମିସନ ତରଫରୁ କୁହାଯାଇଛି।

## ଅଷ୍ଟ୍ରେଲୀୟ ସିଇଓଙ୍କୁ ନାବାଳକର ହତ୍ୟା

ବ୍ରିସ୍‌ବେନ୍, ୨୭।୬(ଏଜେନ୍ସି): ଗ୍ରେଗ୍ ଜୋସେଫସନ ନାମକ ଜଣେ ଅଷ୍ଟ୍ରେଲୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ)ଙ୍କୁ ଜଣେ ୧୫ ବର୍ଷୀୟ ନାବାଳକ ଛୁରୀ ଭୁସି ହତ୍ୟା କରିଛି। ଗୁରୁବାର ରାତିରେ ଏହି ଘଟଣା ଘଟିଛି। ୧୯୯୯ରେ ଜୋସେଫସନ ଓ ତାଙ୍କ ଭାଇ 'ୟୁନିଭର୍ସାଲ ଷ୍ଟୋର' ନାମକ ଏକ ପୋଷାକ କମ୍ପାନୀ ସ୍ଥାପନ କରିଥିଲେ ଓ ଏହା ସାରା ବିଶ୍ୱରେ ବେଶ ଆଦୃତ ହୋଇଥିଲା। ବ୍ରିସ୍‌ବେନ୍ ସ୍ଥିତ ତାଙ୍କ ବାସଭବନରେ ସେ ଏକ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ୩୦ ସ୍ୱଳ୍ପ ବୟସ୍କ ପିଲା ଯୋଗ ଦେଇଥିଲେ। କିନ୍ତୁ ସେ ତାଙ୍କ ବାସଭବନରେ ମରି ପଡ଼ିଥିବାର ଦେଖାଯାଇଥିଲା ବୋଲି ପୁଲିସ କହିଛି। ଏହି ପାର୍ଟିରେ ଯୋଗ ଦେଇଥିବା ଜଣେ ୧୫ ବର୍ଷୀୟ ବାଳକ ତାଙ୍କୁ ଛୁରୀ ଭୁସି ହତ୍ୟା କରିଛି ବୋଲି ପୁଲିସ୍ କହିଛି। ଏହି ପାର୍ଟିରେ ବାଳକ ସହ ଜୋସେପସନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତକ୍ଷିପ୍ତ ହୋଇ ବାଳକ ଜଣକ ତାଙ୍କୁ ହତ୍ୟା କରିଥିଲା। ପୁଲିସ ନାବାଳକକୁ ଗିରଫ୍ କରିଛି। ଏହି ଘଟଣାକୁ ନେଇ ଅଷ୍ଟ୍ରେଲିଆରେ ଆଲୋଡ଼ନ ସୃଷ୍ଟି ହୋଇଛି।

## ବିମାନ ଦୁର୍ଘଟଣା ଯାଞ୍ଚରେ ଜାତିସଂଘ ଅଧିକାରୀ ସାମିଲ ହେବେନି

ଅହମଦାବାଦ୍, ୨୭।୬(ଏଜେନ୍ସି): ଜୁନ ୧୨ ତାରିଖରେ ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଯାଞ୍ଚ୍ ନେଇ ଗଠିତ ହେବାକୁ ଥିବା ଦଳରେ ଜାତିସଂଘ ଅଧିକାରୀଙ୍କୁ ସାମିଲ କରାଯିବ ନାହିଁ। ଏନେଇ ଜାତିସଂଘ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ପ୍ରତ୍ୟାଖାନ କରିଛି। ଜାତିସଂଘ ବିମାନ ଏଜେନ୍ସି ତଥା ଇଣ୍ଟରନ୍ୟାସନାଲ ସିଭିଲ ଆଭିଏସନ ଅର୍ଗାନାଇଜେସନ (ଆଇସିଏଓ) ଭାରତକୁ ଯାଞ୍ଚରେ ସାହାଯ୍ୟ କରିବାକୁ ନିଜର ଅଧିକାରୀଙ୍କୁ ପଠାଇବାକୁ ପ୍ରସ୍ତାବ ଦେଇଥିଲା। ଏହି ଅଧିକାରୀ ଜଣକ ପୂର୍ବରୁ ହିଁ ଭାରତରେ ରହିଛନ୍ତି। କିନ୍ତୁ ଭାରତ ଏହି ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖାନ କରିଛି। ସେପଟେ ଶୁକ୍ରବାର ବିମାନର ବ୍ଲାକ୍ ବକ୍ସର ଡାଟା ରିକଭରୀ ହୋଇଛି। ଏହି ଡାଟାକୁ ଡାଉନଲୋଡ କରାଯାଉଛି ବୋଲି ସରକାରଙ୍କ ତରଫରୁ କୁହାଯାଉଛି। ଏହି ବିମାନ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ସୌଭାଗ୍ୟବଶତଃ ଜଣେ ଯାତ୍ରୀ ବଞ୍ଚିଯାଇଥିଲେ। କିନ୍ତୁ ପୂରା ଦୁର୍ଘଟଣାରେ ମୋଟ ଉପରେ ୨୭୦ ଜଣ ଲୋକ ପ୍ରାଣ ହରାଇଥିଲେ।

## ୬ ପାକ୍ ସୈନ୍ୟଙ୍କୁ ହତ୍ୟା

କ୍ୱେଟା, ୨୭।୬(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ୬ ଜଣ ପାକିସ୍ତାନୀ ସୈନ୍ୟ ନିହତ ହୋଇଛନ୍ତି। ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି। ଏହି ଗୁଳି ବିନିମୟରେ ୩ ଜଣ ବିଦ୍ରୋହୀ ମଧ୍ୟ ପ୍ରାଣ ହରାଇଛନ୍ତି ବୋଲି ବିଏଲ୍ଏ ମୁଖପାତ୍ର ଜିୟାନ୍ଦ ବାଲୋଚ କହିଛନ୍ତି। କ୍ୱେଟା, କଲଟ ଓ ସିଆଜିରେ ଏହି ଗୁଳିମିନିମୟ ହୋଇଥିଲା ବୋଲି କୁହାଯାଇଛି। ବେଲୁଚିସ୍ତାନ ପାକିସ୍ତାନର କ୍ଷେତ୍ରଫଳ ଦୃଷ୍ଟିକୋଣରୁ ସବୁଠାରୁ ବଡ଼ ରାଜ୍ୟ ହୋଇଥିଲେ ମଧ୍ୟ ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି। ପାକିସ୍ତାନ ବେଲୁଚିସ୍ତାନର ଖଣିଜ ସମ୍ପଦକୁ ଲୁଟୁଛି ଓ ଏହି ରାଜ୍ୟର ଅଧିବାସୀଙ୍କ ଶୋଷଣ କରୁଛି ବୋଲି ଅଭିଯୋଗ ହେଉଛି।

## ଏୟାର ଇଣ୍ଡିଆର ୪ ଅଧିକାରୀ ବହିଷ୍କୃତ

ନୂଆଦିଲ୍ଲୀ, ୨୭।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର କେତୋଟି ଦିନ ପରେ ଅଫିସ ପାର୍ଟି ଆୟୋଜନ କରି ଏୟାର ଇଣ୍ଡିଆର ୪ ଜଣ ବରିଷ୍ଠ ଅଧିକାରୀ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଏଆର ଇଣ୍ଡିଆ ସାଟ୍ସ ଏୟାର ପୋର୍ଟ ସର୍ଭିସ ପ୍ରାଇଭେଟ ଲିମିଟେଡ (ଏଆଇଏସ୍ଏଟିଏସ୍) ଏହି ୪ଜଣଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଛି। ଏଆଇଏସ୍ଏଟିଏସ୍‌ର ଗୁରଗାଓଁ କାର୍ଯ୍ୟାଳୟରେ ଏହି ପାର୍ଟି ଆୟୋଜନ ହୋଇଥିଲା। ଏହି ଅଧିକାରୀମାନଙ୍କ ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ସହ ଆମେ ଦୃଢ଼ ଭାବେ ଛିଡ଼ା ହୋଇଛୁ ଓ ସେମାନଙ୍କୁ ସବୁ ପ୍ରକାର ସହାୟତା ଦେବାକୁ ପ୍ରସ୍ତୁତ ଅଛୁ ବୋଲି ଏଆଇଏସ୍ଏଟିଏସ୍ କହିଛି।

# ଭାରତକୁ ଏସ୍-୪୦୦, ସୁଖୋଇ ୩୦ ଦେବ ରୁଷିଆ



ଫରିଦାବାଦ୍, ୨୭।୬(ଏଜେନ୍ସି): ସଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ରୁଷ ପ୍ରତିରକ୍ଷା ମନ୍ତ୍ରୀ ଆନ୍ଦ୍ରେ ବେଲୋଉସୋଭଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଛି। ଭାରତକୁ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଏବଂ ସୁଖୋଇ-୩୦ର ଏମ୍‌କେଆଇ ଲଢୁଆ ବିମାନର ଉନ୍ନତ ସଂସ୍କରଣ ଓ ଏୟାର ଟୁ ଏୟାର ମିସାଇଲ ସିଷ୍ଟମ୍ ଦେବ ବୋଲି ରୁଷ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସୀମାପାର ଆତଙ୍କବାଦ, ବିଶ୍ୱରେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟ ଏବଂ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

ଭାରତ ଓ ରୁଷିଆ ହେଉଛନ୍ତି ପୁରୁଣା ବନ୍ଧୁ ଏବଂ ଦୁଇ ଦେଶର ସମ୍ପର୍କ ସମୟର କଷଟିରେ ପରିକ୍ଷିତ ବୋଲି ବେଲୋଉସୋଭ କହିଥିଲେ। ଗତ ଏପ୍ରିଲ ୨୨ରେ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ସେ ନିନ୍ଦା କରିଥିଲେ। ଭାରତ ସହ ରୁଷ ଏହି ସଙ୍କଟରେ ସାଥି ହୋଇ ଛିଡ଼ା ହୋଇ ରହିବ ବୋଲି ସେ କହିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କରେ ଉନ୍ନତି ଆଣିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ ୨୦୧୮ରେ ଭାରତ ରୁଷ ସହିତ ୫.୪୩ ଶହ କୋଟି ଡଲାର ମୂଲ୍ୟରେ ୫ଟି ଏସ୍-୪୦୦ ଡିଫେନ୍ସ ସିଷ୍ଟମ କିଣିଥିଲା। ଭାରତକୁ ଏପର୍ଯ୍ୟନ୍ତ ୩ଟି ଏସ୍-୪୦୦ ସିଷ୍ଟମ ମିଳିସାରିଛି। ବାକି ଦୁଇଟି ସିଷ୍ଟମ ଆସନ୍ତା ୨୪ ମାସ ମଧ୍ୟରେ ମିଳିବାର ସମ୍ଭାବନା ରହିଛି। ସେହିପରି ଭାରତୀୟ ବାୟୁସେନା ପାଖରେ ୨୬୦ଟି ସୁଖୋଇ-୩୦ ଏମ୍‌କେଆଇ ଲଢୁଆ ବିମାନ ରହିଛି।



# କୋଲକାତାରେ ପୁଣି ଲଜ୍ଜା
# ଆଇନ କଲେଜରେ ଗଣଦୁଷ୍କର୍ମ

କୋଲକାତା, ୨୭।୬ (ଏଜେନ୍ସି): କୋଲକାତା କଲେଜରେ ପୁଣି ଗଣଦୁଷ୍କର୍ମ ଅଭିଯୋଗ। କଲେଜ ଭିତରେ ଜଣେ ଯୁବତୀଙ୍କୁ ତିନି ଜଣ ଗଣଦୁଷ୍କର୍ମ କରିବା ଘଟଣା ପଶ୍ଚିମ ବଙ୍ଗରେ ପୁଣି ହଟଚମଟ ସୃଷ୍ଟି କରିଛି। ଏହି ଜଘନ୍ୟ କାଣ୍ଡରେ ଶାସକ ତୃଣମୂଳ କଂଗ୍ରେସର ଜଣେ ଛାତ୍ର ନେତା ସାମିଲ ଥିବାର ଅଭିଯୋଗ ହୋଇଛି। ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇ ଦିଆଯାଇଛି। ୬ ମାସ ତଳେ କୋଲକାତାର ଆରଜି କର ମେଡିକାଲ କଲେଜରେ ବହୁଚର୍ଚ୍ଚିତ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସାରା ଦେଶରେ କ୍ରୋଧର ବାତାବରଣ ସୃଷ୍ଟି ହୋଇଥିବା ବେଳେ କଲେଜରେ ଆଉ ଏକ ଗଣଦୁଷ୍କର୍ମ ଘଟଣା କଲେଜ କ୍ୟାମ୍ପସରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ଯୁବତୀଙ୍କ ଏଫ୍ଆଇଆର ଅନୁସାରେ ଏହି ତିନି ଅଭିଯୁକ୍ତ ହେଲେ ମନୋଜିତ ମିଶ୍ର (୩୧), ଜେବ ଅହମଦ (୧୯) ଏବଂ ପ୍ରମିତ ମୁଖାର୍ଜୀ (୨୦)। ମନୋଜିତ ହେଉଛି ପୂର୍ବତନ ଛାତ୍ର ଏବଂ ସେ ତୃଣମୂଳ ଛାତ୍ର କଂଗ୍ରେସର ସ୍ଥାନୀୟ ସାଧାରଣ ସଂପାଦକ ଥିବା ବେଳେ ଅନ୍ୟ ଦୁଇ ଜଣ ହେଉଛନ୍ତି ଛାତ୍ର। ସେମାନଙ୍କୁ ଗିରଫ କରାଯିବା ସହିତ ସେମାନଙ୍କର ମୋବାଇଲ ଫୋନ୍ ଜବତ କରାଯାଇଛି।

ଏହି ଗଣଦୁଷ୍କର୍ମ ଗତ ୨୫ ତାରିଖରେ ଦକ୍ଷିଣ କୋଲକାତା ଆଇନ କଲେଜରେ ଘଟିଛି। ପୁଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ ପୀଡ଼ିତା (୨୪) ବୁଧବାର ଦିନ ପରୀକ୍ଷା ଫର୍ମ ପୂରଣ ଲାଗି କଲେଜକୁ ଆସିଥିଲେ। ସେ କଲେଜ ଛାତ୍ର ସଂଘ ରୁମରେ ବସିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର (୩୧) ତାଙ୍କ ପାଖକୁ ଆସି ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ସେ ରାଜି ନହେବାରୁ ତାଙ୍କୁ ଦୁଷ୍କର୍ମ କରିବାକୁ ଧମକ ଦେଇଥିଲା। ଏହାକୁ ନେଇ ଯୁକ୍ତିତର୍କ ହେବାପରେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଡାକିଥିଲା। ସେମାନେ ଆସିବା ପରେ ଯୁବତୀଙ୍କୁ କଲେଜର ସିକୁରିଟି ଗାର୍ଡ ରୁମକୁ ନେଇ ବାହାରୁ ତାଲା ପକାଇଦେଇଥିଲେ। ଯୁବତୀଙ୍କ ବିରୋଧ ସତ୍ତ୍ୱେ ମନୋଜିତ ତାଙ୍କୁ ଦୁଷ୍କର୍ମ କରିଥିଲା ଏବଂ ଅନ୍ୟ ଦୁଇ ଜଣ ଏହାର ଭିଡିଓ ରେକର୍ଡିଂ କରିଥିଲେ। ପ୍ରାଣ ବିକଳରେ ଯୁବତୀ ଜଣକ ବାହାରକୁ ଆସିବା ବେଳେ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏହି ଅଭିଯୋଗ ପରେ କୋଲକାତାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ଦଳ ଓ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ପୁଲିସ ତୁରନ୍ତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମସ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ ଏହି ଘଟଣାର ନିନ୍ଦା କରିଛି। ପାର୍ଟିର ଜଣେ ନେତା କହିଛନ୍ତି, ଦଳର ଛାତ୍ର ନେତା ଏମିତି ଜଘନ୍ୟ କାଣ୍ଡ ଘଟାଇବେ ବୋଲି କେହି କଳ୍ପନା ବି କରିନଥିଲେ। ଏଭଳି କାଣ୍ଡରେ ଯିଏବି ସଂପୃକ୍ତ ଥାଉନା କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆରଜି କର ହସ୍ପିଟାଲ୍‌ରେ ଗତବର୍ଷ ଅଗଷ୍ଟ ୮ ତାରିଖ ରାତିରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରାଯାଇଥିଲା। ଗୋଟିଏ ଦିନପରେ ସେମିନାର ହଲ୍‌ରେ ତାଙ୍କର ମୃତଦେହ ମିଳିଥିଲା। ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ସଞ୍ଜୟ ରାୟକୁ ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ ଆଜୀବନ ସଜା ଶୁଣାଇଛନ୍ତି କୋର୍ଟ।

### ମହାରାଷ୍ଟ୍ର ସ୍କୁଲ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବିରୋଧ

## ଏକାଠି ହେଲେ ରାଜ-ଉଦ୍ଧବ




ମୁମ୍ବାଇ, ୨୭।୬ (ଏଜେନ୍ସି): ମହାରାଷ୍ଟ୍ରରେ ଦୀର୍ଘଦିନ ଧରି ପରସ୍ପରକୁ ବିରୋଧ କରିଆସୁଥିବା ଠାକ୍‌ରେ ପରିବାରର ଦୁଇ ଦାୟାଦ ରାଜ ଓ ଉଦ୍ଧବ ଠାକ୍‌ରେ ଶେଷରେ ଏକାଠି ହୋଇଛନ୍ତି। ମହାରାଷ୍ଟ୍ର ବିଦ୍ୟାଳୟଗୁଡିକର ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବିରୋଧ କରିବା ପାଇଁ ଦୁହେଁ ଏକାଠି ହୋଇଛନ୍ତି ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି। ରାଜ୍ୟ ସରକାରଙ୍କ ୩ ଭାଷା ଫର୍ମୁଲାକୁ ବିରୋଧ କରି ଶିବସେନା (ୟୁବିଟି) ଓ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ମିଳିତ ଭାବେ ମୁମ୍ବାଇରେ ଆୟୋଜନ ହେବାକୁ ଥିବା ଆନ୍ଦୋଳନର ନେତୃତ୍ୱ ନେବେ। ସରକାର ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀକୁ ଏକ ବାଧ୍ୟତାମୂଳକ ତୃତୀୟ ଭାଷା ରୂପେ ପାଠ୍ୟକ୍ରମରେ ସାମିଲ କରିଛନ୍ତି। ଏହାକୁ ଦୁଇ ଦଳ ବିରୋଧ କରୁଛନ୍ତି। ଏ ନେଇ ଏକ୍ସରେ ରାଉତ୍ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ରାଜ ଓ ଉଦ୍ଧବଙ୍କ ପୁରୁଣା ଫଟୋ ଦେଖିବାକୁ ମିଳିଛି। ଆଗକୁ ବିଏମ୍‌ସି ନିର୍ବାଚନ ଥିବାରୁ ଦୁହେଁ ଏକାଠି ହେବା ନେଇ ଆଲୋଚନା ଚାଲିଛି। ଦୁଇ ଦଳ ଏକାଠି ହୋଇ ନିର୍ବାଚନ ଲଢ଼ିବେ ବୋଲି ଆଶା କରାଯାଉଛି। ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ ଭାବେ ସାମିଲ କରିବା ଠିକ୍ ନୁହେଁ ବୋଲି ରାଜ ଓ ଉଦ୍ଧବ ପୂର୍ବରୁ ବହୁବାର କହିସାରିଛନ୍ତି।

### ଢ଼ାକାରେ ମନ୍ଦିରକୁ ମାଟିରେ ମିଶାଇ ଦିଆଗଲା

## ହିନ୍ଦୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ କହିଲା ଭାରତ

ଢ଼ାକା, ୨୭।୬(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢାକାରେ ଏକ ଦୁର୍ଗା ମନ୍ଦିରକୁ ଭାଙ୍ଗିବା ସହ ମାଟିରେ ମିଶାଇ ଦିଆଯାଇଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବା ବେଳେ ଭାରତ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ହିନ୍ଦୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଭାରତ ବାଂଲାଦେଶକୁ କହିଛି। ଅନ୍ୟପଟେ ମନ୍ଦିର ବେଆଇନ ଭାବେ ନିର୍ମିତ ହୋଇଥିବାରୁ ଏହାକୁ ଭାଙ୍ଗିଦିଆଯାଇଛି ବୋଲି ବାଂଲାଦେଶ ତରଫରୁ କୁହାଯାଇଛି। ବାଂଲାଦେଶରେ ଏଭଳି ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଢାକାର ଖିଲିଖେଟ ଅଞ୍ଚଳରେ ଏହି ଘଟଣା ଘଟିଛି। ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ସେଠାକାର କାମଚଳା ସରକାର ପଦକ୍ଷେପ ନେବା ଉଚିତ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଉଲ୍ଲେଖଥାଉ କି, ୩ ଦିନ ତଳେ କେତେକ ଲୋକେ ଏକାଠି ହୋଇ ଏହି ଦୁର୍ଗା ମନ୍ଦିର ଭାଙ୍ଗିବାକୁ ଦାବି କରିଥିଲେ। ବାଂଲାଦେଶ ରେଳବାଇ କର୍ତ୍ତୃପକ୍ଷ, ପୁଲିସ ଓ ସେନା ଅଧିକାରୀଙ୍କ ଉପସ୍ଥିତିରେ ଏହି ମନ୍ଦିର ଭଙ୍ଗାଯାଇଥିଲା। ବେଆଇନ ଭାବେ ନିର୍ମାଣ କରାଯାଇଥିବାରୁ ଏହି ମନ୍ଦିର ଭାଙ୍ଗି ଦିଆଯାଇଛି ବୋଲି ବାଂଲାଦେଶ ରେଳବାଇ ତରଫରୁ କୁହାଯାଇଛି।

# ପୁଣି ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା




ନୂଆଦିଲ୍ଲୀ, ୨୭।୬(ଏଜେନ୍ସି): ଚୀନ୍‌ରେ ଚାଲିଥିବା ସଂଘାଇ କୋପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ ଜୁନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ରାଜନାଥ ଜୁନ୍‌ଙ୍କୁ ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ବିହାରର ମଧୁବନି ପେଣ୍ଟିଂକୁ ଉପହାର ସ୍ୱରୂପ ସେ ପ୍ରଦାନ କରିଥିଲେ। ଏହି ପେଣ୍ଟିଂର ମୂଳ ଉତ୍ସ ବିହାରର ମିଥିଳା ଅଞ୍ଚଳ ସହିତ ଜଡ଼ିତ ରହିଛି। ଏହାକୁ ମିଥିଳା ବା ମଧୁବନି ଆର୍ଟ ଅର୍ଥାତ ଚିତ୍ରକଳା ରୂପେ ଜଣାଯାଇଥାଏ। ଏହି ପେଣ୍ଟିଂରେ ରେଖାଚିତ୍ର ରହିଥାଏ। ଏହା ଉଜ୍ଜ୍ୱଳ ରଙ୍ଗ ଓ କନଷ୍ଟ୍ରାକ୍ଟ ପ୍ୟାଟର୍ନରେ ଭରି ରହିଥାଏ। ଏଥିରେ ଆଦିବାସୀ ଆକୃତି ଓ ଚମକପ୍ରଦ ମାଟିର ଉପଯୋଗ ହୋଇଥାଏ। ଏହି ଉପହାର ପାଇ ଜୁନ୍ ବେଶ୍ ଆନନ୍ଦିତ ହୋଇଥିଲେ।

ଏହି ସାକ୍ଷାତ ଅବସରରେ ଗତ ୬ ବର୍ଷ ହେବ ଗଲୱାନ ଘାଟି ଘଟଣା ପରେ ବାତିଲ ହୋଇଥିବା କୈଳାଶ ମାନସରୋବର ଯାତ୍ରା ନେଇ ଦୁହେଁ ଆଲୋଚନା କରିଥିଲେ। କୈଳାଶ ମାନସରୋବର ଯାତ୍ରା ପୁଣି ଥରେ ଆରମ୍ଭ ହେବ ବୋଲି ରାଜନାଥ ଏକ୍ସରେ ପୋଷ୍ଟ କରି ଘୋଷଣା କରିଛନ୍ତି। ୨୦୨୦ରେ କୋଭିଡ୍-୧୯ ଓ ପରେ ଲାଦାଖ ଗଲୱାନ ଘାଟିରେ ଥିବା ଲାଇନ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଦୁଇ ଦେଶର ସୈନ୍ୟଙ୍କ ମଧ୍ୟ ହୋଇଥିବା ମୁକାବିଲା କାରଣରୁ ମାନସରୋବର ଯାତ୍ରାକୁ ବନ୍ଦ ରଖାଯାଇଥିଲା। ଦୁଇ ଦେଶ ମଧ୍ୟରେ କିପରି ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ହେବ ସେ ନେଇ ଆଲୋଚନା ହୋଇଛି ବୋଲି ରାଜନାଥ କହିଛନ୍ତି। ପୂର୍ବରୁ ଗୁରୁବାର ଏସ୍‌ସିଓ ମିଳିତ ବିବୃତ୍ତିରେ ହସ୍ତାକ୍ଷର କରିବାକୁ ରାଜନାଥ ମନା କରିଦେଇଥିଲେ। ଏହାକୁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସମର୍ଥନ କରିଛନ୍ତି। ଏସ୍‌ସିଓରେ ରାଜନାଥ ସିଂ ଓ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱଜା ଆସିଫ୍ ଯୋଗ ଦେଇଛନ୍ତି। କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ। ଏସ୍‌ସିଓର ମିଳିତ ବିବୃତ୍ତିରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା। କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା। ଏହାକୁ ଭାରତ ବିରୋଧ କରିଥିଲା ଓ ବିବୃତ୍ତିରେ ସ୍ୱାକ୍ଷର କରି ନଥିଲା। କିଛି ଦେଶ ଆତଙ୍କବାଦ୍‌କୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି। ଏହି ଦେଶଗୁଡିକ ଆତଙ୍କବାଦୀକୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି। ଏଭଳି ଦୋମୁହଁ ନୀତିର କୌଣସି ସ୍ଥାନ ନାହିଁ। ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡିକୁ ଏବେ ହୃଦୟଙ୍ଗମ କରିବାକୁ ହେବ। ଏସ୍‌ସିଓକୁ ଏହି ଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହଁ ବୋଲି ରାଜନାଥ କହିଥିଲେ।

# ଖାମନେଇଙ୍କୁ ହତ୍ୟା କରିବାକୁ ଚାହୁଁଥିଲା ଇସ୍ରାଏଲ୍

ତେଲଅଭିଭ୍, ୨୭।୬(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କୁ ଇସ୍ରାଏଲ ହତ୍ୟା କରିବାକୁ ଯୋଜନା କରିଥିଲା। କିନ୍ତୁ ଏଥିପାଇଁ ସୁଯୋଗ ମିଳିଲା ନାହିଁ ବୋଲି କହିଛନ୍ତି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜି। ସେ କହିଛନ୍ତି ଯେ ଯଦି ଖାମନେଇ ଆମ ପହଞ୍ଚରେ ରହିଥାନ୍ତେ, ତାହେଲେ ଆମେ ତାଙ୍କୁ ହତ୍ୟା କରିବାରେ ସଫଳ ହୋଇଥାନ୍ତୁ କିନ୍ତୁ ଏଥିପାଇଁ ଆମ ପାଖରେ କୌଣସି ସୁଯୋଗ ନଥିଲା। ତେବେ ଖାମନେଇଙ୍କୁ ହତ୍ୟା ପାଇଁ ଆମେ ଆମେରିକାର ଅନୁମତି ମାଗି ନଥିଲୁ। ଏଥିପାଇଁ ଆମକୁ କାହାରି ଅନୁମତି ଆବଶ୍ୟକ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।



ସେହିପରି ୧୨ ଦିନର ଏହି ଯୁଦ୍ଧରେ ଇସ୍ରାଏଲ ତା'ର ସବୁ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ସେନାର ଏହି ଅଭିଯାନକୁ ଇସ୍ରାଏଲ ରାଇଜିଂ ଲାୟନ ନାମ ଦେଇଥିଲା। ଇସ୍ରାଏଲ ସେନାର ଏହି ଅଭିଯାନ ଓ ଯୁଦ୍ଧ ଅତ୍ୟନ୍ତ ସଫଳ ଥିଲା ବୋଲି କୁହାଯାଇଛି। ଯଦି ଆବଶ୍ୟକ ପଡ଼େ ପୁଣି ଇରାନ ଉପରେ ଆକ୍ରମଣ କରିବାକୁ ପଛାଇବୁ ନାହିଁ ବୋଲି କାଟଜି କହିଛନ୍ତି। ଏଥର ଆକ୍ରମଣ ଗାଜା ଓ ଲେବାନନ ତୁଳନାରେ ଦୁଇଗୁଣ ବିଧ୍ୱଂସକାରୀ ହେବ ବୋଲି ସେ ସତର୍କ କରାଇଦେଇଛନ୍ତି।


ସେପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ତାଙ୍କର ପ୍ରତିରକ୍ଷା ସଚିବ ପିଟ୍ ହୋଗସେଥ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ଜୁନ୍ ୨୨ରେ ହୋଇଥିବା ଆକ୍ରମଣରେ ଇରାନର ପୂରା ଆଣବିକ କେନ୍ଦ୍ର ଧ୍ୱଂସ ହୋଇଛି ବୋଲି ସେ କହିଛନ୍ତି। ଇରାନ ଆକ୍ରମଣ ନେଇ ହୋଗସେଥ ପେଣ୍ଟାଗନ୍‌ରେ ଡିଫେନ୍ସ ମୁଖ୍ୟ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣ ଐତିହାସିକ ଭାବେ ସଫଳ ଥିଲା। ଆମେରିକା ଆକ୍ରମଣରେ ଇରାନ ଆଣବିକ କେନ୍ଦ୍ରରେ ମାମୁଲି କ୍ଷତି ନେଇ ପ୍ରକାଶିତ ରିପୋର୍ଟକୁ ସେ ଖଣ୍ଡନ କରିଛନ୍ତି। ଇରାନ ଉପରେ ଆକ୍ରମଣ ଦୃଷ୍ଟାନ୍ତମୂଳକ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

## ହିରୋସୀମା ଟିପ୍ପଣୀ ପାଇଁ ଟ୍ରମ୍ପଙ୍କୁ ଜାପାନର କଡ଼ା ସମାଲୋଚନା

ଟୋକିଓ, ୨୭।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜାପାନ କଡ଼ା ଭାଷାରେ ନିନ୍ଦା କରିଛି। ଇରାନର ଆଣବିକ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣକୁ ହିରୋସିମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଟ୍ରମ୍ପ ତୁଳନା କରି ବିବାଦ ସୃଷ୍ଟି କରିଥିଲେ। ଏହାକୁ ନିନ୍ଦା କରିବା ସହ ଓ ଏହା ଆଦୌ ଗ୍ରହଣୀୟ ନୁହଁ ବୋଲି ଜାପାନ ସ୍ପଷ୍ଟ କରିଛି। ୧୯୪୫ରେ ହିରୋସିମା ଓ ନାଗାସାକି ଉପରେ ଆମେରକା ପରମାଣୁ ବୋମା ମାଡ଼ କରିଥିଲା। ଏଥିରେ ଏକ ଲକ୍ଷ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାପରେ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏଭଳି ତୁଳନାକୁ ନାଗାସାକି ମେୟର ଶିରୋ ସୁଜକି ନିନ୍ଦା କରିଛନ୍ତି। ପରମାଣୁ ବୋମା ମାଡକୁ ଟ୍ରମ୍ପ ଠିକ୍ ବୋଲି ପରୋକ୍ଷରେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି। ହିରୋସିମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ମାଡ଼ ପରେ ବଞ୍ଚିଯାଇଥିବା କେତେକ ଲୋକ ମଧ୍ୟ ଟ୍ରମ୍ପଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଇରାନ ଆକ୍ରମଣ ଓ ଜାପାନରେ ହୋଇଥିବା ପରମାଣୁ ବୋମା ମାଡ଼ ଯୋଗୁଁ ଯୁଦ୍ଧ ବନ୍ଦ ହୋଇଥିଲା ଓ ସେଥିପାଇଁ ଟ୍ରମ୍ପ ଦୁଇଟି ଘଟଣାର ତୁଳନା କରି ବିବାଦ ସୃଷ୍ଟି କରିଥିଲେ।

## ସୁପ୍ରିମକୋର୍ଟରେ ଟ୍ରମ୍ପଙ୍କ ବାଜିମାତ୍

ନ୍ୟୁୟର୍କ, ୨୭।୬(ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବିଜୟ ହାସଲ କରିଛନ୍ତି। ଟ୍ରମ୍ପଙ୍କ ଆଦେଶକୁ ଫେଡେରାଲ କୋର୍ଟ ଅର୍ଥାତ ତଳ କୋର୍ଟର ଜଜ୍ ରୋକିବାର କ୍ଷମତାକୁ ସୁପ୍ରିମକୋର୍ଟ ସଙ୍କୁଚିତ କରିଛନ୍ତି। ଫଳରେ ଟ୍ରମ୍ପଙ୍କ ପାଇଁ ଏହା ଏକ ବଡ଼ ଆସ୍ୱସ୍ଥି ସାବ୍ୟସ୍ତ ହୋଇଛି। ଆମେରିକାରେ ଜନ୍ମିତ ଲୋକ ସ୍ୱତଃ ନାଗରିକତା ହାସଲ ପାଇବା (ବାର୍ଥ ରାଇଟ୍ ସିଟିଜେନ୍‌ସିପ) ପ୍ରକ୍ରିୟାକୁ ଶେଷ କରିବା ନେଇ ଟ୍ରମ୍ପ ଅପିଲ କରିଥିଲେ। କ୍ଷମତାକୁ ଆସିବା ପରେ ଟ୍ରମ୍ପ ଦ୍ୱିତୀୟଥର ପାଇଁ ଏହି ବାର୍ଥ ରାଇଟ୍ ସିଟିଜେନସିପ୍‌କୁ ବନ୍ଦ କରିବାକୁ ଆଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଫେଡେରାଲ କୋର୍ଟ ରୋକିବାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଫଳରେ ଏବେ ଆମେରିକାରେ ନାଗରିକତା ହାସଲ କରିବା ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଭାବେ ବଦଳିଯିବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ତଳ କୋର୍ଟ ଏ ନେଇ ଟ୍ରମ୍ପଙ୍କ ଆଦେଶ ଉପରେ ରୋକ ଲଗାଇଥିଲେ। କିନ୍ତୁ ଏବେ ଟ୍ରମ୍ପଙ୍କ ଆଦେଶକୁ ତଳ କୋର୍ଟ ଆଉ ରୋକି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ବାର୍ଥ ରାଇଟ୍ ସିଟିଜେନ୍‌ସିପ୍‌ରେ ବହୁତ ଦୁର୍ବଳତା ରହିଛି ଓ ଲୋକେ ଏହାର ଭୁଲ ଫାଇଦା ଉଠାଇବେ ବୋଲି ଟ୍ରମ୍ପ ଓ ତାଙ୍କ ସମର୍ଥକମାନେ ଯୁକ୍ତି କରିଆସୁଥିଲେ। ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ମଧ୍ୟ ଏହି ନିୟମକୁ ବଦଳାଇବାକୁ ପ୍ରୟାସ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୩୮ - ଭିକ୍ଟୋରିଆ ବ୍ରିଟେନ୍‌ର ମହାରାଣୀ ହେଲେ।
- ୧୯୨୧- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ଜନ୍ମ।
- ୧୯୭୬- ଆମେରିକୀୟ ବାୟୁସେନା ଏକାଡେମୀରେ ପ୍ରଥମ ଥର ପାଇଁ ଜଣେ ମହିଳା ପ୍ରବେଶ କଲେ।
- ୨୦୦୫- ରୁଷିଆ ଇରାନ୍ ପାଇଁ ଛଅଟି ପରମାଣୁ ରିଆକ୍ଟର ନିର୍ମାଣ କଥା ଘୋଷଣା କଲା।

## ସ୍କୁଲର ଅଜବ ନିୟମ

### ଥରେ ତାଳି ମାରିବାକୁ ଅନୁମତି



ସ୍କୁଲ, କଲେଜଗୁଡ଼ିକରେ କୌଣସି ପ୍ରତିଯୋଗିତା କିମ୍ବା ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ହେଲେ ପିତାମାତାମାନେ ଜୋର ଜୋରରେ ତାଳିମାରି ପିଲାଙ୍କ ଉତ୍ସାହ ବୃଦ୍ଧି କରିଥାନ୍ତି। ଏହାଦ୍ୱାରା ପିଲାଙ୍କ ମନରୁ ଭୟ ଦୂରେଇ ଯାଏ। ଫଳରେ ସେମାନେ ଭଲ ପ୍ରଦର୍ଶନ କରିପାରିଥାନ୍ତି। ଏହି ପରିପ୍ରେକ୍ଷୀରେ ଆମେରିକାରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଏକ କିଣ୍ଡରଗାର୍ଟେନ୍ ଗ୍ରାଜୁଏସନ୍ ସେରିମନିରେ ପିତାମାତାଙ୍କ ତାଳିମରାକୁ ନେଇ ଅଜବ ନିୟମ ସ୍କୁଲ ପକ୍ଷରୁ ଜାରି କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଭାଇରାଲ ହୋଇଥିବା ଭିଡିଓରେ ପିଲାମାନେ ମଞ୍ଚରେ ପୁରସ୍କୃତ ହେଉଥିବାବେଳେ ସେମାନଙ୍କ ଅଭିଭାବକଙ୍କୁ ଥରେ ତାଳି ମାରିବା ପାଇଁ ସ୍କୁଲ ପକ୍ଷରୁ କୁହାଯାଇଥିଲା। ଏଞ୍ଜେଲିକା ପୁଏବ୍ଲାସ୍ ନାମକ ଜଣେ ମହିଳା ଏହି ଭିଡିଓଟିକୁ ସାମିଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଭିଡିଓଟିରେ ମଞ୍ଚ ଉପରକୁ ଛୋଟ ଛୋଟ ପିଲାମାନେ ଧାଡ଼ି ଧାଡ଼ି କରି ଆସୁଥିବାର ଦେଖାଯାଉଛି। ପ୍ରତି ପିଲା ପାଇଁ ଥରେ ତାଳି ମରାଯାଉଥିବା ଦେଖିବାକୁ ମିଳିଛି। ସ୍କୁଲର ଏଭଳି ନିୟମକୁ ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏନେଇ ସେଠାରେ ଉପସ୍ଥିତ ଥିବା କିଛି ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି- ଯେଉଁ ପିଲାମାନଙ୍କ ଅଭିଭାବକ କୌଣସି କାରଣବଶତଃ ଅନୁପସ୍ଥିତ ଥିଲେ ସେମାନେ କିପରି ଏକୁଟିଆ ଅନୁଭବ ନ କରିବେ ସେଉଦ୍ଦେଶ୍ୟରେ ଏହି ନିୟମ କରାଯାଇଥିଲା। ତେଣୁ 'ୱାନ୍ କ୍ଲାପ୍ ପଲିସି' ମାଧ୍ୟମରେ ସବୁ ପିଲାଙ୍କୁ ସହଜ ଅନୁଭବ କରାଇବା ସ୍କୁଲର ପ୍ରୟାସ ଥିଲା। ତେବେ ଏନେଇ ଏଞ୍ଜେଲିକା କହିଛନ୍ତି, 'ଜଣେ ମା' ହିସାବରେ ମୁଁ ମୋ ପିଲାର ପୁରସ୍କାର ସମୟକୁ ମନଭରି ଉପଭୋଗ କରିବାକୁ ଚାହୁଁଥିଲି। ସ୍କୁଲ୍ ପକ୍ଷରୁ କିନ୍ତୁ ଥରେ ତାଳି ମାରିବାକୁ ଅନୁମତି ଦିଆଯାଇଥିଲା। ଏହା ପଛରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସକାରାତ୍ମକ ଚିନ୍ତାଧାରା ଥାଇପାରେ କିନ୍ତୁ ମୋତେ ବ୍ୟକ୍ତିଗତ ଭାବେ ଏହି ନିୟମ ବଡ଼ ଅସ୍ୱାଭାବିକ ଲାଗିଥିଲା।'

## ସବୁଠୁ ଥଣ୍ଡା ସହର

ବିଶ୍ୱରେ ଅନେକ ସ୍ଥାନ ରହିଛି, ଯାହା ନିଜର ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ। ସେମିତି ଏକ ସ୍ଥାନ ହେଉଛି ୟାକୁସ୍କ। ଏହାକୁ ବିଶ୍ୱର ସବୁଠୁ ଥଣ୍ଡା ସହର ବୋଲି କୁହାଯାଏ। ଏହି ସହର ଋଷିଆର ବରଫାଚ୍ଛନ ସାଇବେରିଆରେ ଅବସ୍ଥିତ। ଋଷିଆ ରାଜଧାନୀ ମସ୍କୋ ଠାରୁ ପ୍ରାୟ ୫୦୦୦ ହଜାର କିଲୋମିଟର ଦୂରରେ ଅବସ୍ଥିତ ୟାକୁସ୍କ। ଏହି ସହର ବର୍ଷସାରା ବରଫାବୃତ୍ତ ହୋଇ ରହିଥାଏ। ୟାକୁସ୍କ ସହରରେ ସୂର୍ଯ୍ୟକିରଣ କେବଳ ନାମକୁ ମାତ୍ର ଦୃଶ୍ୟମାନ ହୋଇଥାଏ। ଶୀତ ଋତୁରେ ସବୁବେଳେ ଏଠାରେ ତୁଷାରପାତ ହେଉଥିବାରୁ ସହରର ତାପମାତ୍ରା ମାଇନସ୍ ୬୦ ଡିଗ୍ରୀ ସେଲସିୟସ୍ ରହିଥାଏ। ବେଳେବେଳେ ଏହା ମାଇନସ୍ ୬୪.୪ ଡିଗ୍ରୀକୁ ମଧ୍ୟ ଖସିଯାଏ। ଅତ୍ୟଧିକ ଥଣ୍ଡା ପଡୁଥିବାରୁ ସମ୍ପୂର୍ଣ୍ଣ ସହର ଏକ ପ୍ରକାର ପ୍ରାକୃତିକ ଶୀତଳଭଣ୍ଡାର ହୋଇଯାଏ। ଏପରିକି ଖୋଲା ବଜାରରେ ଏଠାରେ ବିକ୍ରି ହେଉଥିବା ଜିନିଷଗୁଡ଼ିକ ନଷ୍ଟ ହୋଇ ନ ଥାଏ। ଏଠାରେ ଥିବା ମାଛ ବଜାରରୁ ଦୁର୍ଗନ୍ଧ ମଧ୍ୟ ଆସି ନ ଥାଏ। କାରଣ ଅତ୍ୟଧିକ ଥଣ୍ଡା ଯୋଗୁଁ ମାଛଗୁଡ଼ିକ ବରଫ ଭଳି ଜମି ଯାଇଥାନ୍ତି। ଏଠାରେ ବାସ କରୁଥିବା ଲୋକେ ମୁଖ୍ୟତଃ ଘୋଡ଼ା, ଠେକୁଆ ଆଦିର ମାଂସ ଖାଇଥାନ୍ତି। ୨୦୨୧ ଜନଗଣନା ଅନୁଯାୟୀ, ୟାକୁସ୍କରେ ମୋଟ ୩, ୫୫, ୪୪୩ ଲୋକ ବାସ କରନ୍ତି। ଜାନୁଆରୀ ମାସରେ ଏଠାର ତାପମାତ୍ରା ମାଇନସ୍ ୪୨ ଡିଗ୍ରୀ ସେଲସିୟସ୍ ରହିଥାଏ। ଲୋକେ ଥଣ୍ଡାରୁ ନିଜକୁ ସୁରକ୍ଷା ଦେବା ପାଇଁ ତିନି, ଚାରି ପରସ୍ତ ପୋଷାକ ତଥା ହରିଣ, ଠେକୁଆ ଚର୍ମରେ ତିଆରି କୋଟ୍ ଓ ବୁଟ୍ ପିନ୍ଧିଥାନ୍ତି। ୟାକୁସ୍କରେ ସୁନା, ହୀରା, ୟୁରାନିୟମ୍ ଖଣିଥିବାରୁ ଏଠାରେ ଲୋକ ବେଶ୍ ଭଲ ଆୟ କରନ୍ତି। ତେଣୁ ଅତ୍ୟଧିକ ଥଣ୍ଡା ସତ୍ତ୍ୱେ ବି ଲୋକେ ଏହି ସ୍ଥାନ ଛାଡ଼ି ଯାଉ ନାହାନ୍ତି।



## 'ରାମାୟଣ'ର ସୁଟିଂ ପାଇଁ ଡରୁଛନ୍ତି ସନ୍ନି

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ଆକ୍ସନ ଓ ରୋମାଣ୍ଟିକ୍ ଫିଲ୍ମଗୁଡ଼ିକରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ପ୍ରଥମ ଥର ପାଇଁ ସେ ଏକ ପୌରାଣିକ ଫିଲ୍ମରେ କାମ କରିବାକୁ ଯାଉଛନ୍ତି। ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ'ରେ ସନ୍ନି ହନୁମାନ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ସନ୍ନିଙ୍କ ପ୍ରଶଂସକମାନେ ମଧ୍ୟ ତାଙ୍କର ଏହି ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ 'ରାମାୟଣ' କଥା ପଚାରିବାରୁ ସନ୍ନି କହିଥିଲେ- 'ମୁଁ 'ରାମାୟଣ'ରେ ହନୁମାନ ଭୂମିକାରେ ଅଭିନୟ କରୁଛି। ଏହା ମୋ ପାଇଁ ଏକ ମଜାଦାର ଓ ରୋମାଞ୍ଚକର ଯାତ୍ରା ହେବ। ମୁଁ ଖୁବ୍ ଶୀଘ୍ର ଏହାର ସୁଟିଂ ଆରମ୍ଭ କରିବି। ସୁଟିଂକୁ ନେଇ ମୁଁ ନର୍ଭସ୍ ଅଛି। ଏଭଳି ଏକ ଭୂମିକାକୁ ପରଦା ଉପରକୁ ଆଣିବା ନିଶ୍ଚିତ ରୂପେ ଏକ ବଡ଼ ଚ୍ୟାଲେଞ୍ଜ। ପ୍ରଯୋଜକମାନେ ଭଲ କାମ କରୁଛନ୍ତି। ସୁପର୍ ନାଚ୍ୟୁରାଲ ଜିନିଷକୁ ଠିକ୍ ଶୈଳୀରେ ପରଦା ଉପରକୁ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ଏହା କୌଣସି ହଲିଉଡ୍ ଫିଲ୍ମ ଠାରୁ କମ୍ ହେବନି ବୋଲି ଆଶା କରୁଛି। ଯେଉଁଭଳି କଳାକାର ଏଥିରେ ଅଭିନୟ କରୁଛନ୍ତି, ଏହି ମହାକାବ୍ୟ ପରଦା ଉପରେ ସଫଳ ରୂପାୟନ ହୋଇପାରିବ ବୋଲି ମୋର ଆଶା ରହିଛି। ଲୋକେ ସନ୍ତୁଷ୍ଟ ହେବା ସହ ଫିଲ୍ମଟିକୁ ମନଭରି ଉପଭୋଗ କରିବେ ବୋଲି ମୁଁ ଭାବୁଛି।'

'ରାମାୟଣ'କୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ବଜେଟ୍ ୮୩୫ କୋଟି ରହିଛି।



# ସୁମନ

## ବୁଲି ଯିବା ରଥଯାତରା ଆଜି



ଆଷାଢ଼ ଆସିଲେ ସାରା ରାଇଜରେ
ଏଇ ଗୋଟେ କଥା ପଡୁଛି ହୁରୀ
କୁଆଡ଼େ ନ ଯାଇ ଏ ବରଷ ତୁମେ
ଥରେ ବୁଲି ଆସ ଜଗାର ପୁରୀ
ଦେଖିବୁ ଯାତ
ଜଗତ ଭିତରେ ପୁରୀ ରାଇଜର
ରଥଯାତ ପରା ସବୁଠି ଖ୍ୟାତ।
ରଥେ ବିଜେ ଥିବ କାଳିଆ ସାଆନ୍ତ
ଭାଇ ବଳଭଦ୍ର ସୁଭଦ୍ରା ନେଇ
ବଡ଼ଦାଣ୍ଡେ ଝୁଲି ଝୁଲି ଯାଉଥିବେ
ସବୁ ଭକତଙ୍କୁ ଆଶିଷ ଦେଇ
ହସୁଥା ମୁହିଁ
ଏଥର ଯେଉଁଠାରୁ ସବୁରି ନିକଟେ
ଗଙ୍ଗା ପରି ଯାଉ ଆଶିଷ ସୁଅ।
ହରିବୋଲ ହୁଳହୁଳି ଶବଦରେ
ପୁରା ବଡ଼ ଦାଣ୍ଡ ଉଛୁଳି ଉଠେ
ଘଣ୍ଟ ସଂକୀର୍ତ୍ତନ ଭକତ ମୁଖରୁ
ପବନ ପରିକା ଚୌଦିଗେ ଛୁଟେ
ସେ ନାଦ ଶୁଣି
ସକଳ ଶରୀରେ ଦୁଃଖ କଟିଯାଇ
ଭକତିର ବାଣ ହୁଅଇ ବୁଣି।
ଏଇ ରଥଯାତ ସାରା ଜଗତକୁ
ଗୋଟିଏ ବାରତା ଶିଖାଇ ଦିଏ
ସବୁ ଧରମ ତ ସମାନ ମୋ ପାଖେ
ଏଠି ବଡ଼ ସାନ ନୁହଁଇ କିଏ
ସଭିଏଁ ଏକ
ସଭିଏ ସମାନ କେ ନୁହଁଇ ଭିନ
ଏ ଭାବେ ବଢ଼ଉ ଜୀବନ ଟେକ।

ରୋହିଗାଁ, ଗଞ୍ଜାମ
ମୋ-୮୩୪୯୯୧୯୩୧୦



ଅଶୋକ କୁମାର ପ୍ରଧାନ

## ସକାଳ ଶିଶୁ କୁଇଜ୍-୧୨୦

(୧) ଉସ୍ତାଦ ବିସ୍ମିଲ୍ଲା ଖାନ୍‌ଙ୍କର କେଉଁ ବାଦ୍ୟଯନ୍ତ୍ର ସହ ସମ୍ପର୍କ ରହିଛି?
ଉତ୍ତର : ____________

(୨) ମାନବ ଶରୀରର କେଉଁ ଗ୍ରନ୍ଥିକୁ 'ମାଷ୍ଟର ଗ୍ରନ୍ଥି' କୁହାଯାଏ?
ଉତ୍ତର : ____________

(୩) ରାମେଶ୍ୱରମ୍ ମନ୍ଦିର ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ____________

(୪) ଭାରତର ପ୍ରଥମ ପରମାଣୁ ରିଆକ୍ଟରର ନାମ କ'ଣ?
ଉତ୍ତର : ____________

(୫) ଅନ୍ତର୍ଜାତୀୟ ଅହିଂସା ଦିବସ କେବେ ପାଳନ କରାଯାଏ?
ଉତ୍ତର : ____________

| ଗତ ସପ୍ତାହର କୁଇଜ୍ ବିଜେତା | |
|---|---|
| | • ସାଗରିକା ପ୍ରଧାନ, ବମାକୋଇ, ଗଞ୍ଜାମ |
| | • ନିତ୍ୟାନନ୍ଦ ପଟ୍ଟନାୟକ, କଟକ |
| | • ଅଦିତି ପଟ୍ଟନାୟକ, ନିମାପଡ଼ା, ପୁରୀ |

ସକାଳ ଶିଶୁ କୁଇଜରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇନ୍‌ଡୋ ପ୍ଲଟ୍ ନଂ- ୯୦-୯୧, ଭୋଇନଗର, ଭୁବନେଶ୍ୱର- ୭୫୧୦୨୨

## ଉପଯୁକ୍ତ ରାଜା



ମହାରାଜ ବୀରବର୍ଦ୍ଧନ ନିଜର ଦୁଇ ପୁତ୍ରଙ୍କୁ ଡାକି କହିଲେ, "ତୁମେ ଦୁହେଁ ଯାଅ, ଆମ ରାଜ୍ୟରେ ମୋ ପରେ କିଏ ରାଜା ହୋଇପାରିବ, ସେହିପରି ଏକ ସୁଯୋଗ୍ୟ ବ୍ୟକ୍ତି ଖୋଜି ଆଣିବ। ହଁ, ଏକଥା ମନେରଖ, ତୁମ ଦୁହିଁଙ୍କୁ ମୁଁ ମାସେ ସମୟ ଦେଲି। ଏହି ସମୟରେ ତୁମକୁ ରାଜା ହେବା ପାଇଁ ଯୋଗ୍ୟ ବ୍ୟକ୍ତି ଠାବ କରିବାକୁ ହେବ, ଯିଏକି ମୋ ଠାରୁ ଆହୁରି ବେଶୀ ଯୋଗ୍ୟ ଓ ସୁଶାସକ ହୋଇ ପାରିବ। ନଚେତ୍ ମୁଁ ତୁମମାନଙ୍କର ପେସଲା ବାଡ୍ ଦେଇ କାର୍ଯ୍ୟ କରିଥିବି।"

ପିତାଙ୍କର ଦୁଇ ରାଜକୁମାର ରାଜାଙ୍କ ଆଦେଶ ପାଳନ କରି ତତ୍‌କ୍ଷଣାତ ପ୍ରସ୍ଥାନ କଲେ। ବୀରବର୍ଦ୍ଧନଙ୍କର ବିରାଟ ରାଜସଭା, ଉଚ୍ଚ ସଭାସଦଗଣ ସମ୍ପୂର୍ଣ୍ଣ ନିରବତା ମଧ୍ୟରେ ବସି ରହିଥାନ୍ତି। ମନ୍ତ୍ରୀ, ସେନାପତି, ରାଜଗୁରୁ, ସାମନ୍ତ ବିଭିନ୍ନବର୍ଗର ଓ ବିଭିନ୍ନ ବିଭାଗର ମନ୍ତ୍ରୀ ସମସ୍ତେ ନିରବ। କାରଣ ବୀରବର୍ଦ୍ଧନ ଜଣେ ମହାବୀର, ପ୍ରଜାଙ୍କୁ ପୁତ୍ରବତ ପାଳନ କରନ୍ତି, କାହାକୁ ହେୟ ଦୃଷ୍ଟିରେ ଦେଖନ୍ତି ନାହିଁ। ବିଶେଷ କରି କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଷ୍ପତ୍ତି ନିଜର ସଭାସଦବର୍ଗଙ୍କ ପରାମର୍ଶ ନିଅନ୍ତି। ମାତ୍ର ଆଜି ଏ କ'ଣ! ରାଜା ଯଦିଓ ବୃଦ୍ଧ ହେଲେଣି, ତଥାପି କ୍ଷମତା ହସ୍ତାନ୍ତର କଥା ପୂର୍ବରୁ ଉଠାଇ ନ ଥିଲେ। ଆହୁରି ମଧ୍ୟ ବଡ଼ ରାଜକୁମାର ଜୟବର୍ଦ୍ଧନ ଓ ସାନ ରାଜକୁମାର ଶ୍ରୀବର୍ଦ୍ଧନ ଉଭୟେ ରୂପ, ଗୁଣ, ବୀରତ୍ୱ, ଦକ୍ଷତା ପ୍ରଶାସନ ସବୁ କ୍ଷେତ୍ରରେ ଦୁହେଁ ଦୁହିଁଙ୍କୁ ଊଣା ନୁହନ୍ତି। ରାଜା ନିଜର ପୁତ୍ର ଜୟବର୍ଦ୍ଧନ ଓ ଶ୍ରୀବର୍ଦ୍ଧନ ମଧ୍ୟରୁ ନୂଆ ରାଜା ନିରୂପଣ ନ କରି, ପୁଣି ସେହିମାନଙ୍କ ଦ୍ୱାରା ନୂତନ ରାଜା ଚୟନ କରିବାକୁ କାହିଁକି କହିଲେ। ସମସ୍ତେ ବିସ୍ମୟରେ ଥିଲେ। ମହାରାଜ ନିରବତା ଭଙ୍ଗକରି କହିଲେ, "କ'ଣ ଆପଣମାନଙ୍କର କିଛି ପ୍ରଶ୍ନ କରିବାର ନାହିଁ? ଯଦି ନାହିଁ, ଆଜିର ସଭାକୁ ଏଇଠି ରଖାଯାଉ।"

ସମୟ ଗଡ଼ିଚାଲିଲା। ସମସ୍ତଙ୍କର ଉତ୍କଣ୍ଠା ବଢ଼ି ଚାଲିଲା। ଆମର ସ୍ଥିତପ୍ରଜ୍ଞ ରାଜା ବୀରବର୍ଦ୍ଧନ ଏପରି ରହସ୍ୟମୟ ପରିବେଶ ସୃଷ୍ଟି କାହିଁକି କରିଛନ୍ତି। କ'ଣ ପାଇଁ ରାଜା ଦୁଇ ରାଜକୁମାରଙ୍କ ମଧ୍ୟରୁ କାହାକୁ ରାଜା କରିବାକୁ ଚାହିଁଲେ ନାହିଁ। କିଏ ଏମିତି ପୁଣି ଆମର ରାଜା ହେଉଛିବ! ଏତାଦୃଶ ଙ୍ଗଶର ଓ ଉଦ୍‌ବେଗ ମଧ୍ୟରେ ଏକମାସ ବିତିଗଲା। ଉତ୍କଣ୍ଠାର ଚରମ ମୁହୂର୍ତ୍ତ ଉପଗତ। ପ୍ରଜାଏ ଖବର ପାଇଲେ କନିଷ୍ଠ ରାଜକୁମାର ଶ୍ରୀବର୍ଦ୍ଧନ ଉପଯୁକ୍ତ ସମୟରେ ଫେରି ଆସିଛନ୍ତି ଓ ସମସ୍ତଙ୍କ ସମ୍ମୁଖରେ ନୂଆ ରାଜାଙ୍କର ନାମ, ଧାମ ଓ ସମ୍ପୂର୍ଣ୍ଣ ବିବରଣୀ ଏକ ମୁଦବନ୍ଦୀ ଖୋଳରେ ପୂଜାର ମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କଲେ। ରାଜା ମଧ୍ୟ ଆଦେଶ ଦେଲେ ବଡ଼ ରାଜକୁମାର ନ ଫେରିବା ପର୍ଯ୍ୟନ୍ତ ଏହାକୁ ଗୁପ୍ତ ରଖାଯାଉ। ଏବେ ସମସ୍ତଙ୍କର ପ୍ରତୀକ୍ଷା ଜୟବର୍ଦ୍ଧନଙ୍କୁ। ରାଜା ମଧ୍ୟ ଅପେକ୍ଷାରେ ଅଛିନ୍ତି ଓ ବିରକ୍ତ। ସମୟ ସୀମା ପାର୍ କରିଛି। ଗୁପ୍ତଚର ଖବର ଦେଲା। ଯୁବରାଜ ଜୟବର୍ଦ୍ଧନ ଫେରିବା ସମ୍ଭବ ନୁହେଁ। କାରଣ ସେ ରାଜା ଚୟନ କରିବାକୁ ଯିବା ପରଦିନ ଦେଶର ଉତ୍ତରପୂର୍ବାଞ୍ଚଳରେ ସାମନ୍ତ ବିଦ୍ରୋହକୁ ଦମନ କରିବାରେ ମାସଟି କଟିଛି ଓ ସେଠାକାର ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ। ତା'ପରେ ଏହି ତିନିଦିନ ହେଲା ଜୟବର୍ଦ୍ଧନ ବୈଦେଶିକ ଶତ୍ରୁର ମୁକାବିଲା କରୁଛନ୍ତି। ବିନା ସୈନ୍ୟରେ ପ୍ରଜାମାନଙ୍କୁ ଏକଜୁଟ୍ କରି ବଡ଼ ରାଜକୁମାର ଅଦ୍ଭୁତ ବୀରତ୍ୱ ଓ ଦକ୍ଷତାର ସହିତ ସାମାନ୍ତ ଆକ୍ରମଣକୁ ପଣ୍ଡ କରିଦେଇଛନ୍ତି। ଶତ୍ରୁ ପରାସ୍ତ ଓ ନିହତ ମଧ୍ୟ। ଇତି ମଧ୍ୟରେ ପିତା ବୀରବର୍ଦ୍ଧନ ରାଜା ଚୟନ ସମ୍ବନ୍ଧରେ ମତାମତ କ'ଣ ଓ ଶୀଘ୍ର ଫେରି ଆସିବାକୁ ଦୂତ ପଠାଇଥିଲେ। ମାତ୍ର ଜୟବର୍ଦ୍ଧନ ସସମ୍ମାନେ ଦୂତକୁ ଫେରାଇ ଦେଇ ସମ୍ବାଦ ଦେଇଛନ୍ତି କି, "ମୁଁ ତ ଠିକ୍ ସମୟରେ ଫେରି ପାରିନାହିଁ। ରାଜା ଚୟନରେ ମୋ ମତ ଆବଶ୍ୟକ ନାହିଁ। ମୁଁ ଏଠାରେ ଆଉ କିଛିଦିନ ରହିବା ଜରୁରି ମନେକରୁଛି। ସାନଭାଇଙ୍କ ମତ ହିଁ ମୋ ମତ। ଏଣୁ ମୋ ଲାଗି ଅପେକ୍ଷା ନ କରି ପିତାଶ୍ରୀ ଓ ପୂଜ୍ୟ ପାରିଷଦବର୍ଗ ନୂଆ ରାଜା ଚୟନ କରିଦିଅନ୍ତୁ। ସେମାନଙ୍କର ମତ ମୋର ଶିରୋଧାର୍ଯ୍ୟ। ଆଗାମୀ ଅଭିଷେକ ପୂର୍ଣ୍ଣିମା ଦିନ ମୁଁ ରାଜନଅରେ ଫେରିବି।"

ବଡ଼ ରାଜକୁମାରଙ୍କର ଏତାଦୃଶ କାର୍ଯ୍ୟ ଓ ଶାଳୀନତାରେ ସମ୍ମୋହିତ ପ୍ରଜା, ସଭାସଦବର୍ଗ ସହିତ ସ୍ୱୟଂ ରାଜା ମଧ୍ୟ ଅଭିଭୂତ। ତଥାପି ସର୍ବ ଅନୁଯାୟୀ, ସାନ ରାଜକୁମାର ଶ୍ରୀବର୍ଦ୍ଧନଙ୍କର ମତର ସେ ନୂଆ ରାଜା କିଏ ବୋଲି ମତାମତର ମୁଦବନ୍ଦୀ ଖୋଳ ଖୋଲାଗଲା। ରାଜ୍ୟବାସୀ ସମସ୍ତେ ସ୍ତମ୍ଭୀଭୂତ, ବିସ୍ମିତ ଓ ଆହ୍ଲାଦିତ ହୋଇଗଲେ ଯେ ଶ୍ରୀବର୍ଦ୍ଧନ ବଡ଼ଭାଇ ଜୟବର୍ଦ୍ଧନଙ୍କୁ ହିଁ ଉପଯୁକ୍ତ ରାଜା ବୋଲି ମତ ଦେଇଥିଲେ।



ଶିବ ପ୍ରସାଦ ରାଉତ

ବନ୍ଧୁଡା,ବାସୁଦେବପୁର,ଭଦ୍ରକ
ମୋ - ୮୪୪୭୨୮୧୧୫

## ଭାବର ପସରା ନେଇ...


ଝୁଲି ଝୁଲି ଆସେ କାଳିଆ ଠାକୁର
ଚକାଚକା ଆଖି ମେଲି
ବଡ଼ଦେଉଳରୁ ବାହାରି ଆସନ୍ତି
ରତ୍ନସିଂହାସନ ଭୁଲି।
ଜନମ ବେଦିକି ଯିବାପାଇଁ ଜଗା
ହୋଇଲେଣି ପରା ବାଇ
ଭକତଙ୍କୁ ସିଏ ଦରଶନ ଦେବେ
ଭାବର ପସରା ନେଇ।
ବଡ଼ଦାଣ୍ଡେ ତିନିରଥ ପରା ଉଭା
ଚାରି ଦାରୁବିଗ୍ରହଙ୍କ ପାଇଁ
ତାରି ତାରି ଦେବି ବୁଲିଯିବେ ନାଥ
ଭାଇ ଭଉଣୀଙ୍କୁ ନେଇ।
ନଅ ଦିନ ଧରି ଯାତ୍ରା ଲୀଳା ଖେଳା
କରିବେ ଭକତ ମେଳେ
ଭକ୍ତ ମନ ଜାଣି ଫଳ ଦେଉଥିବେ
କୃପା ଥିବ ସବୁକାଳେ।
କି କିମିଆ ଅଛି ତାଙ୍କ ଚକାଡୋଳେ
ଭକତଙ୍କ ମନ ମୋହେ
ତାଙ୍କ ହାତେ ବନ୍ଧା ଜୀବନର ଡୋରି
ତାରିବେ ମହାପ୍ରଭୁ ସିଏ।



ନରେନ୍ଦ୍ର ନାଥ ପଟ୍ଟନାୟକ

ଓସ୍କାର ସିଟି,
ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର
ମୋ - ୯୪୩୮୩୩୧୦୩୮

## କୁନି ହାତରେ ତୂଳୀ






ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କୋରପୁର, ଢେଙ୍କାନାଳ





ଆଦ୍ୟାଶା ପ୍ରତିହାରୀ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ମିହିକା ଶାହ
ପଞ୍ଚମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଗଡ଼

## ମାଷ୍ଟର୍ସ କପ୍ ହକି

# ଓଡ଼ିଶା ମହିଳା ଦଳ ଚାମ୍ପିଅନ




ଭୁବନେଶ୍ୱର, ୨୭ ।୬ (ସମିସ)

ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଅନୁଷ୍ଠିତ ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଛି। ଶୁକ୍ରବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ଦଳ ୧-୦ ଗୋଲ୍‌ରେ ଅନ୍ୟତମ ଟାଇଟଲ୍ ଦାବିଦାର ପଞ୍ଜାବକୁ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩୪ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରର ଭରପୁର ଫାଇଦା ଉଠାଇ ରଞ୍ଜିତା ବେକ୍ ଓଡ଼ିଶା ପାଇଁ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୪-୧ ଗୋଲ୍‌ରେ ତାମିଲନାଡୁକୁ ହରାଇଥିଲା। ସେହିଭଳି ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହରିୟାଣା ୪-୩ ଗୋଲ୍‌ରେ ତାମିଲନାଡୁକୁ ହରାଇ କାଂସ୍ୟ ପଦକ ଜିତିଛି।

ଅପରପକ୍ଷରେ ପୁରୁଷ ବିଭାଗ ଫାଇନାଲରେ ତାମିଲନାଡୁ ୫-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିଅନ ହୋଇଛି। ତେବେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ପୁରୁଷ ଦଳ ୧-୨ ଗୋଲ୍‌ରେ ଚଣ୍ଡିଗଡ଼ ନିକଟରୁ ହାରି ପୋଡିୟମ ଫିନିଶ କରିବାରେ ବିଫଳ ହୋଇଛି। ଲାଜରୁସ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ୨ରୁ ଦୁଇ ବିଜୟ ସହ ନକ୍‌ଆଉଟ୍‌ରେ ପହଞ୍ଚିଥିଲା। ଏଠାରେ ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଆୟୋଜନ କରିଥିଲା।

## ଭାରତ-ଇଂଲଣ୍ଡ ପ୍ରଥମ ମହିଳା ଟି-୨୦ ଆଜି

ନଟିଂହାମ,୨୭ ।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶନିବାରଠାରୁ ଏଠାରେ ଆରମ୍ଭ ହେବାକୁଯାଉଛି। ଚଳିତ ବର୍ଷ ଶେଷ ଭାଗରେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଦଳରେ ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜଙ୍କ ଭଳି ଅଭିଜ୍ଞ ବ୍ୟାଟର୍ ଥିବାରୁ ଘରୋଇ ଇଂଲଣ୍ଡ ବୋଲରଙ୍କୁ ଉଚିତ୍ ମୁକାବିଲା କରିବେ ବୋଲି ଆଶା କରାଯାଉଛି। ସେହିଭଳି ବୋଲିଂରେ ଭାରତ ପାଇଁ ଅମନଜୋତ୍ କୌର, ସ୍ନେହ ରାଣା, ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ ପ୍ରମୁଖ ରହିଛନ୍ତି। ଅପରପକ୍ଷରେ ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ନେତୃତ୍ୱରେ ଖେଳୁଥିବା ଇଂଲଣ୍ଡ ମହିଳା ଦଳ ଏହି ସିରିଜରେ ଭାରତକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛି। ଶନିବାର ରାତି ୭ଟାରେ ପ୍ରଥମ ମ୍ୟାଚ୍ ଆରମ୍ଭ ହେବ।

**ମ୍ୟାଚ୍ ଆରମ୍ଭ :** ରାତି ୭.୦୦
**ପ୍ରସାରଣ :** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

# ନୂଆ ଚୁକ୍ତିରେ ରୋନାଲ୍ଡୋଙ୍କୁ ବର୍ଷକୁ ୨ ହଜାର କୋଟି

ରିୟାଧ, ୨୭ ।୬ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ୍ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଚାହିଦା ପରିଣତ ବୟସରେ ମଧ୍ୟ ଫିକା ପଡ଼ିବାର ନାମ ନେଉନାହିଁ। ୪୦ ବର୍ଷୀୟ ରୋନାଲ୍ଡୋ ସଦ୍ୟ ସାଉଦୀ ଆରବୀୟ ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଅଲ୍ ନାସର୍ ସହ ୨୦୨୭ ପର୍ଯ୍ୟନ୍ତ ଚୁକ୍ତି ବୃଦ୍ଧି କରିଛନ୍ତି। ୨ ବର୍ଷ ଲାଗି ଚୁକ୍ତି ବୃଦ୍ଧି ହୋଇଥିବା ନେଇ ରୋନାଲ୍ଡୋ ଓ ଅଲ୍ ନାସର୍ କ୍ଲବ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି। ତେବେ ରୋନାଲ୍ଡୋଙ୍କ ନୂଆ ଚୁକ୍ତି ବୃଦ୍ଧିକୁ ନେଇ ସାରା ବିଶ୍ୱରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନୂଆ ଚୁକ୍ତିରେ ରୋନାଲ୍ଡୋଙ୍କ ଉପରେ ଟଙ୍କାର ବୃଷ୍ଟି ହୋଇଥିବା କୁହାଯାଉଛି।

ଲଣ୍ଡନସ୍ଥିତ ଏକ କ୍ରୀଡ଼ାଭିତ୍ତିକ ଚ୍ୟାନେଲରେ ପ୍ରକାଶିତ ରିପୋର୍ଟ ମୁତାବକ, ରୋନାଲ୍ଡୋ ତାଙ୍କ ନୂଆ ଚୁକ୍ତିରେ ବର୍ଷକୁ ୧୭୮ ମିଲିୟନ ପାଉଣ୍ଡ ପାଉଣା ପାଇବେ। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୨ ହଜାର ୮୮ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହାକୁ ହିସାବ କଲେ ପ୍ରତି ସପ୍ତାହରେ ସେ ପାଉଣା ବାବଦକୁ ୪୦ କୋଟି ଟଙ୍କା ପାଇବେ। ଏହାବାଦ୍ ବୋନସ୍ ଆକାରରେ ଆହୁରି କିଛି ଆକର୍ଷଣୀୟ ପୁରସ୍କାର ମଧ୍ୟ ରୋନାଲ୍ଡୋଙ୍କ ପାଇଁ କ୍ଲବ ତରଫରୁ ଘୋଷଣା କରାଯାଇଛି। ଯଦି ଅଲ୍ ନାସର୍ କ୍ଲବ ସାଉଦୀ ପ୍ରୋ ଲିଗ୍‌ରେ ଚାମ୍ପିଅନ ହୁଏ ତେବେ ରୋନାଲ୍ଡୋଙ୍କୁ ୬୮ କୋଟି ୩୮ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ସେହିଭଳି ଅଲ୍ ନାସର୍ ଏସିଆନ ଚାମ୍ପିଅନ ହେଲେ ରୋନାଲ୍ଡୋଙ୍କୁ ୪୨.୭୪ କୋଟି ଟଙ୍କା ବୋନସ୍ ପ୍ରଦାନ କରାଯିବ। ରୋନାଲ୍ଡୋ ଯଦି ଗୋଲ୍ଡେନ ବୁଟ୍ ଜିତନ୍ତି ତେବେ କ୍ଲବ ତରଫରୁ ତାଙ୍କୁ ୩୪.୧୯ କୋଟି ଟଙ୍କା ଦିଆଯିବ। ସେହିଭଳି ପ୍ରତି ଗୋଲ୍ ପିଛା ୮୦ ଲକ୍ଷ ଟଙ୍କା ଓ ଆସିଷ୍ଟ ଲାଗି ୪୭ ଲକ୍ଷ ଟଙ୍କା ପାଇବେ। ରୋନାଲ୍ଡୋଙ୍କ ପାଉଣା ଓ ଏଭଳି ଆଖି ଝଲସିବା ଭଳି ବୋନସ୍‌କୁ ନେଇ ଏବେ କ୍ରୀଡ଼ା ଜଗତରେ ଖବରର ଶିରୋନାମା ପାଲଟିଛି। ପ୍ରକାଶଯୋଗ୍ୟ, ୨୦୨୨ରେ ରୋନାଲ୍ଡୋ ପ୍ରଥମେ ଅଲ୍ ନାସର କ୍ଲବରେ ୩ ବର୍ଷ ଲାଗି ଯୋଗଦେଇଥିଲେ। ଏହି ସମୟ ମଧ୍ୟରେ ସେ ୧୦୫ ମ୍ୟାଚ୍ ଖେଳି ୯୩ଟି ଗୋଲ୍‌ସ୍କୋର କରିଥିଲେ।




### ସଂକ୍ଷେପରେ ରୋନାଲ୍ଡୋଙ୍କ ନୂଆ ଚୁକ୍ତି

- ବର୍ଷକୁ ପାଇବେ ୨ ହଜାର ୮୮ କୋଟି ଟଙ୍କା ପାଉଣା
- ଦ୍ୱିତୀୟ ବର୍ଷରେ ୪୪୬ କୋଟି ପାଉଣା ବୃଦ୍ଧି
- ସାଉଦୀ ପ୍ରୋ ଲିଗ୍ ଜିତିଲେ ୬୮.୩୮ କୋଟି ବୋନସ୍
- ଏସିଆନ ଚାମ୍ପିଅନ ହେଲେ ୪୨.୭୪ କୋଟି ବୋନସ୍
- ଗୋଲ୍ଡେନ ବୁଟ୍ ଜିତିଲେ ୩୪.୧୯ କୋଟି ବୋନସ୍
- ପ୍ରତି ଗୋଲ୍ ପାଇଁ ୮୦ ଲକ୍ଷ ଟଙ୍କା
- ପ୍ରତି ଆସିଷ୍ଟ ପାଇଁ ୪୭ ଲକ୍ଷ ଟଙ୍କା

**ଦ୍ୱିତୀୟ ଟେଷ୍ଟ**

## ପାଳି ପରାଜୟ ଏଡ଼ାଇବାକୁ ବାଂଲାଦେଶର ସଂଘର୍ଷ

କଲମ୍ବୋ, ୨୭ ।୬ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ ଜାରି ରଖିଛି। ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୮.୪ ଓଭରରେ ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଛି। ଏହି ସମୟରେ ୱିକେଟରକ୍ଷକ ଲିଟନ ଦାସ ୧୩ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁସଫିକର ରହିମ ୨୬, ମୋମିନୁଲ ହକ୍ ୧୫, ମେହେଦୀ ହାସନ ମିରାଜ ୧୧, ଶଦାମନ ଇସଲାମ ୧୨ ଏବଂ ଏନାମୁଲ ହକ୍ ଓ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୧୯ ରନ ଲେଖାଏ କରି ଆଉଟ୍ ହୋଇଛନ୍ତି। ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ଓ ପ୍ରବଥା ଜୟସୂରିୟା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଦ୍ୱିତୀୟ ପାଳିରେ ୪ ୱିକେଟ୍ ବଳକା ଥାଇ ବାଂଲାଦେଶ ପାଳି ପରାଜୟ ଏଡ଼ାଇବାକୁ ଆହୁରି ୯୬ ରନ ଆବଶ୍ୟକ କରୁଛି। ପୂର୍ବରୁ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୪୭ ରନ ଜବାବରେ ଶ୍ରୀଲଙ୍କା ଗୁରୁବାର ସୁଦ୍ଧା ୨ ୱିକେଟ୍‌ରେ ୨୯୦ ରନ କରିଥିଲା। ଶୁକ୍ରବାର ସକାଳେ ଏହି ଅସମାପ୍ତ ପ୍ରଥମ ପାଳି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଶ୍ରୀଲଙ୍କା ୪୫୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୧୪୬ ରନରେ ଅପରାଜିତ ଥିବା ଓପନର୍ ପାଥୁମ ନିଶାଙ୍କା ଆଜି ୧୫୮ ରନ କରି ତାଇଜୁଲ ଇସଲାମଙ୍କ ଶିକାର ବନିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନେଶ ଚାଣ୍ଡିମଲ୍ ୯୩, କୁଶଲ ମେଣ୍ଡିସ ୮୪, କାମିନ୍ଦୁ ମେଣ୍ଡିସ ୩୩ ରନ କରିଥିଲେ। ବୋଲିଂରେ ତାଇଜୁଲ୍ ୫ ଏବଂ ନଇମ୍ ହାସନ ୩ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟ ଡ୍ର ରହିଥିବାରୁ ଏହି ମ୍ୟାଚ୍‌ରେ ବିଜୟୀ ଦଳ ସିରିଜ ଜିତିବ।



ତାଇଜୁଲ ଇସଲାମ

## ଗଣଶିକ୍ଷା ବିଭାଗରେ ରିଙ୍କୁଙ୍କୁ ମିଳିଲା ଚାକିରି



ଲକ୍ଷ୍ନୌ, ୨୭ ।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ରିଙ୍କୁ ସିଂଙ୍କ ସମେତ ୬ଜଣ ଖେଳାଳିଙ୍କୁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗରେ ନିଯୁକ୍ତି ମିଳିଛି। ୨୭ ବର୍ଷୀୟ ରିଙ୍କୁଙ୍କୁ ଗଣଶିକ୍ଷା ବିଭାଗ ଅଧିନରେ ଜିଲ୍ଲା ମୌଳିକ ଶିକ୍ଷା ଅଧିକାରୀ (ବିଏସ୍‌ଏ) ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ପାରା ଆଥ୍‌ଲେଟ୍ ପ୍ରବୀଣ କୁମାର (ଡିଏସ୍‌ପି), ହକି ଖେଳାଳି ରାଜକୁମାର ପାଲ୍ (ଡିଏସ୍‌ପି), ପାରା ଆଥ୍‌ଲେଟ୍ ଅଜିତ୍ ସିଂ (ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ), ସିମରନ (ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ), ପାରା ଆଥ୍‌ଲେଟ୍ ପ୍ରିତି ପାଲ୍ (ବ୍ଲକ ଉନ୍ନୟନ ଅଧିକାରୀ) ଓ କିରନ ବାଲିୟାନ (ଗ୍ରାମୀଣ ବିକାଶ ବିଭାଗ)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଅନ୍ତର୍ଜାତୀୟସ୍ତରରେ ପଦକ ବିଜେତାଙ୍କୁ ସିଧାସଳଖ ନିଯୁକ୍ତି ନେଇ ଉତ୍ତର ପ୍ରଦେଶ ସରକାରଙ୍କ ରହିଥିବା ନିୟମ ଅନୁଯାୟୀ ଏହି ଚାକିରି ପ୍ରଦାନ କରାଯାଇଛି।

## ପ୍ରଶଂସକଙ୍କ ସ୍ୱପ୍ନ ପୂରଣ କଲେ ନୀରଜ



ନୂଆଦିଲ୍ଲୀ,୨୭ ।୬ (ଏଜେନ୍ସି): ଭାରତୀୟ ଆଥ୍‌ଲେଟିକ ସୁପର୍ ଷ୍ଟାର୍ ନୀରଜ ଚୋପ୍ରାଙ୍କ ନାମରେ ଜୁଲାଇ ୫ରେ ବେଙ୍ଗାଲୁରୁରେ 'ନୀରଜ ଚୋପ୍ରା କ୍ଲାସିକ' ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଏକଦିବସୀୟ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ନୀରଜଙ୍କ ବ୍ୟତୀତ ବିଶ୍ୱର ଏକାଧିକ ତାରକା ଜାଭେଲିନ୍ ଫିଙ୍ଗାଳୀ ଅଂଶଗ୍ରହଣ କରିବେ। ଏହି ଅନ୍ତର୍ଜାତୀୟ ଜାଭେଲିନ୍ ଇଭେଣ୍ଟ ଲାଗି ନୀରଜ ଏଭଳି କିଛି ମହନୀୟତା ଦେଖାଇଛନ୍ତି ଯାହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ରିପୋର୍ଟରୁ ଜଣାପଡ଼ିଛି ଯେ, ରଞ୍ଜିତ ନାମକ ଜଣେ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟର ଅଫିସିଆଲ୍ ଏକ୍ସ' ଆକାଉଣ୍ଟରେ ଏକ ଲେଖା ପୋଷ୍ଟ କରିଥିଲେ। ଏଥିରେ ସେ ଲେଖିଥିଲେ, 'ମୋତେ ଯଦି କେହି ୨ ହଜାର ଟଙ୍କା ଦେବ ତେବେ ସେ କୋଏମ୍ବାଟୁର୍‌ରୁ ଯାଇ ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟ ଦେଖିପାରିବେ।' ରଞ୍ଜିତଙ୍କ ଏହି ପୋଷ୍ଟରେ ଜବାବ ରଖି ନୀରଜ ଲେଖିଥିଲେ, 'ହେଲୋ ରଞ୍ଜିତ, ତୁମର ଭିଭିଆଇପି ପାସ୍ ବେଙ୍ଗାଲୁରୁରେ ଅପେକ୍ଷା କରିଛି। ତୁମର ସମ୍ପୂର୍ଣ୍ଣ ଗସ୍ତ ଖର୍ଚ୍ଚ ମୁଁ ବହନ କରିବି। ହଁ ରେଡିସନ ହୋଟେଲ୍‌କୁ ମଧ୍ୟ ଧନ୍ୟବାଦ। ସେଠାରେ ତୁମର ରହିବା ବ୍ୟବସ୍ଥା ହୋଇଛି। ତୁମେ ମୋଠାରୁ ୯୦ ମିଟର ଦୂରରେ ରହିବ। ଖୁବ୍ ଶୀଘ୍ର ଭେଟ ହେବ।' ନୀରଜଙ୍କ ଏହି ପୋଷ୍ଟ ପରେ ରଞ୍ଜିତଙ୍କ ବେଙ୍ଗାଲୁରୁରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟ ଦେଖିବା ସ୍ୱପ୍ନ ପୂରଣ ହୋଇଥିବା ଜଣାପଡ଼ିଛି।

**ପ୍ରଥମ ୟୁଥ୍ ଦିନିକିଆ**
**ଫ୍ଲିଣ୍ଟଫ୍‌ଙ୍କ ଅର୍ଦ୍ଧଶତକ ବ୍ୟର୍ଥ**

## ଭାରତକୁ ଜିତାଇଲେ ସୂର୍ଯ୍ୟବଂଶୀ

ହୋଭ୍, ୨୭ ।୬ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ପ୍ରଥମ ଦିନିକିଆରେ ସହଜ ବିଜୟ ହାସଲ କରିଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ୟୁଥ୍ ଦିନିକିଆ ମ୍ୟାଚରେ ଭାରତ ୪ ୱିକେଟ୍‌ରେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳକୁ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ୪୨.୨ ଓଭରରେ ୧୭୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି ଫ୍ଲିଣ୍ଟଫ୍ ସର୍ବାଧିକ ୫୬ ରନ କରିଥିଲେ। ରକି ତାଙ୍କ ୯୦ ବଲ୍ ପାଳିରେ ୩ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ କନିଷ୍କ ଚୌହାନ ସର୍ବାଧିକ ୩ ଏବଂ ହେନିଲ ପଟେଲ, ଆର୍‌ଏସ୍ ଆମ୍ବ୍ରିସ ଓ ମହମ୍ମଦ ଏନାନ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଭାରତୀୟ ୟୁଥ୍ ଦଳ ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ୨୪ ଓଭରରେ ୪ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ବୈଭବ ମାତ୍ର ୧୯ ବଲ୍ ଖେଳି ୫ ଛକା ଓ ୩ ଚୌକା ସହାୟତାରେ ୪୮ ରନର ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ଆୟୁଷ ମହାତ୍ରେ ୨୧, ୱିକେଟକିପର ଅଭିଜ୍ଞ କୁଣ୍ଡୁ ଅପରାଜିତ ୪୫ ଓ ରାହୁଲ କୁମାର ଅପରାଜିତ ୧୭ ରନ କରିଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମୁକାବିଲା ସୋମବାର ଖେଳାଯିବ।

## ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍‌ରେ ସତ୍ୟ ଚାମ୍ପିଅନ

ଭୁବନେଶ୍ୱର, ୨୭ ।୬ (ସମିସ): କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ର ସତ୍ୟ ନାରାୟଣ ସ୍ୱାଇଁ ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଦିବ୍ୟଦୃଷ୍ଟି ଶତପଥୀ ୨ୟ ଓ ମଦର୍ସ ପବ୍ଲିକ ସ୍କୁଲର ଆର୍ଯ୍ୟମ ପ୍ରଧାନ ୩ୟ ସ୍ଥାନ ହାସଲ କରିଥିଲେ। ସେହିଭଳି ବିଭିନ୍ନ ବୟସବର୍ଗରେ ଭେଦିକା ସିଂ (୬ ବର୍ଷରୁ କମ୍), କିର୍ତ୍ତୀଷ କୁମାର ସାହୁ (୭ ବର୍ଷରୁ କମ୍), ମୃତ୍ୟୁଞ୍ଜୟ ବିଶ୍ୱାସ (୮ ବର୍ଷରୁ କମ୍) ଓ ଅନ୍ୱେଷା ଆର୍ଯ୍ୟନନ୍ଦିନୀ (ବାଳିକା) ପ୍ରଥମ ସ୍ଥାନ ହାସଲ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ସ୍କୁଲର ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଭାଇସ୍-ପ୍ରିନ୍ସିପାଲ୍ ପ୍ରଜ୍ଞାପାରମିତା ସାହୁ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଉପସ୍ଥିତ ରହିଥିଲେ।



## ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କ ନାମରେ ସାଂଘାତିକ ଅଭିଯୋଗ

ବାର୍ବାଡସ୍,୨୭ ।୬ (ଏଜେନ୍ସି):

ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ବର୍ତ୍ତମାନ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଛି। ତେବେ ଏହି ସମୟରେ ଏକ ଖବର ସାମ୍ନାକୁ ଆସିଛି, ଯାହା ହଇଚଇ ସୃଷ୍ଟି କରିଛି। ଜଣେ ୱେଷ୍ଟଇଣ୍ଡିଜ କ୍ରିକେଟର୍‌ଙ୍କ ଉପରେ ୧୧ ମହିଳାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ଆସିଛି।

**୧୧ ମହିଳାଙ୍କୁ କରିଛନ୍ତି ବଳାତ୍କାର**

ଯଦିଓ ଏପର୍ଯ୍ୟନ୍ତ ସେହି କ୍ରିକେଟର୍‌ଙ୍କ ନାମ ପ୍ରକାଶ କରାଯାଇ ନାହିଁ ତେବେ ସେ ଗୁୟାନା ରାଷ୍ଟ୍ରର ଏବଂ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଛନ୍ତି ବୋଲି ଜଣାପଡ଼ିଛି।

କାରବୀୟ ସ୍ପୋର୍ଟ୍ସ ମାକ୍ସ ଚ୍ୟାନେଲ ଏହାର ରିପୋର୍ଟରେ ଦର୍ଶାଇଛି ଯେ, ଗୁୟାନାର ଏହି ଖେଳାଳିଙ୍କ ନାମରେ ଆସିଥିବା ଅଭିଯୋଗ ନେଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ)କୁ ପ୍ରଶ୍ନ ପଚରାଯାଇଥିଲା। ଏହାର ଉତ୍ତରରେ କ୍ରିକେଟ୍ ୱେଷ୍ଟଇଣ୍ଡିଜର ସଭାପତି କିଶୋର ସାଲୋ କହିଛନ୍ତି, 'ବୋର୍ଡ ପାଖରେ ଏନେଇ କିଛି ସୂଚନା ନାହିଁ। ତେଣୁ ବୋର୍ଡ ପକ୍ଷରୁ ଏହା ଉପରେ କୌଣସି ଉତ୍ତର ଦିଆଯାଇପାରିବ ନାହିଁ। ଏହି ସମ୍ବେଦନଶୀଳ ଖବର ପ୍ରଥମେ ଗୁୟାନାର ସ୍ଥାନୀୟ ଖବରକାଗଜ 'କାଇଏଟର ସ୍ପୋର୍ଟ୍ସ'ରେ ପ୍ରକାଶ ପାଇଥିଲା। ଏଥିରେ ସେହି କ୍ରିକେଟର୍‌ଙ୍କ ଦ୍ୱାରା ୧୧ଜଣ ମହିଳା ବଳାତ୍କାର ଓ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଦାବି କରିଥିଲେ। ଏଥିରେ ଜଣେ ନାବାଳିକା ମଧ୍ୟ ରହିଥିବା ଜଣାପଡ଼ିଛି। ପ୍ରକାଶ ପାଇଥିବା ଏହି ରିପୋର୍ଟର ହେଡ୍ ଲାଇନ୍ 'ମନଷ୍ଟର ଇନ୍ ମାରୁନ' ରଖାଯାଇଛି। ୨୦୨୪ରେ ଗାବାରେ ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ଟେଷ୍ଟ ବିଜୟରେ ସେହି ଖେଳାଳି ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ ବୋଲି ଜଣାପଡ଼ିଛି। ତେବେ ପୀଡ଼ିତାଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ଦାଖଲ କରାଯାଇନାହିଁ।




## ହେଡ୍, ୱେବ୍‌ଷ୍ଟର ଅଷ୍ଟ୍ରେଲିଆ ପାଇଁ ଲଢ଼ିଲେ

ବାର୍ବାଡସ୍,୨୭ ।୬ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିବାରେ ସମର୍ଥ ହୋଇଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୧୮୦ ରନ ଜବାବରେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ଅଲ୍‌ଆଉଟ୍ ହେବା ସହ ୧୦ ରନରେ ଅଗ୍ରଣୀ ହାସଲ କରିଛି। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ୱିକେଟ୍‌କିପର ସାଇ ହୋପ୍ ୪୮, ଅଧିନାୟକ ରୋଷ୍ଟନ ଚେଜ୍ ୪୪, ଅଲ୍‌ଜାରୀ ଜୋସେଫ୍ ଅପରାଜିତ ୨୩ ରନ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ମିଚେଲ ଷ୍ଟାର୍କ ୩ଟି ଏବଂ ଜୋଶ୍ ହାଜଲେଉଡ୍, ଅଧିନାୟକ ପ୍ୟାଟ୍ କମିନ୍ସ ଓ ବିଉ ୱେବଷ୍ଟର ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

ଜବାବରେ ୧୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୬୫ ରନ ମଧ୍ୟରେ ଉସମାନ ଖୱାଜା (୧୫ ରନ), ସାମ୍ କନଷ୍ଟାଟସ୍ (୫), ଜୋଶ୍ ଇଂଲିଶ (୧୨) ଓ କାମେରନ ଗ୍ରୀନ (୧୫ ରନ)ଙ୍କ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୫ମ ୱିକେଟ୍ ଯୋଡ଼ିରେ ଟ୍ରାଭିସ୍ ହେଡ୍ ଓ ୱେବଷ୍ଟର ୧୦୨ ରନର ଶତକୀୟ ଭାଗୀଦାରି କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ଶୁକ୍ରବାର ତୃତୀୟ ଦିବସ ଶେଷ ଖବର ସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୬୩ ଓଭର ଖେଳି ୬ ୱିକେଟରେ ୨୦୮ ରନ କରିଛି। ଆଲେକ୍ସ କେରୀ ୨୧ ଓ ପ୍ୟାଟ୍ କମିନ୍ସ ୦ ରନ କରି ଅପରାଜିତ ରହିଛନ୍ତି। ହେଡ୍ ୬୧ ଓ ୱେବଷ୍ଟର ୬୩ ରନରେ ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ୪ ୱିକେଟ୍ ବଳକା ଥାଇ ୧୯୮ ରନରେ ଅଗ୍ରଣୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS